

ପାଡିକଲ୍ଙ୍କ ପ୍ରଥମ ଟେଷ୍ଟ ଶତକ

▶ପୃଷ୍ଠା ୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-53 ◆MONDAY ◆17 AUGUST 2026 ◆PAGE-12 ◆₹ 7.00

PANIKOILI

◆ବର୍ଷ-୪୪ ◆ସଂଖ୍ୟା-୫୩ ◆ସୋମବାର ◆୧୭ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ନାଳ ଖୋଳୁଥିବା ବେଳେ ମିଳିଲା ୮୬ କୋଟିର ସୁନା

■ ଡେଣ୍ଡରମୋଣ୍ଡ, ୧୬।୮ (ଏଜେନ୍ସି): ବେଲଜିୟମରେ ନାଳ ନିର୍ମାଣ ପାଇଁ ମାଟି ଖୋଳୁଥିବା ବେଳେ ୧୮ ବର୍ଷୀୟ ଛାତ୍ରଙ୍କୁ ପ୍ରାୟ ୮୫ କୋଟି ୯୦ ଲକ୍ଷ ଟଙ୍କା ମୂଲ୍ୟର ସୁନା ଭଣ୍ଡାର ମିଳିଛି। ଏଥିରେ ସୁନା ମୁଦ୍ରା, ସୁନା ଖଣ୍ଡ ଓ ଚିହ୍ନିତ ସୁନା ବାର ରହିଛି। ଡେଣ୍ଡରମୋଣ୍ଡ ଅଞ୍ଚଳର ଏକ ପୁରୁଣା ମଦଭାଟି ସ୍ଥଳରେ ନାଳା ପାଇଁ ଖନନ କରୁଥିବା ସମୟରେ ଛାତ୍ର କୋବେ ଓ ତାଙ୍କ ସହକର୍ମୀମାନେ ପ୍ରଥମେ କିଛି ମୁଦ୍ରା ଭଳି ଜିନିଷ ଦେଖିଥିଲେ। ଅଧିକ ଖୋଳିବା ପରେ ଏକ ସୁନା ବାର ମିଳିବାରୁ ସେମାନେ ଚକିତ ହୋଇଥିଲେ। ଏକ ପୁରୁଣା ଭବନର ଇଟାରେ ବନ୍ଦ ତଳଘର କାନ୍ଥ ଭିତରେ ଏହି ସୁନା ଏକ ବ୍ୟାଗରେ ଲୁଚାଇ ରଖାଯାଇଥିଲା। ଭଣ୍ଡାରଟି ପୂର୍ବତନ ମଦଭାଟି ମାଲିକଙ୍କ ପରିବାର ସହ ଜଡ଼ିତ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଛାତ୍ର ଓ ସହକର୍ମୀମାନେ ତୁରନ୍ତ ପୁଲିସକୁ ଖବର ଦେବା ପରେ ସୁନାକୁ ବ୍ରସେଲ୍ସର ଏକ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସୁନା ଚୋରି ହୋଇଥିବା କିମ୍ବା ▶ପୃଷ୍ଠା-୭



## ୧୩ ହଜାର ଫୁଟରେ ତ୍ରିରଙ୍ଗା ଉଡ଼ାଇ ବିଶ୍ୱ ରେକର୍ଡ



■ ଦୁବାଇ, ୧୬।୮ (ଏଜେନ୍ସି): ସ୍ୱାଧୀନତା ଦିବସ ପୂର୍ବରୁ ଲିବ୍ୟାର ବେଙ୍ଗାଜୀରେ ଏକ ଅନନ୍ୟ ବିଶ୍ୱ ରେକର୍ଡ ସୃଷ୍ଟି ହୋଇଛି। ଏକକାଳୀନ ୬୫ ଜଣ ସ୍କାଏଡାଇଭର୍ଙ୍କ ମଧ୍ୟରେ ୟୁଏଇରେ ବାସ କରୁଥିବା ତିନି ଜଣ ଭାରତୀୟ ୧୩,୦୦୦ ଫୁଟ ଉଚ୍ଚତାରୁ ବିମାନରୁ ଡେଇଁ ଆକାଶରେ ଭାରତୀୟ ଜାତୀୟ ପତାକା ଉଡ଼ାଇ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ଗତ ୭ ତାରିଖରେ ଅନୁଷ୍ଠିତ ଏହି ଅଭିଯାନରେ ବିଶ୍ୱର ପ୍ରାୟ ୩୮ଟି ଭିନ୍ନଭିନ୍ନ ଦେଶର ଖେଳାଳି ସାମିଲ ହୋଇଥିଲେ। ଏହି ତିନିଜଣ ଭାରତୀୟ ପ୍ରତିନିଧି ହେଲେ କେରଳମ୍ର ଜାମସୀର ଥାନାଲୋଟ୍, ଉତ୍ତରପ୍ରଦେଶର ଅଭିଷେକ ରାୱତ ଏବଂ ବିହାରର ଇଶା ରାଜ୍। ଏତେ ଉଚ୍ଚତାରୁ ବଡ଼ ବଡ଼ ଜାତୀୟ ପତାକା ଧରି ଖସିବା ଏବଂ ପାରାଚୁଟ୍ ସହିତ ପତାକା ଅଲଗା ରଖି ନିର୍ଦ୍ଦିଷ୍ଟ କ୍ୟାମେରା ଜୋନ୍ରେ ସୁରକ୍ଷିତ ଅବତରଣ କରିବା ଅତ୍ୟନ୍ତ କଠିନ ଥିଲା। କଠିନ ପ୍ରଶିକ୍ଷଣ ଏବଂ ପରୀକ୍ଷାମୂଳକ ଜମ୍ପ ପରେ ଏମାନେ ଏହି ସଫଳତା ହାସଲ କରିଥିଲେ, ଯାହାର ସ୍ୱୀକୃତି ସ୍ୱାଧୀନତା ଦିବସ ପୂର୍ବରୁ ମିଳିଥିଲା। ବିଦେଶରେ ରହି ମଧ୍ୟ ଦେଶର ଗୌରବ ବୃଦ୍ଧି କରିଥିବା ▶ପୃଷ୍ଠା-୭

## ଲଘୁଚାପ ଘନୀଭୂତ

# ଦୁଇ ଦିନ ବଡ଼ ବର୍ଷା

■ ଭୁବନେଶ୍ୱର, ୧୬।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ସଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ଆହୁରି ଶକ୍ତିଶାଳୀ ହୋଇ ସୋମବାର ସୁଦ୍ଧା ଅବପାତର ରୂପ ନେବ। ଏବେ ଏହା ସୁନ୍ଦରବନ ନିକଟବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିଥିବା ବେଳେ ଏହା ପ୍ରଭାବରେ ଆହୁରି ୨ ଦିନ ଉତ୍ତର ଓଡ଼ିଶାରେ ଭୀଷଣ ବର୍ଷା ଆଶଙ୍କା କରାଯାଇଛି। ଅନ୍ୟପଟେ ଗୋଟିଏ ଲଘୁଚାପ ନ ଯାଉଣୁ ପଛକୁ ପଛ ଲଘୁଚାପ ଆଶଙ୍କା ଜାରି ରହୁଥିବାରୁ ମାସ ଶେଷ ପର୍ଯ୍ୟନ୍ତ ଉତ୍ତର ଓଡ଼ିଶାବାସୀ ବନ୍ୟା ଦାଉରୁ ରକ୍ଷା ପାଇବାର ସମ୍ଭାବନା କ୍ଷୀଣ ରହିଛି। କାରଣ ମାସ ଶେଷ ବେଳକୁ ପୁଣି ଏକ ଲଘୁଚାପ ଆଶଙ୍କା ରହିଥିବାରୁ ରାଜ୍ୟରେ ବର୍ଷାର ଆଶଙ୍କା ଲୋକଙ୍କ ପାଇଁ ଚିନ୍ତା ବଢ଼ାଇଛି।

ପାଣିପାଗ କେନ୍ଦ୍ର କହିଛି ଆସନ୍ତାକାଲି ଅର୍ଥାତ ଅଗଷ୍ଟ ୧୭ ତାରିଖରୁ ବର୍ଷାର ପରିମାଣ ବଢ଼ିବାର ଆଶଙ୍କା ରହିଛି। ଲଘୁଚାପ ଅବପାତର ରୂପ ନେବା ହେତୁ ଅତି ଭୀଷଣ ବର୍ଷା ପାଇଁ ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଭଦ୍ରକ, ଢେଙ୍କାନାଳ,

### ଆଜି ଉତ୍ତର ଓଡ଼ିଶାର ୩ ଜିଲ୍ଲାକୁ ରେଡ୍ ଆଲର୍ଟ

### ମାସ ଶେଷ ବେଳକୁ ପୁଣି ଏକ ଲଘୁଚାପ

ଯାଜପୁର, କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ବର୍ଷା ପାଇଁ ଜଗତସିଂହପୁର, ଖୋରଧା, ନୟାଗଡ଼, ବୌଦ୍ଧ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୋନପୁର, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାକୁ ପାଣିପାଗ ବିଭାଗ ସତର୍କତା ଜାରି କରିଛି। ▶ପୃଷ୍ଠା-୭

## ବିପଦ ସଙ୍କେତ ଟପିଲା ବୈତରଣୀ, ସାଳନ୍ଦୀ



■ ଭଦ୍ରକ, ୧୬।୮ (ସମିସ): ଭଦ୍ରକ ଜିଲ୍ଲାରେ ଦୁଇ ପ୍ରମୁଖ ନଦୀ ବୈତରଣୀ ଓ ସାଳନ୍ଦୀ ନଦୀରେ ପୁଣି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗତ ଶନିବାର ରାତିରୁ ଉଭୟ ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ରବିବାର ସକାଳେ ବୈତରଣୀ ନଦୀର ଜଳସ୍ତର ଆଖୁଆପଦାଠାରେ ବିପଦ ସଙ୍କେତ ଅତିକ୍ରମ କରିଥିବାବେଳେ ରାଜଘାଟଠାରେ ସାଳନ୍ଦୀ ନଦୀର ଜଳସ୍ତର ବିପଦ ସଙ୍କେତ ନିକଟତର ହୋଇଛି। ଆଖୁଆପଦାଠାରେ ବୈତରଣୀ ନଦୀର ବିପଦ ସଙ୍କେତ ୧୮.୩୩ ମିଟର ରହିଥିବାବେଳେ ରବିବାର ଅପରାହ୍ନ ୧ଟା ସୁଦ୍ଧା ନଦୀର ଜଳସ୍ତର ୧୮.୩୬ ମିଟର ରହିଛି। ଫଳରେ ଏଠାରେ ନଦୀର ଜଳସ୍ତର ବିପଦ ସଙ୍କେତଠାରୁ ଅଧିକ ରହିଛି। ସେହିପରି ରାଜଘାଟଠାରେ ସାଳନ୍ଦୀ ନଦୀର ବିପଦ ସଙ୍କେତ ୧୭ ଫୁଟ୍ ରହିଥିବାବେଳେ ଅପରାହ୍ନ ୧ଟା ସୁଦ୍ଧା ଏଠାରେ ଜଳସ୍ତର ୧୬.୯୦ ଫୁଟ୍ରେ ପ୍ରବାହିତ ହେଉଥିଲା। ରାତିରୁ ବର୍ଷା ଲାଗି ରହିଥିବାରୁ ଉଭୟ ନଦୀର ଜଳସ୍ତର ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। ବୈତରଣୀ ନଦୀରୁ କଣ୍ଟିଘାଇ ଏସ୍କେପ୍, ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସ୍କେପ୍ ▶ପୃଷ୍ଠା-୭

## ପଶ୍ଚିମବଙ୍ଗ ରାଜନୀତିରେ କମ୍ପନ

## ପୂର୍ବତନ ମନ୍ତ୍ରୀଙ୍କ ଆତ୍ମହତ୍ୟା



### ଟିଏମ୍ସି କାର୍ଯ୍ୟାଳୟରୁ ମିଳିଲା ଝୁଲନ୍ତା ମୃତଦେହ

### ବିଜେପି ସରକାରକୁ ଦାୟୀକଲେ ମମତା

■ କୋଲକାତା, ୧୬।୮ (ଏଜେନ୍ସି): ରାଜ୍ୟ ବିଧାନସଭା ନିର୍ବାଚନ ପରେ ପଶ୍ଚିମବଙ୍ଗରେ ଆରମ୍ଭ ହୋଇଯାଇଛି ପ୍ରତିଶୋଧର ଖେଳ। ପ୍ରଥମ ଥର ଲାଗି କ୍ଷମତାକୁ ଆସିଥିବା ବିଜେପି ସରକାର ଏବେ ମୁଖ୍ୟ ବିରୋଧୀ ଦଳ ମମତା ବାନାର୍ଜୀଙ୍କ ଟିଏମ୍ସିକୁ ଟାର୍ଗେଟ କରି ଚାଲିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ମମତାଙ୍କ ସମେତ ଅନେକ ଦଳୀୟ ନେତାଙ୍କୁ ଆକ୍ରମଣ କରାଯାଉଛି। ଟିଏମ୍ସିରେ ବିଭାଜନ ପରେ ଏବେ ଏହାର ନେତାଙ୍କୁ ବିଭିନ୍ନ ମାମଲାରେ ଗିରଫ କରାଯାଉଛି। ଏହାକୁ ନେଇ ରାଜ୍ୟରେ ଆତଙ୍କଜନକ ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଟିଏମ୍ସିର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ଉପବାଚସ୍ପତି ଆଶିଷ ବାନାର୍ଜୀ ଆଜି ଆତ୍ମହତ୍ୟା କରିଛନ୍ତି। ସେ କେବେହେଲେ ଦୁର୍ନୀତି କରିନାହାନ୍ତି ଏବଂ ସେ ନିର୍ଦ୍ଦୋଷ ବୋଲି ତାଙ୍କ ମୃତଦେହ ନିକଟରୁ ସୁଇସାଇଡ୍ ନୋଟ୍ ମିଳିଛି। ଏହାକୁ ନେଇ ରାଜ୍ୟ ରାଜନୀତିରେ ପ୍ରଚଣ୍ଡ କମ୍ପନ ସୃଷ୍ଟି ହୋଇଛି। ଜଣେ ପୂର୍ବତନ ମନ୍ତ୍ରୀ ଆତ୍ମହତ୍ୟା କରିବା ରାଜ୍ୟରେ ପ୍ରଥମ ଘଟଣା ବୋଲି କୁହାଯାଉଛି। ବାନାର୍ଜୀଙ୍କ ଆତ୍ମହତ୍ୟା ପାଇଁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଦାୟୀ କରି ତାଙ୍କ ସରକାରଙ୍କୁ ଘେରିଛନ୍ତି ବିରୋଧୀ ଦଳ। ସେ ଜଣେ ସଚ୍ଚୋଟ ବ୍ୟକ୍ତି ଥିଲେ ଏବଂ ପ୍ରଶାସନିକ ଅତ୍ୟାଚାର ଯୋଗୁଁ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ▶ପୃଷ୍ଠା-୭

## ବର୍ଷା ଓ ବନ୍ୟା ତାଣ୍ଡବ

# ସୁଅ ମୁହଁରେ ଉତ୍ତର ଓଡ଼ିଶା

### ୫ ଲକ୍ଷ ୧୫ ହଜାର ଲୋକ ପ୍ରଭାବିତ

### ଅନ୍ଧାରରେ ୭୫୦୦୦ ବିଜୁଳି ଉପଭୋକ୍ତା

### ୪ ଜିଲ୍ଲାରେ ସବୁ ସ୍କୁଲକୁ ଛୁଟି ଘୋଷଣା

### ତଦାରଖ କରିବାକୁ ଗଲେ ୩ ଆଇଏଏସ୍

### ସବୁ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ

### ଜିଲ୍ଲାର ସ୍ଥିତି ସମୀକ୍ଷା କଲେ ମୁଖ୍ୟ ସଚିବ

■ ଭୁବନେଶ୍ୱର, ୧୬।୮ (ସମିସ): ଉତ୍ତରଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଯୋଗୁଁ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ୫ ଲକ୍ଷ ୧୫ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଏହି ସମୟରେ ପୁଣି ଲଘୁଚାପ ଜନିତ ବର୍ଷା କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ ଯାଜପୁର ଜିଲ୍ଲା ପାଇଁ ବିପଦ ସୃଷ୍ଟି କରିଛି। ୩ ଜିଲ୍ଲାରେ ପ୍ରବାହିତ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ପୁଣି ବନ୍ୟା ଆଶଙ୍କା ଦେଖାଦେଇଛି। ଏହି ସମୟରେ ପୁଣି ଲଘୁଚାପଜନିତ ବର୍ଷା ପରିସ୍ଥିତିକୁ ଅତ୍ୟନ୍ତ ଗମ୍ଭୀର କରିଛି। ବର୍ଷା ଓ ବନ୍ୟା ସ୍ଥିତିକୁ ଦୃଷ୍ଟି ରଖି କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ ଓ ଯାଜପୁର ଜିଲ୍ଲାର ସବୁ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି। ସେହିପରି ସବୁ ସରକାରୀ କର୍ମଚାରୀଙ୍କ ଛୁଟିକୁ ବାତିଲ କରାଯାଇଛି। ପ୍ରବଳ ବର୍ଷା ଆଶଙ୍କା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି ଏବଂ ପ୍ରଶାସନକୁ ସତର୍କ ରହିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ସରକାର ୩ ଜିଲ୍ଲାକୁ ୩ ଜଣ ଆଇଏଏସ୍ ଅଧିକାରୀଙ୍କୁ ବନ୍ୟା ପରିଚାଳନା ଓ ରିଲିଫ୍ ଆଦିର ତଦାରଖ ପାଇଁ ▶ପୃଷ୍ଠା-୭

## ଆଜି ବନ୍ୟାଞ୍ଚଳ ପରିଦର୍ଶନ କରିବେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୬।୮ (ସମିସ): ଉତ୍ତର ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ନେଇ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ଟି ଜିଲ୍ଲାରେ ବନ୍ୟା ସ୍ଥିତି ସମୀକ୍ଷା କରିବେ। ଭଦ୍ରକ ଓ ଯାଜପୁର ଜିଲ୍ଲା ଗସ୍ତ କରି ମୁଖ୍ୟମନ୍ତ୍ରୀ ବନ୍ୟାଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଅନ୍ୟପଟେ ସୋମବାର ଲଘୁଚାପଟି ଅବପାତର ରୂପ ନେବାକୁ ଥିବାରୁ ଏହି ଜିଲ୍ଲାରେ ପାଗ ଖରାପ ରହିବାର ଆଶଙ୍କା ରହିଛି। ତେଣୁ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ମାଧ୍ୟମରେ ଗସ୍ତ କରିବେ କି ସ୍ଥଳପଥରେ ଯେବି ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇ ନ ଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ପାଗ ଦେଖି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି।

## ୧୦୦ ମିଟର ଧସିଲା ଜାତୀୟ ରାଜପଥ

### ଚାଷଜମିକୁ ଖସିପଡ଼ିଲା ୩ ଟ୍ରକ୍

### ୮୦୦ କୋଟିର ପ୍ରକଳ୍ପ ମାନକୁ ନେଇ ଉଠିଲା ପ୍ରଶ୍ନ

### ଠିକା ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ଅଟକ



■ କେନ୍ଦ୍ରାପଡ଼ା/ମହାକାଳପଡ଼ା, ୧୬।୮ (ସମିସ): ଲଗାଣ ବର୍ଷାରେ ଧସିଲା ଚଣ୍ଡିଖୋଲ- ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥ। ମାର୍ଶାଘାଇ ଥାନା ଅନ୍ତର୍ଗତ ନୀଳାଞ୍ଚଳ ଛକ ନିକଟରେ ରବିବାର ସକାଳ ୮ଟା ସମୟରେ ନିର୍ମାଣାଧୀନ ରାଜପଥର ଏକ ବଡ଼ ଅଂଶ ହଠାତ୍ ଧସିଯାଇଥିଲା। ରାସ୍ତାକଡ଼ରେ ଠିଆ ହୋଇଥିବା ତିନୋଟି ଖାଲି ଟ୍ରକ୍ ମଧ୍ୟ ମାଟି ଧସିବା ସହ ଚାଷଜମି ଭିତରକୁ ଗଳିପଡ଼ିଛି। ଧସିଥିବା ଟ୍ରକ୍ଗୁଡ଼ିକ ମଧ୍ୟରେ ଗୋଟିଏ ୧୨ ଚକିଆ, ଗୋଟିଏ ୧୪ ଚକିଆ ଏବଂ ଗୋଟିଏ ୧୬ ଚକିଆ ଟ୍ରକ୍ ରହିଛି। ଟ୍ରକ୍ଗୁଡ଼ିକରେ ସେତେବେଳେ କେହି ନଥିବାରୁ ଏକ ବଡ଼ ଧରଣର ଜୀବନହାନି ଅଘଟଣରୁ ବର୍ତ୍ତିଯାଇଛି।

ସ୍ଥାନୀୟ ସୂଚନା ଅନୁସାରେ, ନୀଳାଞ୍ଚଳ ଛକ ନିକଟରେ ପ୍ରାୟ ୫୦ରୁ ୧୦୦ ମିଟର ପର୍ଯ୍ୟନ୍ତ ରାସ୍ତା ଧସିଥିବା ବେଳେ ନବନିର୍ମିତ ପିଚୁ ରାସ୍ତାର ପ୍ରାୟ ଅଢ଼େଇରୁ ୩ ମିଟର ଅଂଶ ମଧ୍ୟ ଭୁଶୁଡ଼ି ପଡ଼ିଛି। ଫଳରେ ଏହି ▶ପୃଷ୍ଠା-୭

## ଜଗା ଦର୍ଶନ ବେଳେ ଟଳିପଡ଼ିଲେ ବୃଦ୍ଧ

### ହସ୍ପିଟାଲରେ ମୃତ ଘୋଷଣା କଲେ ଡାକ୍ତର

■ ପୁରୀ, ୧୬।୮ (ସମିସ): ଜଗନ୍ନାଥ ଦର୍ଶନ ହିଁ ହୋଇଗଲା ଶେଷ ଦର୍ଶନ। ମହାପ୍ରଭୁଙ୍କୁ ନୟନ ଭରି ଦେଖିବା ପରେ ଶ୍ରୀକ୍ଷେତ୍ରରେ ଚାଲିଗଲା ଜଣେ ୭୫ ବର୍ଷୀୟ ଶ୍ରଦ୍ଧାଳୁଙ୍କ ଜୀବନ। ମୃତକ ହେଉଛନ୍ତି ଯାଜପୁର ଜିଲ୍ଲା ବିଞ୍ଝାରପୁରର ନୀଳକଣ୍ଠ ଦାସ। ବର୍ତ୍ତମାନ ସେ କୋଲକାତା ଚାନ୍ଦିନୀ ମାର୍କେଟ୍ ନିକଟରେ ପରିବାର ସହ ରହୁଥିଲେ। ପରିବାର ସହ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ସେ ପୁରୀ ଆସିଥିଲେ। ଶନିବାର ଅପରାହ୍ନ ପ୍ରାୟ ୧ଟା ସମୟରେ ନୀଳକଣ୍ଠ ତାଙ୍କ ପତ୍ନୀ ଓ ସମ୍ପର୍କୀୟଙ୍କ ସହ ଶ୍ରୀମନ୍ଦିରେ ପ୍ରବେଶ କରିଥିଲେ। ବାହାର କାଠ ଦର୍ଶନ କରି ହୁଣ୍ଡି ନିକଟରେ ଠାକୁରଙ୍କୁ ପ୍ରଣାମ କରୁଥିବାବେଳେ ସେ ହଠାତ୍ ଚେତାଶୂନ୍ୟ ହୋଇ ଟଳି ପଡ଼ିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ପୁଲିସ ଓ ଶ୍ରଦ୍ଧାଳୁମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ତାଙ୍କ ପତ୍ନୀଙ୍କ କହିବା ଅନୁଯାୟୀ, ନୀଳକଣ୍ଠଙ୍କର ପୂର୍ବରୁ ହୃଦ୍ଘାତଜନିତ ସମସ୍ୟା ରହିଥିଲା ଏବଂ ସେ ଔଷଧ ଖାଉଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବା ତାଙ୍କର ବହୁଦିନର ଇଚ୍ଛା ଥିଲା। ଏହି ଖବର ପରେ ପରିବାର ଓ ସମ୍ପର୍କୀୟଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପଟେ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ମଧ୍ୟ ଆଲୋଚନା ହେଉଛି ଯେ ମହାପ୍ରଭୁଙ୍କ ଦର୍ଶନ ପରେ ଦେହ ତ୍ୟାଗ କରିବା ତାଙ୍କ ପାଇଁ ସବୁଠୁ ବଡ଼ ସୌଭାଗ୍ୟ। ଘଟଣା ପରେ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରି ମୃତଦେହ ପରିବାରକୁ ହସ୍ତାନ୍ତର କରିଛି।

## ବିଦ୍ୟୁତ୍ ତାରରେ ପତାକା ଖୁଣ୍ଟ ଲାଗି ଶିକ୍ଷକ ମୃତ

ସିମୁଳିଆ, ୧୬।୮ (ସମିସ): ସ୍ୱାଧୀନତା ଦିବସ ପାଳନବେଳେ ଶନିବାର ସକାଳେ ବିଦ୍ୟୁତ ଆଘାତରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏଥିସହ ୩ଜଣ ଛାତ୍ର ଆହତ ହୋଇଛନ୍ତି। ମୃତ ଶିକ୍ଷକ ହେଲେ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମଇତାପୁର ଅଞ୍ଚଳର ରୟାଲ ହାଇସ୍କୁଲ ଓ ରୟାଲ ପବ୍ଲିକ ସ୍କୁଲ ନାମକ ଏକ ଘରୋଇ ଶିକ୍ଷା ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ପ୍ରିୟବ୍ରତ ବେହେରା (୨୪)।

ସିମୁଳିଆ ବ୍ଲକ ମଇତାପୁରଠାରେ ଥିବା ରୟାଲ ପବ୍ଲିକ ସ୍କୁଲରେ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପତାକା ଉତ୍ତୋଳନ ପାଇଁ ଶିକ୍ଷକ ପ୍ରିୟବ୍ରତ ବେହେରା (୨୪) ପତାକା ଷ୍ଟାଣ୍ଡରେ ଲୁହା ପାଇପ୍ ପୋତିବା ପାଇଁ ଆଣୁଥିବାବେଳେ ଉପରେ ଯାଇଥିବା ୧୧କେଭି ବିଦ୍ୟୁତ ତାରରେ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ମେଡିକାଲକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ବିଦ୍ୟୁତ୍ ଆଘାତରେ ତିନ ଜଣ ଛାତ୍ର ନବମ ଶ୍ରେଣୀର ମୃତ୍ୟୁଞ୍ଜୟ ସାହୁ ଓ ଅଷ୍ଟମ ଶ୍ରେଣୀର ଚିରାଗ ନାୟକ, ଗୌରବ ମଲ୍ଲିକ, ଦଶମ ଶ୍ରେଣୀ ଆହତ ହୋଇ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଶିକ୍ଷକ ପ୍ରିୟବ୍ରତ ବେହେରାଙ୍କର ଘର ବାଲିଆପାଳ ଅଞ୍ଚଳର ବୋଲି ଜଣାପଡ଼ିଛି।

# ଓଡ଼ିଶାରୁ ହଜିଯିବ ଜଙ୍ଗଲ ଅସ୍ତିତ୍ୱ

## ୩ ବର୍ଷରେ ୧୦,୦୦୦ ହେକ୍ଟର ଜଙ୍ଗଲ ଜମି ଲିଜ୍

### ଲିଜ୍ ପ୍ରଦାନରେ ସାରା ଦେଶରେ ଓଡ଼ିଶା ୨ୟ

■ ଭୁବନେଶ୍ୱର, ୧୬।୮ (ସମିସ): ସାରା ବିଶ୍ୱ ପରି ଓଡ଼ିଶା ମଧ୍ୟ ଜଳବାୟୁ ପରିବର୍ତ୍ତନର ଭୟଙ୍କର ପ୍ରଭାବରେ ପ୍ରଭାବିତ। ପ୍ରଚଣ୍ଡ ଖରା, ବାଦଲଫଟା ବର୍ଷା, ସାମୁଦ୍ରିକ ଝଡ଼ ଆଦି ଓଡ଼ିଶା ପାଇଁ ସବୁବେଳେ ଆହ୍ୱାନ ସୃଷ୍ଟି କରି ଆସିଛି। ଏଥିପାଇଁ ପ୍ରକୃତି ଓ ପରିବେଶ ସଂରକ୍ଷଣ ପାଇଁ ସବୁବେଳେ ପରିବେଶବିତ୍ ଓ ବୈଜ୍ଞାନିକମାନେ ପରାମର୍ଶ ଦେଇ ଆସୁଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି ଯେ ଓଡ଼ିଶା ଉପରେ ଏହି ପରାମର୍ଶର କୌଣସି ପ୍ରଭାବ ପଡ଼ିନାହିଁ। ରାଜ୍ୟର ପ୍ରାକୃତିକ ସମ୍ପଦ ଓ ଜଙ୍ଗଲକୁ ବଞ୍ଚାଇବା ପାଇଁ ହେଉଥିବା ସମସ୍ତ ଦାବି ଏବଂ ଆହ୍ୱାନ ଭିତରେ ଜଙ୍ଗଲ ଉପରେ ବଢ଼ୁଥିବା ଭୟାବହ ଚାପର ପ୍ରକୃତ ଚିତ୍ର ସାମ୍ନାକୁ ଆଣିଛି କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଏକ ତଥ୍ୟ। ଏହି ରିପୋର୍ଟ ଅନୁସାରେ ଗତ ତିନି ବର୍ଷ ଏବଂ ଚଳିତ ଆର୍ଥିକ ବର୍ଷର ଅଗଷ୍ଟ ୬ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ମୋଟ ୧୦,୦୯୮.୯୯ ହେକ୍ଟର ଜଙ୍ଗଲ ଜମିକୁ ଅଣ-ଜଙ୍ଗଲ କାର୍ଯ୍ୟ ପାଇଁ ବ୍ୟବହାର କରିବାକୁ ଅନୁମୋଦନ ମିଳିଛି। ଏହାମଧ୍ୟରୁ ୯୦ ପ୍ରତିଶତ କେବଳ ଖଣି ଓ ଶିଳ୍ପ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି। ବିଡ଼ମ୍ବନା ହେଉଛି, ଏହି ଜଙ୍ଗଲ ଜମି ଲିଜ୍ କେବଳ ଏକ ପରିସଂଖ୍ୟାନଗତ ତଥ୍ୟ ନୁହେଁ; ବରଂ ରାଜ୍ୟର ପରିବେଶ ଏବଂ ଜୈବ ବିବିଧତା ଉପରେ ସବୁଠାରୁ ବଡ଼ ଆଘାତ ବୋଲି ମନେ କରାଯାଉଛି।

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ, ଗତ ୩ ବର୍ଷ ମଧ୍ୟରେ ସାରା ଦେଶରେ ୮୨,୮୧୭.୯୨ ହେକ୍ଟର ଜଙ୍ଗଲ ଜମି ଅଣ-ଜଙ୍ଗଲ କାର୍ଯ୍ୟରେ ବ୍ୟବହାର ପାଇଁ ପ୍ରଦାନ କରାଯାଇଛି। ଏହାମଧ୍ୟରୁ କେବଳ ଓଡ଼ିଶାର ଅଂଶ ରହିଛି ପ୍ରାୟ ୧୨.୨ ପ୍ରତିଶତ। ମଧ୍ୟପ୍ରଦେଶରେ ୨୨,୦୨୭.୦୨ ହେକ୍ଟର ଜଙ୍ଗଲ ଜମି ଅଣ-ଜଙ୍ଗଲ କାର୍ଯ୍ୟକୁ ଯାଇଥିବାବେଳେ ଓଡ଼ିଶା ୧୦,୦୯୮.୯୯ ହେକ୍ଟର ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଅରୁଣାଚଳ ପ୍ରଦେଶ (୭,୮୨୮.୩୧ ହେକ୍ଟର), ଝାଡ଼ଖଣ୍ଡ (୬,୧୯୯.୪୧ ହେକ୍ଟର) ଏବଂ ମହାରାଷ୍ଟ୍ର (୫,୨୮୨.୧୮ ହେକ୍ଟର) ଭଳି ବଡ଼ ବଡ଼ ଜଙ୍ଗଲ ସମୃଦ୍ଧ ରାଜ୍ୟଗୁଡ଼ିକୁ ପଛରେ ପକାଇ ଓଡ଼ିଶା ଏହି ତାଲିକାର ଶୀର୍ଷରେ ପହଞ୍ଚିବା ରାଜ୍ୟବାସୀଙ୍କ ପାଇଁ ଏକ ଚିନ୍ତାଜନକ ଓ ନକାରାତ୍ମକ। ▶ପୃଷ୍ଠା-୭

## ନିଷିଦ୍ଧ ପାନ ମସଲା ବିଜ୍ଞାପନ

# ଶାହରୁଖ, ଅଜୟ, ଟାଇଗରଙ୍କୁ ନୋଟିସ



ମୁମ୍ବଇ,୧୬।୮ (ଏଜେନ୍ସି): ନିଷିଦ୍ଧ ପାନ ମସଲାର ପରୋକ୍ଷ ପ୍ରଚାର କରୁଥିବା ଅଭିଯୋଗରେ ମହାରାଷ୍ଟ୍ର ଖାଦ୍ୟ ଏବଂ ଔଷଧ ପ୍ରଶାସନ ପକ୍ଷରୁ ଲୋକପ୍ରିୟ ଅଭିନେତା ଅଜୟ ଦେବଗନ, ଶାହରୁଖ ଖାନ ଏବଂ ଟାଇଗର ଶ୍ରଫଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଅଳେଇଚ ନାମରେ ଏହି ଅଭିନେତାମାନେ ଏକ ବାରଣ ହୋଇଥିବା ପାନ ମସଲା ବ୍ରାଣ୍ଡର ପ୍ରଚାର କରୁଥିବା ବିଭାଗ ଅଭିଯୋଗ କରିଛି। ଖାଦ୍ୟ ନିରାପତ୍ତା ଆଇନ ଉଲ୍ଲଂଘନ ଅଭିଯୋଗରେ ସେମାନଙ୍କ ବିରୋଧରେ କାହିଁକି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବ, ସେନେଇ ଆସନ୍ତା ପନ୍ଦର ଦିନ ମଧ୍ୟରେ ଲିଖିତ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗର କହିବା ଅନୁଯାୟୀ, ଏହି ବିଜ୍ଞାପନ ଦର୍ଶକଙ୍କୁ ବିଭ୍ରାନ୍ତ କରୁଛି ଏବଂ ପରୋକ୍ଷ ଭାବରେ ରାଜ୍ୟରେ ନିଷିଦ୍ଧ ଥିବା ତମାଖୁ ଜାତୀୟ ଦ୍ରବ୍ୟକୁ ପ୍ରୋତ୍ସାହନ ଦେଉଛି। ବିଭ୍ରାନ୍ତିକର ଖାଦ୍ୟ ବିଜ୍ଞାପନ ପ୍ରସାରଣ କଲେ ଆଇନ ଅନୁଯାୟୀ ଦଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାର ବ୍ୟବସ୍ଥା ରହିଛି। ଏହି କାରଣରୁ ପ୍ରଶାସନ ପକ୍ଷରୁ ଅଭିନେତାମାନଙ୍କ ଚୁକ୍ତିନାମା, ପାରିଶ୍ରମିକ ବିବରଣୀ ଏବଂ ପ୍ରଚାର ସମ୍ବନ୍ଧୀୟ ସମସ୍ତ କାଗଜପତ୍ରର ନକଲ ମାଗିବା ସହ ଘଟଣାର କଡ଼ା ତଦନ୍ତ କରାଯାଉଛି।

# ବାରାଣସୀ ବିମାନଘାଟୀରେ ଯାଞ୍ଚ ବେଳେ ଯାତ୍ରୀଙ୍କ ବନ୍ଧୁକରୁ ଫୁଟିଲା ଗୁଳି

ବାରାଣସୀ,୧୬।୮ (ଏଜେନ୍ସି): ରବିବାର ଦିନ ବାରାଣସୀର ଲାଲ ବାହାଦୁର ଶାସ୍ତ୍ରୀ ବିମାନବନ୍ଦରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଅସ୍ତ୍ରଶସ୍ତ୍ର ଯାଞ୍ଚ କରାଯାଉଥିବା ସମୟରେ ଜଣେ ଯାତ୍ରୀଙ୍କ ପିସ୍ତଲରୁ ହଠାତ୍ ଗୁଳି ଫୁଟିଯିବାରୁ ଦୁଇ ଜଣ ବିମାନବନ୍ଦର କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଆଜମଗଡ଼ ଅଞ୍ଚଳର ଜଣେ ବ୍ୟକ୍ତି ନିଜ ପତ୍ନୀଙ୍କ ସହ ଏକ ଯାତ୍ରୀବାହୀ ବିମାନ ଯୋଗେ ମୁମ୍ବାଇ ଯିବାକୁ ପ୍ରସ୍ତୁତ ହେଉଥିଲେ। ସେ ନିଜ ପାଖରେ ଏକ ପିସ୍ତଲ ଏବଂ ମାଗାଜିନ୍ ରଖିଥିଲେ, ଯାହା ବିଷୟରେ ସେ ବିମାନରେ ବସିବା ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ଘୋଷଣା ମାଧ୍ୟମରେ ଜଣାଇଥିଲେ। ବାରାଣସୀ ବିମାନବନ୍ଦରର ନିର୍ଦ୍ଦେଶକ ପୁନୀତ ଗୁପ୍ତାଙ୍କ କହିବା ଅନୁସାରେ, ସକାଳ ପ୍ରାୟ ସାଢେ ନଅଟା ସମୟରେ ବନ୍ଧୁକ ଏବଂ ଏହାର କାଗଜପତ୍ରର ଯାଞ୍ଚ ପ୍ରକ୍ରିୟା ଚାଲିଥିଲା। ସେହି ସମୟରେ ଅସ୍ତ୍ରଶସ୍ତ୍ରର ମାଲିକ ଏବଂ ବିମାନବନ୍ଦର କର୍ମଚାରୀମାନେ ସେଠାରେ ଉପସ୍ଥିତ ଥିଲେ। ଯାଞ୍ଚ ବେଳେ ଯାତ୍ରୀଙ୍କ ହାତରୁ ଅସାବଧାନତାବଶତଃ ଗୁଳି ଫୁଟି ଯାଇଥିଲା। ଗୁଳିଟି ପ୍ରଥମେ ତଳ ଚଟାଣରେ ବାଜିବା ପରେ ପାଖରେ ଛିଡ଼ା ହୋଇଥିବା ଦୁଇ ଜଣ ସୁରକ୍ଷା ଯାଞ୍ଚ କର୍ମଚାରୀଙ୍କ ଦେହରେ ବାଜିଥିଲା। ଏହି ଦୁର୍ଘଟଣାରେ ଜଣେ ମହିଳା କର୍ମଚାରୀଙ୍କ ଜଙ୍ଘରେ ଗୁଳି ବାଜିଥିବା ବେଳେ ଅନ୍ୟ ଜଣେ ପୁରୁଷ କର୍ମଚାରୀଙ୍କ ହାତରେ ଆଘାତ ଲାଗିଛି। ଘଟଣା ପରେ ତୁରନ୍ତ ଉଭୟ ଆହତଙ୍କୁ ଉଦ୍ଧାର କରାଯାଇ ପାଖରେ ଥିବା ନ୍ୟୁ ଲକ୍ଷ୍ମୀ ଟ୍ରମା ସେଣ୍ଟର ନାମକ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ଉଭୟ ଆହତ କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଏବଂ ଡାକ୍ତରମାନେ ସେମାନଙ୍କର ଉପଯୁକ୍ତ ଚିକିତ୍ସା କରୁଛନ୍ତି ବୋଲି ବିମାନବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

## ବ୍ରିଟେନ ରାଜାଙ୍କ ରୟାଲ ଗାର୍ଡେନ୍ ପାର୍ଟିକୁ ଆମନ୍ତ୍ରିତ ହେଲେ ବିହାରୀ ରୋଷେୟା

ଲଣ୍ଡନ,୧୬।୮ (ଏଜେନ୍ସି): ବିହାରର ମୋତିହାରୀରେ ଜନ୍ମଗ୍ରହଣ କରିଥିବା ପ୍ରସିଦ୍ଧ ରୋଷେୟା ନନ୍ଦ କିଶୋର ଯାଦବ ବ୍ରିଟେନର ଏଡିନବରେ ରାଜା ଚାର୍ଲ୍ସ ତୃତୀୟ ଏବଂ ରାଣୀ କାମିଲାଙ୍କ ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ ରୟାଲ ଗାର୍ଡେନ୍ ପାର୍ଟିରେ ଯୋଗଦେଇଛନ୍ତି। ସ୍କଟଲ୍ୟାଣ୍ଡର ପାଲେସ୍ ଅଫ୍ ହୋଲିରୁଡ୍ ହାଉସ୍‌ରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କର ରୋଷେଇ କଳା, ଭାରତୀୟ ମୂଲ୍ୟବୋଧ ଏବଂ ବ୍ରିଟେନରେ ସମାଜସେବା ପାଇଁ ତାଙ୍କୁ ଏହି ନିମନ୍ତ୍ରଣ ମିଳିଛି। ୧୯୯୯ ମସିହାରୁ ନିଜର ରୋଷେଇ ଯାତ୍ରା ଆରମ୍ଭ କରିଥିବା ନନ୍ଦ ଭାରତ, ଆମେରିକା ଏବଂ ବ୍ରିଟେନର ବିଭିନ୍ନ ବିଶ୍ୱବିଖ୍ୟାତ ରୋଷେଇଘର ତଥା ଗର୍ଡନ୍ ରାମସେଙ୍କ ସହିତ କାମ କରିସାରିଛନ୍ତି। ବର୍ତ୍ତମାନ ସେ ଲଣ୍ଡନ ନିକଟସ୍ଥ ହୋଲିପୋର୍ଟରେ 'ଦି ହ୍ୱାଇଟ୍ ହାର୍ଟ' ନାମକ ଏକ ପ୍ରସିଦ୍ଧ ପବ୍ ଏବଂ 'ନିନାୟା କ୍ୟାଟରିଂ' ପରିଚାଳନା କରିବା ସହ ନିଜର 'ମିଶନ ପସିବଲ୍' ମାଧ୍ୟମରେ ବିଭିନ୍ନ ସମାଜସେବା ଏବଂ ଚାରିଟି କାର୍ଯ୍ୟରେ ସକ୍ରିୟ ଭାବେ ଜଡ଼ିତ ଅଛନ୍ତି। ବିହାରର ଏକ ସାଧାରଣ ପରିବାରରୁ ଆସି ବ୍ରିଟେନର ରାଜପରିବାରଠାରୁ ସମ୍ମାନିତ ହେବା ତାଙ୍କର ଦୀର୍ଘ ୨୫ ବର୍ଷର କଠିନ ପରିଶ୍ରମ ଏବଂ ଭାରତୀୟ ସଂସ୍କୃତି ପାଇଁ ଏକ ଗୌରବର ବିଷୟ ଅଟେ।

## ହଙ୍ଗେରୀରେ ଓଲଟିଲା ପର୍ଯ୍ୟଟକ ବସ୍, ୧୨ ମୃତ

ବୁଦାପେଷ୍ଟ,୧୬।୮ (ଏଜେନ୍ସି): ହଙ୍ଗେରୀର ପୂର୍ବ ପ୍ରାନ୍ତରେ ଏକ ପୁଲିସ ପର୍ଯ୍ୟଟକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟିପଡ଼ିବାରୁ ୧୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୧୦ ଜଣରୁ ଅଧିକ ଆହତ ହୋଇଛନ୍ତି। ରବିବାର ସକାଳେ ହଙ୍ଗେରୀର ମେଜୋକେରେସ୍ଟ୍ ସହର ନିକଟସ୍ଥ ଏମ୍-୩ ମେନ୍ ରୋଡ୍‌ରେ ପୁଲିସ ପଞ୍ଜିକୃତ ଏକ ବସ୍ ଯାଉଥିବା ସମୟରେ ହଠାତ୍ ନିୟନ୍ତ୍ରଣ ହରାଇ ଏକ ଗାତ ଭିତରକୁ ଖସି ପଡ଼ିଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଗାଡ଼ି ଚାଳକଙ୍କୁ ନିଦ ଆସିଯିବାରୁ ଏହି ଦୁର୍ଘଟଣା ଘଟିଛି। ବସ୍‌ରେ ମୋଟ ୫୭ ଜଣ ଯାତ୍ରୀ ଏବଂ ଦୁଇ ଜଣ ଡ୍ରାଇଭର ଥିଲେ। ଏହି ଦୁର୍ଘଟଣାକୁ ନେଇ ପୋଲାଣ୍ଡ ଏବଂ ହଙ୍ଗେରୀର ଶୀର୍ଷ ନେତାମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ପୁଲିସ ବସ୍ ଡ୍ରାଇଭରକୁ ଗିରଫ କରିବା ସହ ଅଧିକ ତଦନ୍ତ ଚଳାଇଛି।

## ପତ୍ନୀଙ୍କୁ ଯବାନଙ୍କ ହତ୍ୟା

ହୋସିଆରପୁର,୧୬।୮ (ଏଜେନ୍ସି): ପଞ୍ଜାବର ହୋସିଆରପୁର ଜିଲ୍ଲାରେ ଛୁଟିରେ ଆସିଥିବା ଜଣେ ସୀମା ସୁରକ୍ଷା ବଳ ଯବାନ ନିଜ ପତ୍ନୀଙ୍କୁ ନିର୍ମମ ଭାବେ ମାଡ଼ ମାରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପତ୍ନୀ ଛାତରୁ ପଡ଼ି ମୃତ୍ୟୁବରଣ କରିଥିବା ନେଇ ଯବାନ ଜଣକ ଜାଲ ରଚି ପରିବାରକୁ ଭୁଆଁ ବୁଲାଇବାକୁ ଚେଷ୍ଟା କରିଥିଲେ। ପ୍ରାୟ ୧୨ ବର୍ଷ ପୂର୍ବେ ବିବାହ କରିଥିବା ରମା ନାମକ ମହିଳାଙ୍କ ସ୍ୱାମୀ ଅମରଜିତ ସିଂହ ବିଏସଏଫରେ ଯବାନ ଅଛନ୍ତି। ଅଗଷ୍ଟ ୧୩ ରାତିରେ ସେ ଘରକୁ ଆସିବା ପରେ ପତ୍ନୀଙ୍କୁ ମାଡ଼ପିଟ୍ କରିଥିଲେ। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା। ପରଦିନ ଭୋର ସମୟରେ ରମାଙ୍କ ପରିବାରକୁ ସେ ଛାତରୁ ଖସିପଡ଼ିଥିବା କଥା କହି ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତରଖାନାରେ ପହଞ୍ଚି ମୃତଦେହରେ ଅନେକ ଆଘାତ ଚିହ୍ନ ଦେଖିବା ପରେ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ମୃତକଙ୍କ ପରିବାରର ଅଭିଯୋଗ କ୍ରମେ ପୁଲିସ ମୁଖ୍ୟ ଅଭିଯୁକ୍ତ ଅମରଜିତ ସିଂହଙ୍କୁ ଗିରଫ କରିବା ସହ ଅନ୍ୟ ଦୁଇଜଣ ସମ୍ପର୍କୀୟଙ୍କ ବିରୋଧରେ ମାମଲା ରୁଜୁ କରିଛି।

## ଭାରତ ଗସ୍ତ ଲାଗି ବାଂଲା ପ୍ରଧାନମନ୍ତ୍ରୀଙ୍କ ସର୍ତ୍ତ

# ପ୍ରଥମେ ହସିନାଙ୍କୁ ହସ୍ତାନ୍ତର କର



ଢାକା,୧୬।୮ (ଏଜେନ୍ସି): ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ୍ ରହମାନଙ୍କ ପ୍ରସ୍ତାବିତ ଭାରତ ଗସ୍ତକୁ ନେଇ କୂଟନୈତିକ ସ୍ତରରେ ଅନିଶ୍ଚିତତା ଦେଖାଦେଇଛି। ବାଂଲାଦେଶ ସରକାର ରବିବାର ସ୍ପଷ୍ଟ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବା ଆବଶ୍ୟକ ଏବଂ ଏହି ପରିବେଶ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ପ୍ରତ୍ୟର୍ପଣ ସହ ସିଧାସଳଖ ଜଡ଼ିତ। ସୂଚନାଯୋଗ୍ୟ, ସେପ୍ଟେମ୍ବର ୧୨ ଓ ୧୩ରେ ଭାରତରେ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ଯୋଗଦେବାକୁ ବାଂଲାଦେଶ ପ୍ରଧାନମନ୍ତ୍ରୀ ରହମାନଙ୍କୁ ଭାରତ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ତେବେ ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଶାହିଦୁଲ କରିମ କହିଛନ୍ତି ଯେ, ଗତ ଅଗଷ୍ଟ ୫ରେ ନୂଆଦିଲ୍ଲୀରୁ ଶେଖ୍ ହାସିନାଙ୍କ ଭର୍ଚୁଆଲ୍ ସାମ୍ବାଦିକ ସମ୍ମିଳନୀ ଦ୍ୱିପାକ୍ଷିକ ସମ୍ପର୍କରେ ତିକ୍ତତା ସୃଷ୍ଟି କରିଛି। ଢାକା ଅଭିଯୋଗ କରିଛି ଯେ, ଦୋଷୀ ସାବ୍ୟସ୍ତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଭାରତୀୟ ମାଟିରୁ ରାଜନୈତିକ ବୟାନବାଜି କରିବାକୁ ସୁଯୋଗ ମିଳିବା ଦୁର୍ଭାଗ୍ୟଜନକ। ୨୦୨୪ ଅଗଷ୍ଟରେ ହିଂସାତ୍ମକ ଛାତ୍ର ଆନ୍ଦୋଳନ ପରେ ଶେଖ୍ ହାସିନା ଭାରତକୁ ପଳାଇ ଯାଇଥିଲେ। ୨୦୨୫ ନଭେମ୍ବରରେ ବାଂଲାଦେଶର ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ତାଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି। ଏହା ସହିତ ଛାତ୍ର ନେତା ଓସମାନ ହାଦିଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ମଧ୍ୟ ଫେରାଇ ଆଣିବାକୁ ବାଂଲାଦେଶ ଦାବି କରିଛି। ଅନ୍ୟପକ୍ଷରେ, ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ହାସିନାଙ୍କ ପ୍ରତ୍ୟର୍ପଣ ଅନୁରୋଧକୁ ଆନୁଷ୍ଠାନିକ ଆଇନଗତ ପ୍ରକ୍ରିୟା ଅନୁଯାୟୀ ଯାଞ୍ଚ କରାଯାଉଛି। ହାସିନାଙ୍କ ସାମ୍ବାଦିକ ସମ୍ମିଳନୀରେ ଭାରତ ସରକାରଙ୍କ କୌଣସି ଭୂମିକା ନଥିବା ନୂଆଦିଲ୍ଲୀ ସ୍ପଷ୍ଟ କରିଛି। ପ୍ରଧାନମନ୍ତ୍ରୀ ରହମାନଙ୍କ ଭାରତ ଗସ୍ତକୁ ନେଇ ବାଂଲାଦେଶ ଭିତରେ ମଧ୍ୟ ରାଜନୈତିକ ବିରୋଧ ଦେଖାଦେଇଛି।



## ୮୦ତମ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ପ୍ରତିଶ୍ରୁତି

# ବିକଶିତ ଭାରତ, ଆତ୍ମନିର୍ଭରଶୀଳତା, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା

ନୂଆଦିଲ୍ଲୀ,୧୬।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲାରୁ କ୍ରମାଗତ ୧୩ ଥର ଦେଶକୁ ସମ୍ବୋଧିତ କରିଛନ୍ତି। ଚଳିତ ବର୍ଷ ପ୍ରଥମ ଥର ପାଇଁ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ 'ବନ୍ଦେ ମାତରମ୍' ଗାନ କରାଯାଇଥିଲା। ୭୫ ମିନିଟ୍‌ର ଅଭିଭାଷଣରେ ମୁଖ୍ୟତଃ 'ବିକଶିତ ଭାରତ ୨୦୪୭', ଆତ୍ମନିର୍ଭରଶୀଳତା, ଯୁବଶକ୍ତି ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱ ଦିଆଯାଇଥିଲା। ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ। ସେଥିପାଇଁ ପ୍ରଧାନମନ୍ତ୍ରୀ ୭-ମୁଖୀ ଢାଞ୍ଚା ଘୋଷଣା କରିଛନ୍ତି। ସେଥିରେ ପ୍ରତିଯୋଗୀତାମୂଳକ ପରୀକ୍ଷା ପାଇଁ ମାଗଣା ଅନଲାଇନ୍ କୋଚିଂ ବ୍ୟବସ୍ଥା ରହିଛି। ପ୍ରଧାନମନ୍ତ୍ରୀ ଯୁବକମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି। ସରକାର ଆଗାମୀ ବର୍ଷ ମଧ୍ୟରେ ୧ କୋଟି ଯୁବକଯୁବତିଙ୍କୁ ଏଆଇ କୌଶଳ ପ୍ରଶିକ୍ଷଣ ପ୍ରଦାନ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିପରି ଆଗାମୀ ୭ ରୁ ୮ ବର୍ଷ ମଧ୍ୟରେ ଦେଶରେ ୫ ରୁ ୭ଟି ନୂତନ ସେମିକଣ୍ଡକ୍ଟର ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ସେହିପରି ଦେଶର ଶକ୍ତି ସୁରକ୍ଷା ଦିଗରେ ଭାରତ ୨୦୦ ଗିଗାୱାଟ୍ ପରମାଣୁ ଶକ୍ତି କ୍ଷମତା ହାସଲ କରିବାକୁ ୫ଟି ନୂତନ ପରମାଣୁ ରିଆକ୍ଟର ସ୍ଥାପନ କରାଯିବ।

# ଯବାନ ଓ ପରିବାରର ୪ ସଦସ୍ୟଙ୍କ ସନ୍ଦେହଜନକ ମୃତ୍ୟୁ

ମୁମ୍ବଇ,୧୬।୮ (ଏଜେନ୍ସି): ମୁମ୍ବଇର କୋଲାବା ସ୍ଥିତ ନୌସେନା ନଗର ପରିସରରୁ ଜଣେ ଭାରତୀୟ ନୌସେନା କର୍ମଚାରୀ ଏବଂ ତାଙ୍କ ପତ୍ନୀଙ୍କ ସମେତ ଦୁଇଟି କଅଁଳ ଶିଶୁଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପ୍ରାଥମିକ ତଥ୍ୟ ଅନୁଯାୟୀ ଏହା ଏକ ହତ୍ୟା ଓ ଆତ୍ମହତ୍ୟା ଘଟଣା ବୋଲି ସନ୍ଦେହ କରାଯାଉଛି। ୩୦ ବର୍ଷୀୟ ନୌସେନା କର୍ମଚାରୀ ପୂରଣମଲ୍ଲ ଶମ୍ଭୁଲାଲ ମେହେଡ଼ାଙ୍କ ଝୁଲନ୍ତା ମୃତଦେହ ଘରୁ ମିଳିଥିବା ବେଳେ ତାଙ୍କ ପତ୍ନୀ ଏବଂ ତିନି ବର୍ଷର ପୁଅ ଓ ଦୁଇ ମାସର ଶିଶୁ କନ୍ୟା ଶେଯରେ ମୃତ ଅବସ୍ଥାରେ ପଡ଼ିଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ନୌସେନା କର୍ମଚାରୀ ଜଣକ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ବେଳେ ତାଙ୍କ ପତ୍ନୀ ଏବଂ ପିଲାମାନଙ୍କୁ ବିଷ ପ୍ରୟୋଗ କରାଯାଇ ମାରିଦିଆଯାଇଛି। ସମସ୍ତ ମୃତଦେହକୁ ଉଦ୍ଧାର କରାଯାଇ ଜେଜେ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସ୍ଥାନୀୟ ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି।

# ପଶ୍ଚିମବଙ୍ଗରେ କଂଗ୍ରେସ ନେତା, ପୁଅଙ୍କୁ ଗୁଳିକରି ହତ୍ୟା

କୋଲକାତା,୧୬।୮ (ଏଜେନ୍ସି): ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ଜଣେ କଂଗ୍ରେସ ନେତା ଏବଂ ତାଙ୍କ ପୁଅକୁ ଅଜଣା ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଛନ୍ତି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି ଏବଂ ରାଜନୈତିକ ମହଲରେ କ୍ଷୋଭ ଦେଖାଦେଇଛି। ପଶ୍ଚିମବଙ୍ଗ କଂଗ୍ରେସ କମିଟିର ସଦସ୍ୟ ତଥା ନଦିଆ ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ଅନିସୁର ରହମାନ ଏବଂ ତାଙ୍କ ୨୪ ବର୍ଷୀୟ ପୁଅ ଅବୁ ସୁଫିଆନ୍ ବେଥୁଆଡ଼ହରୀରୁ କାର୍‌ରେ ନିଜ ଘରକୁ ଫେରୁଥିଲେ। ସେହି ସମୟରେ ନାଗାଡ଼ି ରେଳ ଫାଟକ ନିକଟରେ କିଛି ଦୁର୍ବୃତ୍ତ ସେମାନଙ୍କ ଗାଡ଼ି ଉପରକୁ ଗୁଳି ଚଳାଇଥିଲେ। ଗୁଳିମାଡ଼ ପରେ ସେମାନଙ୍କୁ ଧାରୁଆ ଅସ୍ତ୍ରରେ ମଧ୍ୟ ଆକ୍ରମଣ କରାଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ କଂଗ୍ରେସ ନେତା ଅଧିର ରଞ୍ଜନ ଚୌଧୁରୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଅଭିଯାନ ଜାରି ରହିଛି। ଏଭଳି ହିଂସାକାଣ୍ଡ ଜନସାଧାରଣଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।



# ଇଣ୍ଡୋନେସିଆରେ ଭୟଙ୍କର ଭୂକମ୍ପ; ୫୧ ମୃତ

ଜାକର୍ତ୍ତା,୧୬।୮ (ଏଜେନ୍ସି): ଇଣ୍ଡୋନେସିଆରେ ଘଟିଥିବା ଏକ ଭୟଙ୍କର ୭.୭ ତୀବ୍ରତାର ଭୂକମ୍ପରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇ ୫୧ ରେ ପହଞ୍ଚିଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ପରେ ପ୍ରାୟ ୫,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପୂର୍ବ ନୁସା ତେଙ୍ଗାରା ପ୍ରଦେଶରେ ଶନିବାର ସକାଳେ ଏହି ଭୂକମ୍ପ ଘଟିଥିଲା, ଯାହା ପରେ ପ୍ରାୟ ୩୪୧ ଟି ପରବର୍ତ୍ତୀ ଭୂକମ୍ପ (ଆଫ୍ଟର ସକ୍) ଅନୁଭୂତ ହୋଇଛି। ଗତ କିଛି ବର୍ଷ ଭିତରେ ଦେଶରେ ଘଟିଥିବା ଏହା ସବୁଠାରୁ ବଡ଼ ଭୂକମ୍ପ ବୋଲି କୁହାଯାଉଛି। ଏହି ଦୁର୍ଘଟଣାରେ ୩୬ ଜଣ ଗୁରୁତର ଆହତ ହୋଇଥିବାବେଳେ ୭୭ ଜଣ ସାମାନ୍ୟ ଆହତ ହୋଇଛନ୍ତି। ସିକ୍କା ଅଞ୍ଚଳରେ ୩,୩୦୦ ରୁ ଅଧିକ ସ୍ଥାନୀୟ ବାସିନ୍ଦା ନିଜ ଆଡୁ ଘରୁ ବାହାରି ଆସି ଖେଳ ପଡ଼ିଆ କିମ୍ବା ତମ୍ବୁରେ ଆଶ୍ରୟ ନେଇଛନ୍ତି। ଭୂକମ୍ପ ଯୋଗୁଁ ୧,୩୦୦ ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି ଏବଂ ଭୂସ୍ଖଳନ କାରଣରୁ ଅନେକ ରାସ୍ତା ଅବରୋଧ ହୋଇରହିଛି। ଉଦ୍ଧାର କାର୍ଯ୍ୟ ପାଇଁ ୩,୫୦୦ ରୁ ଅଧିକ ସେନା ଏବଂ ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି।

# ନାଲ୍‌ସାର୍ ବିବାଦ: କ୍ଷମା ମାଗିଲେ ବାର୍ କାଉନସିଲ୍ ଅଧ୍ୟକ୍ଷ



ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଭାରତୀୟ ବାର କାଉନସିଲ୍ (ବିସିଆଇ) ଅଧ୍ୟକ୍ଷ ମନନ କୁମାର ମିଶ୍ର ନାଲସାର ଆଇନ ବିଶ୍ୱବିଦ୍ୟାଳୟର ସ୍ନାତକ ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣକୁ ନେଇ ଜାରି ହୋଇଥିବା ବିବାଦୀୟ ନିର୍ଦ୍ଦେଶ ପ୍ରତ୍ୟାହାର କରିବା ପରେ ଦେଶର ଆଇନ ଛାତ୍ରଛାତ୍ରୀଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି। ସ୍ୱାଧୀନତା ଦିବସ ଅବସରରେ ଏକ ବିବୃତ୍ତି ଜାରି କରି ମିଶ୍ର କହିଛନ୍ତି ଯେ ସାମ୍ପ୍ରତିକ ଘଟଣାକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଥିଲା ଏବଂ ତାଙ୍କର କୌଣସି ଶବ୍ଦ କିମ୍ବା ଚିଠି ଯଦି କାହାର ଭାବନାକୁ ଆଘାତ ଦେଇଥାଏ, ସେଥିପାଇଁ ସେ ଆନ୍ତରିକ ଭାବରେ କ୍ଷମା ପ୍ରାର୍ଥନା କରୁଛନ୍ତି। ଛାତ୍ରଛାତ୍ରୀଙ୍କ ଭାବନା ଏବଂ ଚିନ୍ତାକୁ ସମ୍ମାନ ଜଣାଇବା କୌଣସି ଅହଙ୍କାରର ବିଷୟ ନୁହେଁ ବୋଲି ସେ ମତ ଦେଇଛନ୍ତି। ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତଙ୍କୁ ନାଲସାର ସମାବର୍ତ୍ତନ ଉତ୍ସବକୁ ନିମନ୍ତ୍ରଣ କରିବା ନେଇ କିଛି ଛାତ୍ରଛାତ୍ରୀ ବିରୋଧ କରିବା ପରେ, ବିସିଆଇ ପକ୍ଷରୁ ପ୍ରଥମେ ସମସ୍ତ ସ୍ନାତକ ଛାତ୍ରଛାତ୍ରୀଙ୍କ ଆଇନଜୀବୀ ପଞ୍ଜୀକରଣ ନ କରିବାକୁ ଆଦେଶ ଜାରି କରାଯାଇଥିଲା। ତେବେ ଏହାକୁ ନେଇ ଦେଶବ୍ୟାପୀ ବ୍ୟାପକ ସମାଲୋଚନା ହେବା ପରେ କିଛି ଘଣ୍ଟା ମଧ୍ୟରେ ସେହି ଆଦେଶ ପ୍ରତ୍ୟାହାର କରାଯାଇଥିଲା। ମୁଖ୍ୟ ବିଚାରପତି ମଧ୍ୟ ଏହି ଆଦେଶକୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ଆଇନ ଛାତ୍ରଛାତ୍ରୀ ଦେଶର ସବୁଠାରୁ ସଚେତନ ନାଗରିକ ବୋଲି ପ୍ରଶଂସା କରିବା ସହ ମିଶ୍ର ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ସାମ୍ବିଧାନିକ ଗଣତନ୍ତ୍ରର ଅଂଶ ବୋଲି କହିଛନ୍ତି। ସମ୍ବେଦନଶୀଳ ପ୍ରସଙ୍ଗରେ ବାହାର ପ୍ରଭାବରେ କୌଣସି ରାଜନୈତିକ ରଙ୍ଗ ନ ଦେଇ ଏହାର ସମାଧାନ କରିବାକୁ ସେ ଆହ୍ୱାନ କରିଛନ୍ତି।

## କ୍ଷମା ମାଗନ୍ତୁ ସୋନିଆ: ଅମିତ ଶାହ

ନୂଆଦିଲ୍ଲୀ,୧୬।୮ (ଏଜେନ୍ସି): ସ୍ୱାଧୀନତା ଦିବସ ଅବସରରେ କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟରେ ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନକୁ ଅଧାରେ ବନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ସମାଲୋଚନା କରିଛନ୍ତି। ଏହି ଅପମାନ ପାଇଁ ସେ କଂଗ୍ରେସ ଦଳକୁ ଦେଶବାସୀଙ୍କ ନିକଟରେ କ୍ଷମା ମାଗିବାକୁ ଦାବି କରିଛନ୍ତି। ରାଜସ୍ଥାନର ଚିତ୍ତୋରଗଡ଼ରେ ଏକ



ସାଧାରଣ ସଭାକୁ ସମ୍ବୋଧିତ କରି ଶାହ କହିଛନ୍ତି ଯେ ସୋନିଆ ଗାନ୍ଧୀ ଜାତୀୟ ଗୀତ ଚାଲିଥିବା ସମୟରେ ଏହାକୁ ଅଧାରେ ବନ୍ଦ କରିବାକୁ କହିଥିଲେ। ଭୋଟ୍ ବ୍ୟାଙ୍କ ରାଜନୀତି ପାଇଁ କଂଗ୍ରେସ ଦେଶର ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନକୁ ଭୁଲିଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଏହି ଅଭିଯୋଗକୁ ଖଣ୍ଡନ କରି କହିଛି ଯେ ଦଳୀୟ ସଭାପତି ମଲ୍ଲିକାର୍ଜୁନ ଖର୍ଗେ ଅସୁସ୍ଥ ଥିବାରୁ ତାଙ୍କ ପାଇଁ ଚୌକି ବ୍ୟବସ୍ଥା କରିବାକୁ ସୋନିଆ ଗାନ୍ଧୀ ସେହି ସମୟରେ ଇଙ୍ଗିତ କରିଥିଲେ, ଜାତୀୟଗୀତ ବନ୍ଦ କରିବାକୁ ନୁହେଁ। ଏହା ଏକ ମିଥ୍ୟା ବିବାଦ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଗୃହମନ୍ତ୍ରୀ ଅମିତ ଶାହ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ କାର୍ଯ୍ୟକାଳ ଓ ପୋଖରାନ ପରୀକ୍ଷଣର ପ୍ରଶଂସା କରିଥିଲେ।

# ୟୁକ୍ରେନୀୟ ଗୁପ୍ତଚରଙ୍କୁ ହତ୍ୟା; ମହିଳା ଗିରଫ

ମସ୍କୋ,୧୬।୮ (ଏଜେନ୍ସି): ରୁଷିଆ ନିୟନ୍ତ୍ରଣାଧୀନ କ୍ରିମିଆରେ ଏକ ଭୟଙ୍କର ବିସ୍ଫୋରଣ ଘଟିଛି, ଯେଉଁଥିରେ ଜଣେ ଉଚ୍ଚପଦସ୍ଥ ୟୁକ୍ରେନୀୟ ପଳାତକ ତଥା ରୁଷୀୟ ନୌସେନା ଅଧିକାରୀଙ୍କ ମୃତ୍ୟୁ ହୋଇଛି। ଏହି ହତ୍ୟାକାଣ୍ଡରେ ସଂପୃକ୍ତି ଅଭିଯୋଗରେ ରୁଷୀୟ କର୍ତ୍ତୃପକ୍ଷ ଜଣେ ୩୨ ବର୍ଷୀୟା ମହିଳାଙ୍କୁ ଗିରଫ କରିଛନ୍ତି। ରିପୋର୍ଟ ଅନୁଯାୟୀ, ନିହତ ବ୍ୟକ୍ତି ଜଣକ ହେଉଛନ୍ତି ୪୯ ବର୍ଷୀୟ ରବର୍ଟ ଶାଗେଭ, ଯିଏକି ପୂର୍ବରୁ ଜଣେ ୟୁକ୍ରେନୀୟ ନୌସେନା ଅଧିକାରୀ ଥିଲେ ଏବଂ ପରେ ରୁଷିଆର କ୍ରେମଲିନର 'ବ୍ଲାକ୍ ସି' ଫ୍ଲିଟ୍‌ରେ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଏହି ଆକ୍ରମଣ ମାର୍ଗାରିଟା ରେଉଟ୍ ନାମକ ଜଣେ ମହିଳାଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ ହୋଇଛି।



# ମସ୍କୋ ଉପରେ ୬୦୦ ଡ୍ରୋନ୍ ଆକ୍ରମଣ

ମସ୍କୋ, ୧୬।୮ (ଏଜେନ୍ସି): ରୁଷର ରାଜଧାନୀ ମସ୍କୋ ଏବଂ ଏହାର ଆଖପାଖ ଅଞ୍ଚଳକୁ ଟାର୍ଗେଟ କରି ୟୁକ୍ରେନ ପକ୍ଷରୁ ରାତିସାରା ଏକ ବଡ଼ଧରଣର ଡ୍ରୋନ୍ ଆକ୍ରମଣ କରାଯାଇଛି। ରୁଷ କର୍ତ୍ତୃପକ୍ଷଙ୍କ ଦାବି ମୁତାବକ, ରାଜଧାନୀ ଉପରେ ପ୍ରାୟ ୬୦୦ଟି ଡ୍ରୋନ୍ ମାଡ଼ ହୋଇଛି, ଯେଉଁଥିରେ ତିନିଜଣ ଆହତ ହୋଇଛନ୍ତି। ଗତ କିଛି ସପ୍ତାହ ହେବ ୟୁକ୍ରେନ ପକ୍ଷରୁ ରୁଷର ଅଭ୍ୟନ୍ତରୀଣ ଅଞ୍ଚଳରେ ଥିବା ସାମରିକ, ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ କରାଯାଉଛି। ରବିବାର ସକାଳ ପର୍ଯ୍ୟନ୍ତ ଜାରି ରହିଥିବା ଏହି ଆକ୍ରମଣ ସମୟରେ ମସ୍କୋ ଅଞ୍ଚଳରେ ୨୦୦ରୁ ଅଧିକ ଡ୍ରୋନକୁ ନଷ୍ଟ କରିଦିଆଯାଇଥିବା ମେୟର ସର୍ଗେଇ ସୋବିଆନିନ ସୂଚନା ଦେଇଛନ୍ତି। ଏହି ଆକ୍ରମଣ ଯୋଗୁଁ ରାଜଧାନୀର ରିଙ୍ଗ ରୋଡ୍ ନିକଟବର୍ତ୍ତୀ ଅଞ୍ଚଳରେ ତିନିଜଣ ଆହତ ହୋଇଛନ୍ତି। ସେପଟେ ୟୁକ୍ରେନ ସୀମାକୁ ଲାଗି ରହିଥିବା ରୁଷର ଦକ୍ଷିଣ ରୋଷ୍ଟୋଭ୍ ଅଞ୍ଚଳରେ ମଧ୍ୟ ଭୀଷଣ ଆକ୍ରମଣ ହୋଇଛି, ଯେଉଁଠାରେ ତିନିଜଣଙ୍କର ମୃତ୍ୟୁ ଘଟିଥିବା ଏବଂ ଅନେକ କୋଠାବାଡ଼ି ଓ ରେଳଷ୍ଟେସନ କ୍ଷତିଗ୍ରସ୍ତ ହୋଇଥିବା ପ୍ରାଦେଶିକ ପ୍ରଶାସନ ପକ୍ଷରୁ କୁହାଯାଇଛି। ବର୍ଷ ବର୍ଷ ଧରି ଚାଲିଥିବା ଏହି ଯୁଦ୍ଧରେ ୟୁକ୍ରେନ ଏବେ ରୁଷର ଅଭ୍ୟନ୍ତରୀଣ ଅଞ୍ଚଳକୁ ଟାର୍ଗେଟ କରି ନିଜର ଆକ୍ରମଣକୁ ଆହୁରି ଜୋରଦାର କରିଛି। ରୁଷର ପ୍ରତିରକ୍ଷା ବାହିନୀ ଏଭଳି ବ୍ୟାପକ ଆକ୍ରମଣର ମୁକାବିଲା ପାଇଁ ସତର୍କ ରହିଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି।

## ବୁଢ଼ାବଳଙ୍ଗରେ ବନ୍ୟା

# ଟ୍ରକ୍, ଟ୍ରାକ୍ଟର ଡାଲାରେ ସଂସାର

## ବିପନ୍ନଙ୍କୁ ମିଳୁନି ଖାଦ୍ୟ, ପାନୀୟଜଳ





ବାଲେଶ୍ୱର,୧୬।୮ (ସମିସ): ବାଲେଶ୍ୱରରେ ବନ୍ୟା ଯୋଗୁଁ ସୃଷ୍ଟି ହୋଇଛି ଏକ ବିଭୀଷିକାମୟ ପରିସ୍ଥିତି। ବୁଢ଼ାବଳଙ୍ଗ ନଦୀର ବର୍ଦ୍ଧିତ ଜଳରାଶି ଆଜି ଶହ ଶହ ପରିବାରକୁ ବିପନ୍ନ କରିଛି। ଚାରିଆଡ଼େ କେବଳ ପାଣି। ନିଜର ଭିଟାମାଟି, ବର୍ଷ ବର୍ଷର ଝାଳବୁହା ସଜଡ଼ା ଘରଦ୍ୱାର ଆଜି ପାଣିରେ ବୁଡ଼ି ରହିଥିବାବେଳେ ଟିକିଏ ଆଶ୍ରୟ ଆଶାରେ ରାସ୍ତା କଡ଼ରେ ଠିଆ ହୋଇଥିବା ଟ୍ରାକ୍ଟର ଟ୍ରଲି ଓ ଟ୍ରକ୍ ଡାଲା ହିଁ ଦୁର୍ଦ୍ଦଶାଗ୍ରସ୍ତ ମଣିଷ ଆଶ୍ରୟ ନେଇଛନ୍ତି। ବାଲେଶ୍ୱର ସଦର ବ୍ଲକ୍ ଅନ୍ତର୍ଗତ ଦହପଡ଼ା ଏବଂ ଏହାର ଆଖପାଖ ଅଞ୍ଚଳରେ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ଅପ୍ରତ୍ୟାଶିତ ଭାବେ ବୃଦ୍ଧି ପାଇବା ଯୋଗୁଁ ସମଗ୍ର ଗାଁ ଏବେ ସମ୍ପୂର୍ଣ୍ଣ ଜଳମଗ୍ନ। ଲଗାତାର ଜଳସ୍ରୋତରେ ଏକାଧିକ କଚ୍ଚା ଘର ଭାଙ୍ଗି ଲୋଟିପଡ଼ିଥିବାବେଳେ ଜୀବନ ବିକଳରେ ବିପନ୍ନମାନେ ନିଜ ଗୃହପାଳିତ ପଶୁଙ୍କୁ ଧରି ବାଲେଶ୍ୱର-ଫୁଲାଡ଼ି ରାସ୍ତା ପାର୍ଶ୍ୱକୁ ଚାଲିଆସିଛନ୍ତି। ଖୋଲା ଆକାଶ ତଳେ, ରାସ୍ତା କଡ଼ରେ ରଖାଯାଇଥିବା ଟ୍ରାକ୍ଟର ଟ୍ରଲି ଉପରେ ଖଣ୍ଡିଏ ଖଣ୍ଡିଏ ପ୍ଲାଷ୍ଟିକ୍ ତାରପାଲି ଟାଣି ଜୀବନ ବଞ୍ଚାଇବାର କଠୋର ସଂଘର୍ଷ କରୁଛନ୍ତି। ସେହି ଅତି କ୍ଷୁଦ୍ର ଓ ସଂକୀର୍ଣ୍ଣ ଲୁହା ଟ୍ରଲି ଭିତରେ ବନ୍ଧା ହୋଇଛି ବାସନକୁସନ, ବିସ୍କୁଟ୍ କାର୍ଟୁନ ଆଉ କୋମଳମତି ଶିଶୁଙ୍କ ଅଧାଭିଜା ଲୁଗାପଟା। ଘରର ଚାଳ ଉପରୁ ଗୃହପାଳିତ ପଶୁଙ୍କୁ ବଞ୍ଚାଇ ଆଣିବାଠାରୁ ଆରମ୍ଭ କରି ରୋଗିଣା, ବୃଦ୍ଧ ବାପା-ମା'ଙ୍କୁ ସୁରକ୍ଷିତ ରଖିବା ପର୍ଯ୍ୟନ୍ତ ସବୁକିଛି ଆଜି ଏହି ଚକା ଲଗା ଡାଲା ମଧ୍ୟରେ ସୀମିତ ହୋଇରହିଛି। ରାତିର କାଳ ଅନ୍ଧାର, ମଶାଙ୍କ ପ୍ରାଦୁର୍ଭାବ, ସାପ-ବିଛାଙ୍କ ଭୟ ଏବଂ ପେଟର ଭୋକ ମଧ୍ୟରେ ସମୟ ସେମାନଙ୍କ ପାଇଁ ଯେପରି ସ୍ଥାଣୁ ପାଲଟିଯାଇଛି। ଶୁଖିଲା ଖାଦ୍ୟ ଗଣ୍ଡିଏ, ଟୋପାଏ ବିଶୁଦ୍ଧ ପାନୀୟ ଜଳ ପାଇଁ ଚାହିଁ ରହିଥିବାବେଳେ ତାହା ତାଙ୍କୁ ମିଳିପାରୁନାହିଁ। ନଦୀରୁ କିପରି ପାଣି ଖସିବ, ସେ ନେଇ ଠାକୁରଙ୍କୁ ପ୍ରାର୍ଥନା କରୁଛନ୍ତି। ପ୍ରଶାସନ ପକ୍ଷରୁ ସମୟସୀମା ଭିତରେ ପର୍ଯ୍ୟାପ୍ତ ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ଅସ୍ଥାୟୀ ତାରପାଲି ଯୋଗାଇ ଦିଆଯାଉ ନଥିବା ନେଇ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଆସୁଛି ବଡ଼ ଲଘୁଚାପ ବର୍ଷା

# ମୟୂରଭଞ୍ଜକୁ ରେଡ୍ ୱାର୍ଣ୍ଣିଂ

- ଆଜି ଜିଲ୍ଲାର ସମସ୍ତ ଅଙ୍ଗନବାଡି ଓ ସ୍କୁଲ ଛୁଟି ଘୋଷଣା
- ୧୯ ତାରିଖ ପର୍ଯ୍ୟନ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

ବାରିପଦା,୧୬।୮ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନ ସମେତ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଥିବାବେଳେ ବଜ୍ରପାତ ସହ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବାର ପୂର୍ବାନୁମାନ କରାଯାଇଛି। ବିଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାର ଯଶିପୁର, ବାରିପଦା, ମୋରଡ଼ା, ବଡ଼ସାହି, ଖୁଣ୍ଟା, ରରୁଆଁ, କରଞ୍ଜିଆ, ଜାମଦା ଓ ଶୁକ୍ରୁଲି ଅଞ୍ଚଳରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ ଜିଲ୍ଲାପାଳ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ/କର୍ମଚାରୀଙ୍କ ଛୁଟି ୧୯ ତାରିଖ ପର୍ଯ୍ୟନ୍ତ ବାତିଲ କରିଛନ୍ତି। ସେହିପରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁସାରେ ଜିଲ୍ଲା ଶିକ୍ଷାଧିକାରୀ ସୋମବାର ଦିନ ଜିଲ୍ଲାର ସମସ୍ତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଛୁଟି ରହିବ ବୋଲି ଘୋଷଣା କରିଛନ୍ତି। ତେବେ ଛାତ୍ରଛାତ୍ରୀଙ୍କ ପାଇଁ ପାଠପଢ଼ା ବନ୍ଦ ରହିବାକୁ ଥିବାବେଳେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଣଶିକ୍ଷଣ କର୍ମଚାରୀ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟରେ ଉପସ୍ଥିତ ରହି ନିଜର ଦାୟିତ୍ୱ ତୁଲାଇବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଡିଏସଡବ୍ଲ୍ୟୁଓ ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ର ବନ୍ଦ ଘୋଷଣା କରିଛନ୍ତି। ସମ୍ଭାବ୍ୟ ପ୍ରବଳ ବର୍ଷା ଓ ଜଳବନ୍ଦୀ ସ୍ଥିତିକୁ ଏଡ଼ାଇବା ପାଇଁ ସାଧାରଣ ଲୋକଙ୍କୁ ସତର୍କ ରହିବା ସହ ନିରାପଦ ସ୍ଥାନରେ ଆଶ୍ରୟ ନେବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଜିଲ୍ଲାରେ ଭାରି ବର୍ଷା ଓ ବନ୍ୟାର ପ୍ରଭାବରେ ବିସ୍ତୃତ କ୍ଷତି ହୋଇଛି।

ଜିଲ୍ଲା ପ୍ରଶାସନରୁ ମିଳିଥିବା ସୂଚନା ମୁତାବକ, ୧୬ ଅଗଷ୍ଟ ସନ୍ଧ୍ୟା ୫ଟା ସୁଦ୍ଧା ୨୨ଟି ବ୍ଲକ ପ୍ରଭାବିତ ହୋଇଛି। ଏହି ପରିସ୍ଥିତିରେ ୫୪ଟି ଗ୍ରାମ ପଞ୍ଚାୟତ ଓ ୧୨୬ଟି ଗାଁ ପ୍ରଭାବିତ ହୋଇଛି। ସହରାଞ୍ଚଳରେ ବାରିପଦା ମ୍ୟୁନିସିପାଲିଟିର ୮ଟି ୱାର୍ଡ ପ୍ରଭାବିତ ହୋଇଛି। ଘରବାଡ଼ି କ୍ଷତି ଦିଗରେ ୫୩୨ଟି ଘର କ୍ଷତିଗ୍ରସ୍ତ ହୋଇଛି। ଏଥିମଧ୍ୟରୁ ୨୨ଟି ଝୋପଡ଼ି ଓ ୨୫ଟି ଗୁହାଳ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ବନ୍ୟା ପୀଡ଼ିତଙ୍କୁ ସାହାଯ୍ୟ କରିବା ପାଇଁ ରବିବାର ୪ଟି ମାଗଣା ଭୋଜନାଳୟରେ ୫୯୦ ଜଣ ଲାଭାନ୍ୱିତ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଉଛି ଓ ଆବଶ୍ୟକ ସାହାଯ୍ୟ କାର୍ଯ୍ୟ ଜାରି ରହିଛି।

# କେନ୍ଦୁଝର ପାଇଁ ରେଡ୍‌ୱାର୍ଣ୍ଣିଂ ଜାରିକଲା ପାଣିପାଗ ବିଭାଗ

- ଆଜି ବନ୍ଦ ରହିବ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ
- ଯୋଡ଼ାରେ ସାପ୍ତାହିକ ଅଭିଯୋଗ ଶୁଣାଣି ସ୍ଥଗିତ

କେନ୍ଦୁଝର,୧୬।୮ (ସମିସ): ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତାକାଲି (ସୋମବାର) କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସୂଚନା ମିଳିବା ପରେ, ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଯୋଡ଼ା ବ୍ଲକରେ ହେବାକୁ ଥିବା ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସାପ୍ତାହିକ ଅଭିଯୋଗ ଶୁଣାଣିକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଥିବାରୁ ଏବଂ ଯାତାୟତ ଓ ଯୋଗାଯୋଗ ବାଧାପ୍ରାପ୍ତ ହେବାର ଆଶଙ୍କା ଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ନାଗରିକମାନଙ୍କୁ ଅନାବଶ୍ୟକ ଯାତ୍ରା ନକରିବାକୁ ଏବଂ ପାଣିପାଗ ସମ୍ବନ୍ଧୀୟ ବିପଦ ପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏହାସହିତ ଅଧିକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ଖରାପ ପାଣିପାଗ ଓ ଆଇଏମଡିର ଚେତାବନୀକୁ ଦୃଷ୍ଟିରେ ରଖି କେନ୍ଦୁଝର ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, କଲେଜ ଓ ଅଙ୍ଗନବାଡି ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀ, ଶିକ୍ଷକ ଓ ଅନ୍ୟାନ୍ୟ ସ୍କୁଲ କର୍ମଚାରୀମାନଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସତର୍କ ରହିବାକୁ, ସରକାରୀ ନିର୍ଦ୍ଦେଶାବଳୀ ପାଳନ କରିବାକୁ ଏବଂ ଏହି ଖରାପ ପାଣିପାଗ ସମୟରେ କର୍ତ୍ତୃପକ୍ଷଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଲୋକମାନଙ୍କୁ ପାଣିପାଗ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ସରକାରୀ ସୂଚନା ମାଧ୍ୟମରେ ଅପଡେଟ୍ ରହିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

# ଜୁଡିଆ ଘାଟି ଓ କାଞ୍ଜିପାଣି ଘାଟିରେ ଭୂସ୍ଖଳନ



କେନ୍ଦୁଝର,୧୬।୮ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୪୯ ନଂ ର କାଞ୍ଜିପାଣି ଥାନା ଅଧୀନ କାଞ୍ଜିପାଣି ଘାଟି ଓ କେନ୍ଦୁଝର ସହର ନିକଟବର୍ତ୍ତୀ ଜୁଡିଆ ଘାଟିରେ ଭୁସ୍ଖଳନ ଘଟି ୪ ଥାକିଆ ରାସ୍ତାର ଗୋଟିଏ ପାଶ୍ୱର୍ରେ ଗାଡି ଚଳାଚଳ ଯାତାୟତ ବାଧାପ୍ରାପ୍ତ ହୋଇଛି। ଜାତୀୟ ରାଜପଥ ୪୯ର ଗୋଟିଏ ପାଶ୍ୱର୍ରେ ଗାଡି ଗୁଡ଼ିକ ଚଳାଚଳ କରୁଥିବାବେଳେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ମେସିନ ଲଗାଇ ରାସ୍ତାରୁ ପଥର ଏବଂ ମାଟି ଉଠାଯିବା ସହ ରାସ୍ତା ସଫା କାମ ଜାରିରହିଛି। ବର୍ଷା ଲାଗି ରହିଥିବାରୁ ଅଧିକ ଭୁସ୍ଖଳନ ଆଶଙ୍କା ରହିଥିବାରୁ ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। କାଞ୍ଜିପାଣି ଘାଟିରେ ମାଟି ଅତଡ଼ାଖସି ଗୋଟିଏ ପାଶ୍ୱର୍ର ରାସ୍ତା ୧୫ଘଣ୍ଟା ଧରି ବନ୍ଦ ରହିଥିଲା। ଏନ୍‌ଏଚ୍‌ଏଆଇ ପକ୍ଷରୁ ରାସ୍ତାରୁ ମାଟି ସଫେଇ କରାଯିବା ପରେ ଶନିବାର ରାତି ୮ ଟାରେ ଉଭୟ ପାଶ୍ୱର୍ରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଜାତୀୟରାଜପଥ ୪୯ ର ଜୁଡ଼ିଆ ଘାଟିରେ ଲଗାଣବର୍ଷା ଫଳରେ ୭ଟି ସ୍ଥାନରେ ମାଟି ଓ ବଡ଼ ବଡ଼ ପଥର ଖସି ଗୋଟିଏ ପାଶ୍ୱର୍ରେ ଗାଡ଼ି ଚଳାଚଳ ବନ୍ଦ ରହିଛି। ରାସ୍ତା ପାଶ୍ୱର୍ର ପାହାଡ଼ରୁ ମାଟି ଓ ପଥର ହଟାଇବା ପରେ ପୁଣି ବଡ଼ ବଡ଼ ପଥର ରାସ୍ତାରେ ପଡୁଛି। ୩୦ ଘଣ୍ଟାରୁ ଅଧିକ ସମୟ ଗୋଟିଏ ପାଶ୍ୱର୍ରେ ଗାଡ଼ି ଚଳାଚଳ ବନ୍ଦ ଥିବାବେଳେ ଆଜି ରାତି ୯ଟା ସୁଦ୍ଧା ଗାଡି ଚଳାଚଳ ସ୍ୱାଭାବିକ ହେବ ବୋଲି ଜଣାପଡ଼ିଛି। ତୁହାକୁ ତୁହା ବର୍ଷା ହେଉଥିବାରୁ ସଫେଇ କାର୍ଯ୍ୟରେ ବିଳମ୍ବ ହେଉଛି। ଅନ୍ୟପଟରେ ଗୋଟିଏ ଲେନରେ ଯାନବାହାନ ଯିବା ଆସିବା କରୁଥିବାରୁ ଟ୍ରାଫିକ ସମସ୍ୟା ଉପୁଜିବା ସହିତ ରାସ୍ତା ଜାମ ରହୁଛି। ଜାତୀୟ ରାଜପଥ ସଫେଇ କାମରେ ୩ଟି ପ୍ରୋକଲେନ,୬ଟି ହାଇୱା,୩ଟି ଜେସିବି,ଗୋଟିଏ ହାଇଡ୍ରା କ୍ରେନ ଗାଡି ନିୟୋଜିତ ଅଛି। ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିଦେ୍ର୍ଦଶକ କାର୍ତ୍ତିକ ରେଡ୍ଡୀ ଘଟଣାସ୍ଥଳରେ ଉପସ୍ଥିତ ରହି ପରିସ୍ଥିତି ପ୍ରତି ନଜର ରଖିଛନ୍ତି। ପାହାଡ଼ ତୀଖ ଥିବାରୁ ବାରମ୍ବାର ପଥର ପଡୁଛି। ଜୁଡିଆ ଘାଟି ରାସ୍ତା ପାଶ୍ୱର୍ର ପାହାଡରୁ ପଥର ଓ ମାଟି ଅତଡା ଖସୁ ଥିବାରୁ ପଥଚାରୀ ଏବଂ ଗାଡିମଟର ପାଇଁ ବିପଦ ସୃଷ୍ଟି କରିଛି। ଜୁଡିଆ ଓ କାଞ୍ଜିପାଣି ଘାଟି ରାସ୍ତା ପାଶ୍ୱର୍ର ପାହାଡ଼ରେ ତାର ଜାଲି ଏବଂ ଗାଡୱାଲ ଦିଆଯାଇଥିଲେ ମଧ୍ୟ ଲଗାଣ ବର୍ଷା ହେଲେ ଏଠାରେ ଭୁସ୍ଖଳନ ହେଉଛି। ପଥଚାରୀଙ୍କ ସୁରକ୍ଷା ପାଇଁ ଏହାର ସ୍ଥାୟୀ ପ୍ରତିକାର ପାଇଁ ଦାବି ହୋଇଛି। ମାଟିର ପରୀକ୍ଷା କରାଯାଇ ପଥର ଖସୁଥିବା ସ୍ଥାନରେ ଜଙ୍ଗଲ ବିଭାଗ ଅନୁମତି ନେଇ ଶୀତ ଦିନରେ ବେଂଚ କଟିଂ କରାଗଲେ ଭୁସ୍ଖଳନ କମିବ ବୋଲି ମତପ୍ରକାଶ ପାଇଛି।

## ଗ୍ରାମ୍ୟ ଉନ୍ନୟନ ବିଭାଗର ସଂକଳ୍ପ ଜାରି

# ଦୁର୍ଗମ ଓ ମାଓପ୍ରଭାବିତ ଗ୍ରାମକୁ ସବୁଦିନିଆ ସଡ଼କ


ଭୁବନେଶ୍ୱର,୧୬।୮ (ସମିସ): ରାଜ୍ୟରେ ଦୁର୍ଗମ ତଥା ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର ଅସଂଯୁକ୍ତ ଗ୍ରାମଗୁଡ଼ିକୁ ସବୁଦିନିଆ ସଡ଼କ ସଂଯୋଗୀକରଣ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର 'ଏମଏମଏସୱାଇ-ଦୁର୍ଗମ ଅଞ୍ଚଳରେ ଅସଂଯୋଜିତ ଗ୍ରାମଗୁଡ଼ିକର ସଂଯୋଗୀକରଣ' ଯୋଜନା ଆରମ୍ଭ କରିଥିଲେ। ନିକଟରେ ଏହି ଯୋଜନାକୁ ୨୦୨୬-୨୭ରୁ ୨୦୩୦-୩୧ ଅର୍ଥାତ୍ ୫ ବର୍ଷ ବୃଦ୍ଧି ପାଇଁ କ୍ୟାବିନେଟର ଅନୁମୋଦନ ମଧ୍ୟ ମିଳିଥିଲା। ଶୁକ୍ରବାର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ଭାବରେ ସଂକଳ୍ପ ପ୍ରକାଶ ପାଇଛି। ଯୋଜନା ପାଇଁ ୧୩୦୦ କୋଟି ବ୍ୟୟବରାଦ ହୋଇଥିବା ବେଳେ ମୋଟ ୨୦୯୯ କିମି ନୂଆ ସଡ଼କ ନିର୍ମାଣ ହେବ।

ସଂକଳ୍ପ ଅନୁଯାୟୀ ନିର୍ମାଣ ହେବାକୁ ଥିବା ନୂଆ ସଡ଼କ ପ୍ରକଳ୍ପ କେବଳ ଗୃହ ବିଭାଗର ସୁପାରିଶ କ୍ରମେ ନିଆଯିବ। ବାମପନ୍ଥ ଉଗ୍ରବାଦ ଅଞ୍ଚଳରେ ବିଏସଏଫ ଜବାନଙ୍କର ସ୍ଥାନାନ୍ତରଣ ତଥା ଉଗ୍ରବାଦ ପ୍ରଭାବ ହ୍ରାସ ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯିବ। ସେହିପରପି ଆବଶ୍ୟକୀୟ ସ୍ଥାନରେ ସୁପାରିଶ ଆଧାରରେ ନୂଆ ବ୍ରିଜ ନିର୍ମାଣ ପାଇଁ ମଧ୍ୟ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରାଯିବ। ସ୍ଥାନୀୟ ଅଞ୍ଚଳର ଗ୍ରାମ୍ୟ ଉନ୍ନୟନ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ/କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଗୃହ ବିଭାଗର ଅଧିକାରୀ ଭାବେ ମିଳିତ ବାବେ ପ୍ରକଳ୍ପ ସ୍ଥାନ ଚୟନ କରି ବିସ୍ତୃତ ରିପୋର୍ଟ ବିଭାଗ ନିକଟରେ ଦାଖଲ କରିବେ। ଏହି ଅବଧି ମଧ୍ୟରେ ପ୍ରାୟ ୧୧୫୦ କିମି ନୂତନ ସଡ଼କ ଏବଂ ୯୪୯ କିଲୋମିଟର ଦୈର୍ଘ୍ୟର ଚାଲୁ ରହିଥିବା ପ୍ରକଳ୍ପ ନିର୍ମାଣ ହେବ ବୋଲି ଜଣାପଡ଼ିଛି।

## ଥାନାରୁ ଅଭିଯୁକ୍ତ ଫେରାର

# ୨ ପୁଲିସ କର୍ମଚାରୀ ନିଲମ୍ବିତ

ବିଞ୍ଝାରପୁର,୧୬।୮ (ସମିସ): ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅଙ୍ଗଲୋ ଗ୍ରାମରେ ଘଟିଥିବା ଚୋରି ମାମଲାରେ ସନ୍ଦେହରେ ଥାନାକୁ ଅଣାଯାଇଥିବା ଜଣେ ବ୍ୟକ୍ତି ଶନିବାର ଅପରାହ୍ନରେ କୌଶଳକ୍ରମେ ଥାନାରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଫେରାର ବ୍ୟକ୍ତି ଜଣକ ଟୁକୁନା ଦାସ ବୋଲି ସୂଚନା ମିଳିଛି। ଟୁକୁନା ଫେରାର ହେବା ପରେ ତାଙ୍କୁ ଧରିବା ପାଇଁ ବିଞ୍ଝାରପୁର ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ସହ ଖୋଜାଖୋଜି ଜାରି ରହିଛି। ତେବେ ରବିବାର ସନ୍ଧ୍ୟା ସୁଦ୍ଧା ତାଙ୍କର କୌଣସି ସନ୍ଧାନ ମିଳିନଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଦୁଇଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ବିଞ୍ଝାରପୁର ଥାନାର ଏଏସଆଇ ରାଧାକାନ୍ତ ମାଝୀ ଓ କନଷ୍ଟେବଲ ସୁନିଲ କୁମାର କୁଲୁଙ୍କୁ ଯାଜପୁର ଏସ୍‌ପି ୟଶ ପ୍ରତାପ ଶ୍ରୀମଲ୍ ନିଲମ୍ବିତ କରିଥିବା ସୂଚନା ମିଳିଛି।



## ଡାକ୍ତରୀ ଶିକ୍ଷା

# ବହୁ ପଛରେ ଓଡ଼ିଶା

- ୨୧ କଲେଜରେ ମୋଟ ୩,୦୭୫ ଏମ୍‌ବିବିଏସ୍ ସିଟ୍
- ୬ଟି ଘରୋଇ ମେଡିକାଲ କଲେଜରେ ମାତ୍ର ୧୧୦୦ ସିଟ୍

ଭୁବନେଶ୍ୱର,୧୬।୮ (ସମିସ): ଦେଶରେ ମେଡିକାଲ ଶିକ୍ଷାର ଭିତ୍ତିଭୂମି ଦ୍ରୁତ ଭାବେ ବୃଦ୍ଧି ପାଉଥିବାବେଳେ ଓଡ଼ିଶା ଏ କ୍ଷେତ୍ରରେ ଏବେ ବି ଅନେକ ରାଜ୍ୟଠାରୁ ପଛରେ ରହିଛି। ୨୦୨୬ ଜୁଲାଇ ୩୦ ସୁଦ୍ଧା ଦେଶରେ ସରକାରୀ ଓ ଘରୋଇ ମିଶାଇ ମୋଟ ୮୪୬ଟି ମେଡିକାଲ କଲେଜ ଓ ଏଥିରେ ୧,୩୯,୮୬୪ ଏମ୍‌ବିବିଏସ୍ ସିଟ୍ ଥିବାବେଳେ ଓଡ଼ିଶାରେ ୨୧ଟି ମେଡିକାଲ କଲେରେ ସିଟ୍ ସଂଖ୍ୟା ରହିଛି ମାତ୍ର ୩,୦୭୫। ସରକାରୀ ମେଡିକାଲ କଲେଜଗୁଡ଼ିରେ ଅଧିକ ସିଟ୍ ପାଇଁ କେନ୍ଦ୍ରୀୟ ମଞ୍ଜୁରୀ ମିଳୁନାହିଁ; ଅନୁରୂପ ଭାବରେ ଘରୋଇ ମେଡିକାଲ କଲେଜଗୁଡ଼ିକରେ ମଧ୍ୟ ଆସନ ସଂଖ୍ୟା ବୃଦ୍ଧି ଆବେଦନକୁ କେନ୍ଦ୍ର ସରକାର ଗ୍ରହଣ କରୁନାହାନ୍ତି। ଯାହାଫଳରେ ପ୍ରତିବର୍ଷ ଓଡ଼ିଶାରୁ ହଜାର ହଜାର ଛାତ୍ରଛାତ୍ରୀ ଅନ୍ୟ ରାଜ୍ୟରେ ଡାକ୍ତରୀ ପାଠ ପଢ଼ିବାକୁ ଯାଉଥିବା ଦେଖାଯାଉଛି।

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ, ଓଡ଼ିଶାରେ ମୋଟ ୨୧ଟି ମେଡିକାଲ କଲେଜ ମଧ୍ୟରୁ ୧୫ଟି ସରକାରୀ ଓ ୬ଟି ଘରୋଇ ସଂସ୍ଥାଦ୍ୱାରା ପରିଚାଳିତ। ୧୫ଟି ସରକାରୀ ମେଡିକାଲ କଲେଜରେ ମାତ୍ର ୧,୯୭୫ଟି ସିଟ୍ ଥିବାବେଳେ ଘରୋଇ କଲେଜରେ ରହିଛି ମାତ୍ର ୧,୧୦୦ଟି ସିଟ୍। ଅନ୍ୟ ରାଜ୍ୟରେ ମେଡିକାଲ କଲେଜ ଓ ଆସନ ସଂଖ୍ୟା ସହ ଓଡ଼ିଶାକୁ ତୁଳନା କଲେ ସାଧାରଣତଃ ନିରାଶ ହେବାକୁ ପଡ଼େ। ଉତ୍ତରପ୍ରଦେଶରେ ୯୦ଟି ମେଡିକାଲ କଲେଜରେ ୧୪,୨୫୦ଟି ଏମ୍‌ବିବିଏସ୍ ସିଟ୍ ରହିଛି। ମହାରାଷ୍ଟ୍ରରେ ୮୭ଟି କଲେଜରେ ୧୩,୨୨୪ ସିଟ୍, ତାମିଲନାଡୁରେ ୭୯ଟି କଲେଜରେ ୧୪,୦୪୯ ସିଟ୍ ଏବଂ କର୍ଣ୍ଣାଟକରେ ୭୫ଟି କଲେଜରେ ୧୫,୪୪୫ଟି ଏମ୍‌ବିବିଏସ୍ ସିଟ୍ ରହିଛି। ଅନୁରୂପ ଭାବରେ ତେଲଙ୍ଗାନାରେ ୬୭ଟି କଲେଜରେ ୧୦,୩୫୦ଟି, ରାଜସ୍ଥାନରେ ୫୨ଟି କଲେଜରେ ୮,୨୩୦ଟି, ଗୁଜରାଟରେ ୪୩ଟି କଲେଜରେ ୭,୮୨୫ଟି ଏବଂ ଆନ୍ଧ୍ରପ୍ରଦେଶରେ ୪୧ଟି କଲେଜରେ ୭,୬୪୦ ଏମ୍‌ବିବିଏସ୍ ସିଟ୍ ଥିବା ସୂଚନା ମିଳିଛି। ସବୁଠାରୁ ଚିନ୍ତାଜନକ ଦିଗ ହେଉଛି ଘରୋଇ ମେଡିକାଲ ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ସୀମିତ କ୍ଷମତା। କର୍ଣ୍ଣାଟକରେ ୫୧ଟି ଘରୋଇ ମେଡିକାଲ କଲେଜରେ ୧୦,୯୫୫ଟି ଏମ୍‌ବିବିଏସ୍ ସିଟ୍ ରହିଛି। ତାମିଲନାଡୁରେ ୪୧ଟି ଘରୋଇ କଲେଜରେ ୮,୬୫୦ ସିଟ୍ ଏବଂ ଉତ୍ତରପ୍ରଦେଶରେ ୩୯ଟି ଘରୋଇ କଲେଜରେ ୮,୩୦୦ଟି ସିଟ୍ ରହିଛି। ଏହା ତୁଳନାରେ ଓଡ଼ିଶାରେ ମାତ୍ର ୬ଟି ଘରୋଇ ମେଡିକାଲ କଲେଜ ଏବଂ ୧,୧୦୦ ଏମ୍‌ବିବିଏସ୍ ସିଟ୍ ରହିଛି। ଏହି ସୀମିତ କ୍ଷମତାର ସିଧାସଳଖ ପ୍ରଭାବ ରାଜ୍ୟର ମେଡିକାଲ ଆସନ ପାଇଁ ପ୍ରତିଯୋଗିତା ଉପରେ ପଡୁଛି। ଓଡ଼ିଶାରେ ମେଡିକାଲ ସିଟ୍ ସଂଖ୍ୟା ଯଥେଷ୍ଟ ନ ବୃଦ୍ଧି ନ ହେବା ଯୋଗୁଁ ରାଜ୍ୟର ଛାତ୍ରଛାତ୍ରୀଙ୍କୁ ଅନ୍ୟ ରାଜ୍ୟ ଉପରେ ଅଧିକ ନିର୍ଭର କରିବାକୁ ପଡୁଛି। ପୁଣି ବାହାରେ ପଢ଼ାଇବା ପାଇଁ ଅଧିକ ଫି' ମଧ୍ୟ ରାଜ୍ୟର ମଧ୍ୟବିତ୍ତ ଓ ନିମ୍ନ ଆୟ ବର୍ଗର ପରିବାରର ପିଲାମାନଙ୍କର ଡାକ୍ତର ହେବା ସ୍ୱପ୍ନକୁ ସମାଧି ଦେଉଛି।

## ୮୦ ତମ ସ୍ୱାଧୀନତା ଦିବସ ପାଳିତ

# ଦେଶମାତୃକାର ସେବା, ଅଖଣ୍ଡତା ରକ୍ଷା ପାଇଁ ଆହ୍ୱାନ





କେନ୍ଦୁଝର,୧୬।୮ (ସମିସ)

କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଛି। ପ୍ରବଳବର୍ଷାକୁ ଖାତିର ନକରି ପରେଡ୍ ଗ୍ରୁପଗୁଡ଼ିକ ନିଜନିଜ ସ୍ଥାନରେ ଅବିଚଳ ଭାବେ ଛିଡ଼ା ହୋଇ ରହିଥିଲେ। ଜିଲ୍ଲାପାଳ ବିଶାଳ ସିଂହ ମୁଖ୍ୟଅତିଥି ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ। ପତାକା ଉତ୍ତୋଳନ ପୂର୍ବରୁ ପ୍ରଥମେ ମୁଖ୍ୟ ଅତିଥି ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମନ୍ତ୍ରୀ ନିଜ ଭାଷଣରେ ୧୯୯୯ "ଅପରେସନ୍ ବିଜୟ"ର ଅମର ସହିଦ ଚମ୍ପୁଆ ଉପଖଣ୍ଡର ମାତ୍ର ୨୫ ବର୍ଷୀୟ ବୀର ସୈନିକ କାର୍ଗିଲଯୁଦ୍ଧର ସବୁଠାରୁ ଦୁର୍ଗମ 'ପଏଣ୍ଟ ୪୮୭୫'ରେ ମାତୃଭୂମି ପାଇଁ ଦେଇଥିବା ଆତ୍ମବଳିଦାନକୁ ସେ ଶ୍ରଦ୍ଧାର ସହ ମନେ ପକାଇଥିଲେ। ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ସେବା ଓ ବଳିଷ୍ଠ ନେତୃତ୍ୱରେ 'ବିକଶିତ ଓଡ଼ିଶା ୨୦୩୬' ଓ 'ବିକଶିତ ଭାରତ ୨୦୪୭'ର ସ୍ୱପ୍ନ ଆଜି ସାକାର ହେବାକୁ ଯାଉଛି। ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ପ୍ରଦୀପ କୁମାର ଜେନା ଆନୁଷ୍ଠାନିକ ପରେଡ୍ ପରିଚାଳନା କରିଥିଲେ। ଏହି ସମାରୋହରେ କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ର ଅଧ୍ୟକ୍ଷା ମମିତା ନାଏକ, ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍ଡି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମନ୍ମଥ ମହାଲିକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ଶିକ୍ଷାବିତ୍, ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲ୍ଲାର ଶ୍ରେଷ୍ଠ ଜୁଆଙ୍ଗ ମାଟ୍ରିକ୍ୟୁଲେଟ ଭାବେ ପାର୍ବତୀ ଜୁଆଙ୍ଗ, ଗୌଧୁରୀ ଜୁଆଙ୍ଗ, ଶ୍ରେଷ୍ଠ ମାଟ୍ରିକ୍ୟୁଲେଟ ଭାବେ ବାଳିକା ମଧୁସ୍ମିତା ମାଝୀ, ଶ୍ରେଷ୍ଠ ବାଳକ ମାଟ୍ରିକ୍ୟୁଲେଟ କ୍ଷିତୀଶ କୁମାର ମହାନ୍ତ ଏବଂ ଶ୍ରେଷ୍ଠ ଏସ୍.ଟି ମାଟ୍ରିକ୍ୟୁଲେଟ ଭାବେ ମଧୁସ୍ମିତା ମାଝୀ, ଶ୍ରେଷ୍ଠ ଏସ୍.ସି. ମାଟ୍ରିକ୍ୟୁଲେଟ ଭାବେ କିଂସ ପ୍ରତିଜ୍ଞା ପଣ୍ଡିତ, ଶ୍ରେଷ୍ଠ ସି.ବି.ଏସ୍.ଇ. ମାଟ୍ରିକ୍ୟୁଲେଟ ଭାବେ ଜ୍ୟୋତିର୍ଦିତ୍ୟ ଜେନା, ଶ୍ରେଷ୍ଠ ଆଇ.ସି.ଏସ୍.ଇ. ମାଟ୍ରିକ୍ୟୁଲେଟ ଆଶୁତୋଷ ପାତ୍ର, ଶ୍ରେଷ୍ଠ +୨ କଳା ଛାତ୍ରୀ ଭାବେ ପ୍ରିୟଙ୍କାରାଣୀ ମହାନ୍ତ,ଶ୍ରେଷ୍ଠ +୨ ବିଜ୍ଞାନ ଛାତ୍ରୀ ଭାବେ ପ୍ରୀତି ପ୍ରିୟଦର୍ଶିନୀ କବି, ଶ୍ରେଷ୍ଠ +୨ ବାଣିଜ୍ୟ ଛାତ୍ରୀ ଭାବେ ଇପ୍ସିତା ଦିବେଦୀ, ଆଦର୍ଶ ସେବକ ଭାବେ ରାଇସୁଆଁ ଆଶ୍ରମ ବିଦ୍ୟାଳୟ, ତେଲକୋଇର ସେବକ ଶ୍ରୀ ଜଗବନ୍ଧୁ ନାଏକ, ଆଦର୍ଶ ସେବିକା ଭାବେ ବାୟାପଧାର ଆଶ୍ରମ ବିଦ୍ୟାଳୟ,ବାଂଶପାଳ ସେବିକା ଶ୍ରୀମତୀ ସଂଯୋତି ମଙ୍ଗଳେଶ୍ୱରୀ ମହଲା, ଆଦର୍ଶ ଅଙ୍ଗନବାଡ଼ିକର୍ମୀ ଭାବେ ଆନନ୍ଦପୁର ବ୍ଲକର ,ମୈଦାନକେ,ଚକା-ଡି ଅଙ୍ଗନୱାଡି କେନ୍ଦ୍ରର ଜୟନ୍ତୀ ଦାସ, ଆଦର୍ଶ ମହିଳା ସ୍ୱାସ୍ଥ୍ୟକର୍ମୀ ଭାବେ ରାଇଆଁଗୋଡ଼ା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର-ଉଣ୍ଡା, ବ୍ଲକ-ଚମ୍ପୁଆ ସାବିତ୍ରୀ ମହାନ୍ତ, ଆଦର୍ଶ ସ୍ୱୟଂ ସହାୟକ ଗୋଷ୍ଠୀ ଭାବେ ସଦର ବ୍ଲକ ମା' ଲକ୍ଷ୍ମୀପ୍ରିୟା ସ୍ୱୟଂ ସହାୟକ ଗୋଷ୍ଠୀ, ଆଦର୍ଶ ଉଦ୍ୟାନ କୃଷକ ଜନାର୍ଦ୍ଦନ ଗିରି,ଚାରାରୋପଣ କ୍ଷେତ୍ରରେ ଆଦର୍ଶ ବିଦ୍ୟାଳୟ ଭାବେ ଚମ୍ପୁଆ ବ୍ଲକ ଫୁଲ କାଁଟେଇ ନୋଡାଲ ହାଇସ୍କୁଲ, ଫୁଲ କାଁଟେଇ, ଶ୍ରେଷ୍ଠ ଖେଳାଳି ଭାବେ ହ୍ୟାଣ୍ଡବଲ ଖେଳାଳି ରାଜାରାମ ପଣ୍ଡା ଏବଂ ଏସୀୟ ସ୍ପୁଟିଂରେ ରୌପ୍ୟ ପଦକ ଜିତିଥିବା ମାନ୍ୟତା ସିଂହ, ଆଦର୍ଶ ସରକାରୀ ଡ୍ରାଇଭର ଭାବେ ନିରଞ୍ଜନ ଷଡ଼ଙ୍ଗୀ , ଶ୍ରେଷ୍ଠ ପୌରପାଳିକା ଭାବେ ବଡବିଲ ପୌରପାଳିକା, ସ୍ୱେଚ୍ଛାକୃତ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଜେପି(୫୩୨ ୟୁନିଟ୍), ଶ୍ରେଷ୍ଠ ଗ୍ରାମ ପଂଚାୟତ ଭାବେ କଣ୍ଡରାପସି ପଂଚାୟତକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳିତ ଚିତାକର୍ଷକ ପରେଡ୍ ପାଇଁ ଏନ୍.ସି.ସି./ସ୍କାଉଟ/ଗାଇଡ୍/ରେଡ୍କ୍ରସ ବର୍ଗରେ ଏନ୍.ସି.ସି. ଡ୍ରିଲ୍, କଲେଜ କେନ୍ଦୁଝର, ସିଭିଲିଆନ୍ ଜୁନିୟର୍ ବର୍ଗରେ ରବୀନ୍ଦ୍ର ବିଦ୍ୟା ନିକେତନ (ବାଳକ ଦଳ) ଏବଂ ସିଭିଲିଆନ୍ ସିନିୟର୍ ବର୍ଗରେ ରବୀନ୍ଦ୍ର ବିଦ୍ୟା ନିକେତନ (ବାଳିକା ଦଳ)କୁ ମୁଖ୍ୟ ଅତିଥି ସିଲ୍ଡ ପ୍ରଦାନ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ସହରରେ ରାମଧୁନ ପ୍ରଚାର କରାଯାଇଥିଲା। ସମାଗୀ ତାରକ୍ଟି ଧାରାବିବରଣୀ ପ୍ରଦାନ କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମଟି ସୁଚାରୁରୂପେ ପରିଚାଳିତ ହୋଇଥିଲା। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ନାଏକଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



**ହାଟଡ଼ିହି:** ହାଟଡ଼ିହି ବ୍ଲକ ଅଧୀନସ୍ଥ ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଜୁ ରଞ୍ଜନ ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେବ୍ଲକ୍ଅଧ୍ୟକ୍ଷାସାବିତ୍ରୀସେଠୀମୁଖ୍ୟଅତିଥିଭାବେଯୋଗଦେଇପତାକାଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ବିଜେଡି ନେତା ଅଲୋକ ସେଠୀ, ଜ୍ଞାନରଞ୍ଜନ ସାମନ୍ତସିଂହାର, ନାରାଜନେତ୍ରୀ ମିନତୀ ଧଳ ମହାପାତ୍ର, ତୃପ୍ତିମୟୀ ଜେନା ପ୍ରମୁଖଙ୍କ ସହ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ବ୍ଲକ୍ ନିକଟସ୍ଥ ବିଜେଡ଼ି କାର୍ଯ୍ୟାଳୟରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ହୋଇଥିଲା ବେଳେ ଏଥିରେ ଉପାଧ୍ୟକ୍ଷ ଜିଲ୍ଲାପରିଷଦ ସୋମନାଥ ଦାସ, ବ୍ଲକ୍ ଉପାଧ୍ୟକ୍ଷ ରବିକାନ୍ତ ରାଉତ, ଜିଲ୍ଲାପରିଷଦ ସଭ୍ୟା କୌଶଲ୍ୟା ସେଠୀ, ସୁକାନ୍ତି ଜେନା, ବରିଷ୍ଠ ବିଜେଡ଼ି ନେତା କାମପାଳ ନାୟକ, ଗୋପାଳ ନାୟକ, କୈଳାସ ରାଉତ, ଗୌରାଙ୍ଗ ରଣା, ଶଙ୍କର୍ଷଣ ନାୟକ, ରୁଦ୍ରନାରାୟଣ ଜେନା, ସୁଦର୍ଶନ ରଣା, ବ୍ରଜମଣି ରାଉତ, ଧୃଶାସନ ସାହୁ, ନିର୍ମଳ ମଲ୍ଲିକ, ଯୁବନେତା ଅମରେନ୍ଦ୍ର ଧଳ, ଦିପ୍ତାରଞ୍ଜନ ଦାସ, ସ୍ନେହାଂଶୁ ଦାସ, ମଧୁ ନାୟକ, ଶମ୍ଭୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ତହସିଲ କାର୍ଯ୍ୟାଳୟରେ ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ, ସେକ୍ସନ ଅଫିସର ଶ୍ରବଣ କୁମାର ପରିଡ଼ା, ବରିଷ୍ଠ ସହାୟକ ରାଜୀବ ଲୋଚନ ସାହୁ, ଦିଲ୍ଲୀପ ଜେନା, ମାନସ ପାଢ଼ୀ, କନିଷ୍ଠ ସହାୟକ ଚନ୍ଦ୍ରକାନ୍ତ ସା, କର୍ମଚାରୀ କେଦାର ସା, ଜ୍ୟୋତିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ପ୍ରହ୍ଲାଦ ଦରେଇ, କନିଷ୍ଠଯନ୍ତ୍ରୀ ରଜତ କୁମାର ସେଠୀ, କର୍ମଚାରୀ ସଦାଶିବ ପେରେଇଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ ହୋଇଥିଲା। ନନ୍ଦିପଦା ଓ ସୋଷୋଥାନା, ବିଇଓ ଅଫିସ୍, ଟ୍ରେଜେରୀ ଅଫିସ୍, ମରେଙ୍ଗି ସ୍ଥିତ କୃଷି ଅଫିସ୍, ଦମକଳ ଅଫିସ୍, ହଦଗଡ଼ ସ୍ଥିତ ଫରେଷ୍ଟ ରେଞ୍ଜ ଅଫିସ୍, ଛେନାପଦୀ ଓ ବିଦ୍ୟାଧରପୁର ଜଳସେଚନ ଅଫିସ୍, ବଉଳା ଓଏମସି ମାଇନ୍ସ ଅଫିସ୍, ସହ ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲ, ମେଡିକାଲ, ବ୍ୟାଙ୍କ ଆଦିରେ ଦେଶର ସ୍ୱାଧୀନତା ଦିବସ ପାଳନ ହୋଇଥିଲା।

### ଆନନ୍ଦପୁର ଓକିଲ ସଂଘ

**ଆନନ୍ଦପୁର:** ଆନନ୍ଦପୁର ଓକିଲ ସଂଘ ପରିସରରେ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି। ସଂଘର ସଭାପତି ଦୟାନିଧି ଦାଶ ଜାତୀୟ ପତାକା ଉତ୍ତୋଳନ କରି ମହାନ ଜାତୀୟତା ପ୍ରେମୀ ସ୍ୱାଧୀନତା ସଂଗ୍ରାମୀଙ୍କର ତ୍ୟାଗପୂତ ଜୀବନୀ ଓ ଜାତୀୟତା ଐକତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦେବଦତ୍ତ ଦାସ୍ ମହାପାତ୍ର, ସବ୍‌ଜଜ୍ ଗୌରବ ପୁରୋହିତ, ଏ ସ୍ ଡି ଜେ ଏ ମ୍ ଗୌରୀଶଙ୍କର ପଣ୍ଡା, ଜେଏମ୍‌ଏଫ୍‌ସି ଯଶସ୍ୱୀନୀ ମହାପାତ୍ର, ଗ୍ରାମନ୍ୟାୟାଳୟ ନ୍ୟାୟାଧିକାରୀ ପ୍ରଣତୀ ରଥ ଯୋଗଦେଇ ଥିଲେ। ସମସ୍ତ ଆଇନଜୀବୀ ଯୋଗଦେଇ ରାଷ୍ଟ୍ର ସଙ୍ଗୀତ ଗାନ କରିଥିଲେ।



### ତୈଳିକ ସମାଜ

**କେନ୍ଦୁଝର:** କେନ୍ଦୁଝର ଜିଲ୍ଲା ତୈଳିକ ବୈଶ୍ୟ ସମାଜଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପରିଚାଳନା ପରିଷଦର କର୍ମକର୍ତ୍ତା ଉପଦେଷ୍ଟା ସଦସ୍ୟ ଏବଂ ବଡ଼ହଳ ଶିଳ୍ପ ତାଲିମ କେନ୍ଦ୍ରର ଶିକ୍ଷକ ଓ ଛାତ୍ରମାନେ ଯୋଗ ଦେଇଥିଲେ। ସମାଜର ସଭାପତି ବସନ୍ତ କୁମାର ସାହୁ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ମାୟାଧର ସାହୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେ ପକାଇଥିଲେ। ସମାଜ ତରଫରୁ ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ଜଣେ ଛାତ୍ର ଓ ଛାତ୍ରୀଙ୍କୁ ଟ୍ରଫି ସହିତ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଚାଳନା ପରିଷଦର କର୍ମକର୍ତା ଉପଦେଷ୍ଟା ସଦସ୍ୟ ଏବଂ ବଡ଼ହଳ ଶିଳ୍ପ ତାଲିମ କେନ୍ଦ୍ରର ଶିକ୍ଷକ ଓ ଛାତ୍ରମାନେ ଯୋଗ ଦେଇଥିଲେ।



**କେନ୍ଦୁଝର :** ନରଣପୁର ସଭାବନା ଅନୁଷ୍ଠାନ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ସ୍ୱାଧୀନତା ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ସମବେତ କଣ୍ଠରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ଅଭିଭାବକମାନେ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସମସ୍ତଙ୍କ ପାଇଁ ସମାନ ସୁଯୋଗ, ସମ୍ମାନ ଓ ଅନ୍ତର୍ବେଶୀମୂଳକ ସମାଜ ଗଠନର ସଂକଳ୍ପ ସହମତି କ୍ରମେ ନେଇଥିଲେ।



### ପାଟଣାରେ ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ

**ତୁରୁମୁଙ୍ଗା:** କେନ୍ଦୁଝର ଜିଲ୍ଲା ପାଟଣା ଷ୍ଟାଡିୟମରେ ବ୍ଲକ୍‌ସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମାବେଶକୁ ଉଦ୍‌ବୋଧନ ଦେଇ ଦେଶ ମାତୃକାର ସେବା, ଦେଶର ଏକତା ଓ ଅଖଣ୍ଡତା ରକ୍ଷା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ୩୨ଟି ଗ୍ରୁପ୍‌ରୁ ଆସିଥିବା ପରେଡ୍ ଦଳର ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ପାଟଣା ବ୍ଲକ୍‌ର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କର୍ମଚାରୀ, ବିଶିଷ୍ଟ ବ୍ୟକ୍ତିତ୍ୱ ଓ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ବିଡିଓ ମାନସ ରଞ୍ଜନ ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ କୁମାର ନାଏକ ଓ ବିଇଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତ ମାଟ୍ରିକ ପରୀକ୍ଷାରେ ବ୍ଲକ୍ ଟପ୍ପର ହୋଇଥିବା କେନ୍ଦେଇପଶି ପିଏମ ଶ୍ରୀ ହାଇସ୍କୁଲର ଛାତ୍ର କୋମଳଲୋଚନ ମହାନ୍ତ, ବ୍ଲକ୍‌ର ଆଦର୍ଶ ଶିକ୍ଷକ ଭାବରେ କୁମୂଳାବାହାହାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୀଷଣ ଦଳ ଦସିଆ, ଲକ୍ଷପତି ଦିଦି ଭାବେ ଜୟନ୍ତି ମହାନ୍ତ ଶ୍ରେଷ୍ଠ ଅଙ୍ଗନବାଡ଼ି କର୍ମୀ ଭାବରେ କୌଶଲ୍ୟା ନାଏକ, ଶ୍ରେଷ୍ଠ ଆଶାକର୍ମୀ ସିନି ବାଙ୍ଗସିଂ, ପରେଡ୍ ପରିଚାଳନା ପାଇଁ ପାଟଣା କଲେଜର କ୍ରୀଡ଼ାଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ, କ୍ରୀଡ଼ାବିତ୍ ପ୍ରୋମଦ କୁମାର ଭଞ୍ଜ ଦେଓଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ପରେଡ୍‌କୁ କ୍ୟାପଟେନ୍ ଧର୍ମେନ୍ଦ୍ର ସାହୁ ଓ ପ୍ରମୋଦ ଭଞ୍ଜ ପରିଚାଳନା କରିଥିବାବେଳେ ଶିକ୍ଷକ ପାର୍ଥସାରଥୀ ବେଜ୍ ଓ ଶିକ୍ଷକ ନେତା କମଳାକାନ୍ତ ପତି ସଂଯୋଜନା କରିଥିଲେ। ଶିକ୍ଷକ ଜ୍ୟୋତିର୍ମୟ ତ୍ରିପାଠୀ, ସନ୍ତୋଷ ନାଏକ, ପ୍ରମୋଦ ମହାନ୍ତ, କଳ୍ପତରୁ କର ଓ ପ୍ରକାଶ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଏଥିସହ ପାଟଣା ତହସିଲ ବ୍ଲକ୍, ପାଟଣା କଲେଜ, ତୁରୁମୁଙ୍ଗା ଦଧିବାମ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଡିଗ୍ରୀ କଲେଜ, ପାଟଣା ଓ ତୁରୁମୁଙ୍ଗା ଥାନା, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅଗ୍ନିଶମ କାର୍ଯ୍ୟାଳୟ, ପାଟଣା ରେଞ୍ଜ ଅଫିସ୍, ସ୍ୱାମୀ ମୁକ୍ତିତୀର୍ଥ କ୍ଲବ୍, ପାଟଣା ବାଳିକା ଉଚ୍ଚବିଦ୍ୟାଳୟ, ଜିଏନ୍ ହାଇସ୍କୁଲ୍, ପାଟଣା ଶିଶୁ ବିଦ୍ୟାମନ୍ଦିର, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ତୁରୁମୁଙ୍ଗା ଶିଶୁମନ୍ଦିର, ତୁରୁମୁଙ୍ଗା ବଣିକ ସଙ୍ଘ, ଖିରେଇଟାଙ୍ଗିରୀ ବଣିକ ସଙ୍ଘ ସମେତ ବିଭିନ୍ନ ଅନୁଷ୍ଠାନରେ ମଧ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।





**ବଡ଼ବିଲ,:** ମହୋତ୍ସବ ପଡ଼ିଆରେ ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ ପତାକା ଉତ୍ତୋଳନ କରିଥିବାବେଳେ, ବଡବିଲ ତହସିଲଦାର ରାକେଶ କୁମାର ପଣ୍ଡା, ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ, ଥାନା ଅଧିକାରୀ ଅଶୋକ କୁମାର ନାୟକ, ବନାଞ୍ଚଳ ଅଧିକାରୀ ସଞ୍ଜୀବ କୁମାର ରାଉତ, କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାୟକ, ଚନ୍ଦ୍ରଗୁପ୍ତ ପ୍ରସାଦ, ନୀଳମଣି ମହାନ୍ତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଲଗାତାର ୧୪ ବର୍ଷ ହେବ ଜିଲ୍ଲାର ପ୍ରଥମ ପୌରପାଳିକା ଭାବେ, କାର୍ଯ୍ୟନିର୍ବାହୀ ଅଧିକାରୀ ନାୟକ, ମାନ୍ୟବର ଗୃହ ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ପୌର କାର୍ଯ୍ୟାଳୟରେ ପୌରାଧ୍ୟକ୍ଷ ମହାନ୍ତ, ଓଏମଡିସି କମ୍ପାନୀ କାର୍ଯ୍ୟାଳୟରେ ବ୍ୟବସାୟିକ ମୁଖ୍ୟ ବିଦୁଭୂଷଣ ଗୋମାଙ୍ଗୋ, ଓଏମସି, କାର୍ଯ୍ୟାଳୟରେ ଆଞ୍ଚଳିକ ପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ନାୟକ, କଳିଙ୍ଗ କାରଖାନା ପରିସରରେ କାରଖାନା ମୁଖ୍ୟ ରଞ୍ଜନ କୁମାର ବେହେରା, ଭଦ୍ରାସାହି ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ପ୍ରମିଳା ନାଏକ, ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଟ୍ରାଇବଲ୍ ଏଣ୍ଡଏ ଡେଭେଲୋପମେଣ୍ଟ ସୋସାଇଟି, ନୀଳାଦ୍ରି ଅନୁଷ୍ଠାନରେ ଅନୁଷ୍ଠାନର ଟ୍ରଷ୍ଟି ମହେଶ୍ୱର ରାଉତ, କୈଳାଶ ଚନ୍ଦ୍ର ସାହାଣୀ, ବଡବିଲ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟରେ ମାଜିଷ୍ଟ୍ରେଟ(ପ୍ରଥମ ଶ୍ରେଣୀ) ଶୁଭଲକ୍ଷ୍ମୀ ପଟ୍ଟନାୟକ, ମଧୁସ୍ମିତା ନାୟକ(ଦ୍ୱିତୀୟ ଶ୍ରେଣୀ) ପତାକା ଉତ୍ତୋଳନ କରିଥିଲେ। ତହସିଲଦାର ରାକେଶ କୁମାର ପଣ୍ଡା, ଏସଡିପିଓ କାର୍ଯ୍ୟାଳୟରେ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ବଡବିଲ ଥାନାରେ ଥାନା ଅଧିକାରୀ ଅଶୋକ କୁମାର ନାୟକ, ବନ ବିଭାଗ କାର୍ଯ୍ୟାଳୟରେ ବନାଞ୍ଚଳ ଅଧିକାରୀ ସଞ୍ଜୀବ କୁମାର ରାଉତ ପତାକା ଉତ୍ତୋଳନ କରିଥିଲେ।

**ଚମ୍ପୁଆ :** ଚମ୍ପୁଆ ନେହେରୁ ଷ୍ଟାଡିୟମ୍‌ରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ନିଜ ଅଭିଭାଷଣରେ ଗଣତନ୍ତ୍ରର ସୁଦୃଢ଼ୀକରଣ ସହ ଦେଶର ସୁରକ୍ଷା, ଜାତୀୟ ଏକତା ଓ ଦେଶର ସଂସ୍କୃତିର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ଓ ଚମ୍ପୁଆ ବଣିକ ସଂଘ ପକ୍ଷରୁ ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଅବଦାନ ଓ ସଫଳତା ପାଇଁ ବଣିକ ସଂଘ ସଭାପତି ସୁବାସ ରାମ, ପୂର୍ବତନ ସୈନିକ ବିରେନ ମହାନ୍ତ ଓ ମୃଦଙ୍ଗ ବାଦକ ତଥା ସାଂସ୍କୃତିକ କ୍ଷେତ୍ରରେ ଅବଦାନ ରଖିଥିବା ନିର୍ମଳ ବାରିକଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଭାସ୍କର ମହାକୁଡ଼, ଦାଶରଥି ଜେନା ଓ ରବୀନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ବିଜୟ କୁମାର ନାଏକ ପରିଚାଳନା କରିଥିଲେ।




### ଅବସରପ୍ରାପ୍ତ କର୍ମଚାରୀ ସଂଘ

**ଆନନ୍ଦପୁର,:** ମା' ଧନେଇ ଅବସରପ୍ରାପ୍ତ କର୍ମଚାରୀ ସଂଘ, ଖାଲିଆମେଣ୍ଟା ପକ୍ଷରୁ ସ୍ୱାଧୀନତା ପାଳିତ ହୋଇଯାଇଛି। ସଂଘର ସଭାପତି ରଙ୍ଗାଧର ମହାରଣା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂଘର ସମ୍ପାଦକ ଚିନ୍ତାମଣି ଜେନା ଓ କୋଷାଧ୍ୟକ୍ଷ ବିଭୂତିଭୂଷଣ ଜେନା ନିଜର ବକ୍ତବ୍ୟ ରଖିଥିଲେ। ସ୍ୱାଧୀନତା ଦିବସ ପାଳନ ପରେ ସଂଘର ସଦସ୍ୟମାନଙ୍କ ପକ୍ଷରୁ ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ଗଠନର ବାର୍ତ୍ତା ଦେଇ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ହରିହର ଜେନା, ଦୁର୍ଯ୍ୟୋଧନ ଜେନା, ଅଧିକାରୀ ଦାସ, ବାମନ ଚରଣ ଭୂୟାଁ , ମାର୍କଣ୍ଡ ପ୍ରସାଦ ଜେନା, ଅଇଁଠୁ ଚରଣ ମହାରଣା, ପଦ୍ମନାଭ ଚକ୍ର, ନିତ୍ୟାନନ୍ଦ ମହାରଣା, ପୂର୍ଣ୍ଣଚନ୍ଦ୍ର ରଣା, ବିମ୍ବାଧର ଚକ୍ର, ନିରାକାର ଜେନା, ଆନନ୍ଦ ଚନ୍ଦ୍ର ବେହେରା, ଆନନ୍ଦ ଚନ୍ଦ୍ର ଦାସ, ଗୋପାଳ ଚରଣ ଭୂୟାଁ ଓ ହରିହର ପଣ୍ଡା ପ୍ରମୁଖ ଉପସ୍ଥିତ କରିଥିଲେ।



## ଅରଣ୍ୟ ଓ ପରିବେଶ ସୁରକ୍ଷା ସମ୍ପର୍କିତ ଆଲୋଚନା



କେନ୍ଦୁଝର,୧୬।୮ (ସମିସ): ଅରଣ୍ୟ ଓ ପରିବେଶ ସୁରକ୍ଷା ସମ୍ପର୍କିତ ଏକ ଆଲୋଚନା ପ୍ରାଣବଲ୍ଲଭ ନାୟକଙ୍କ ସଭାପତିତ୍ୱରେ "କୀର୍ତ୍ତି' ତାଲିମ କେନ୍ଦ୍ର, ନରଣପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସମର୍ଥ ସାଧକ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଡ. ବିମ୍ବାଧର ବେହେରାଙ୍କ ଉପରେ କେତେଜଣ ଲେଖକଙ୍କ ପ୍ରବନ୍ଧ ଏଥିରେ ସ୍ଥାନ ପାଇଅଛି। ଲଗ୍ନଜିତ ପ୍ରଦୀପ ରାଉତ ଏହାର ସଂପାଦନା କରିଛନ୍ତି। ସଭାରେ ମୁଖ୍ୟଅତିଥି ଭାବେ ଡ.ବିପିନ ବିହାରୀ ମହାପାତ୍ର, ମୁଖ୍ୟବକ୍ତା ଭାବେ ଧରଣୀଧର ବିଶ୍ୱ ବିଦ୍ୟାଳୟର ଡ.ସୁମନ୍ତ୍ର ନାୟକ, ସମ୍ମାନିତ ବକ୍ତାଭାବେ ଡ.ବୀରେନ୍ଦ୍ର ମହାନ୍ତ ଓ ସଂଯୋଜକ ଭାବେ କବି ଚିନ୍ତାମଣି ମହାଳିକ ମଞ୍ଚ ପରିଚାଳନା କରିଥିଲେ। ସଭାପତି ଓ ଅନ୍ୟାନ୍ୟ ଅତିଥି ଗଣ ଅରଣ୍ୟ ସୁରକ୍ଷା ଉପରେ ମତାମତ ରଖିଥିଲେ। ସଭାରେ କୀର୍ତ୍ତିର ସଂପାଦକ ଦୁଷ୍କର ବାରିକ,ଉମାକାନ୍ତ ବେହେରା,ଅବଦୁଲ ରହମାନ,ଅଧ୍ୟାପକ କୈଳାସ ଚନ୍ଦ୍ର ସାହାଣୀ,ନରେଶ ପଟ୍ଟନାୟକ,ହରିହର ମହାନ୍ତ,ଡକ୍ଟର ତରୁଣ ଗାଙ୍ଗୁଲି,ରାମଚନ୍ଦ୍ର ସାହୁ,କରୁଣାକର ବାରିକ,ଶରତ ଚନ୍ଦ୍ର ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଦୀପ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ବ୍ରାହ୍ମଣ ମହାସଭାର କାର୍ଯ୍ୟକାରିଣୀ ଅଧିବେଶନ

ଘଟଗାଁ,୧୬।୮ (ସମିସ): କେନ୍ଦୁଝର ଜିଲ୍ଲାର ସଙ୍କଟ ହାରିଣୀ ମାଆ ତାରିଣୀଙ୍କ ପୀଠ ଘଟଗାଁଠାରେ ଓଡ଼ିଶା ବ୍ରାହ୍ମଣ ମହାସଂଘର ୨୭ତମ କାର୍ଯ୍ୟକାରିଣୀ ଅଧିବେଶନ ଅନୁଷ୍ଠିତ ହୋଇ ଯାଇଛି। ସମସ୍ତ ବ୍ରାହ୍ମଣ ଦେବତା ମାନେ ମାଆ ତାରିଣୀ ପୀଠ ପରିସରରେ ଥିବା ଘଟକେଶ୍ୱର ମହାଦେବ ମନ୍ଦିର ନିକଟରୁ ବେଦଧ୍ୱନି ଗାନ କରି ଏକ ବୈଦିକ ଶୋଭାଯାତ୍ରାରେ ପଣ୍ଡିତ ଦିଲ୍ଲୀପ ପ୍ରହରାଜଙ୍କ ନେତୃତ୍ୱରେ ବାହାରି ଅଧିବେଶନ ସ୍ଥଳରେ ପହଞ୍ଚିଥିଲା। କେନ୍ଦୁଝର ଜିଲ୍ଲା ଉପସଭାପତି ରଞ୍ଜନ କୁମାର ପାଢ଼ୀ, ମଦନ ମୋହନ ମିଶ୍ର, ବିଭୂତିଭୂଷଣ ଦାଶ, ଶରତ ଚନ୍ଦ୍ର ମିଶ୍ର, ଜଗଦାନନ୍ଦ ତ୍ରିପାଠୀ ପ୍ରମୁଖ ବ୍ରାହ୍ମଣ ଦେବତା ମାନଙ୍କୁ ପାଛୋଟି ନେଇଥିଲେ। ମାଆ ତାରିଣୀ ପୀଠରେ ବ୍ରାହ୍ମଣ ଜାତିକୁ ସଙ୍ଗଠିତ ଓ ସଂସ୍କାରିତ କରିବା ସହିତ ୧୯୫୦ରୁ ସରକାର ଆଣୁଥିବା ବ୍ରାହ୍ମଣ ବିରୋଧୀ ଆଇନ ଓ ନିୟମକୁ ଅଧିବେଶନରେ କଡ଼ା ବିରୋଧ କରାଯାଇଥିଲା। ରାଜ୍ୟ ସଭାପତି ଡ. ସଦାନନ୍ଦ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ମୁଖ୍ୟଅତିଥି ଭାବେ ଅଖିଳ ଭାରତୀୟ ବ୍ରାହ୍ମଣ ଫେଡେରେସନର ଅଧ୍ୟକ୍ଷ ଡ଼ ବିପିନ ବିହାର ମିଶ୍ର ଯୋଗଦେଇ ଥିଲେ। କିଶୋର ଚନ୍ଦ୍ର ପଣ୍ଡା ଆସନ୍ତା ଡିସେମ୍ବର ମାସ ୨୪ରେ ଭୁବନେଶ୍ୱରରେ ଏକ ବିଶାଳ ବ୍ରାହ୍ମଣ ସମାବେଶ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ରମେଶ ଚନ୍ଦ୍ର ମହାପାତ୍ର ପୁରୀରେ ନିର୍ମାଣାଧୀନ ଶ୍ରୀକ୍ଷେତ୍ର ବ୍ରାହ୍ମଣ ଭବନ ପାଇଁ ମୁକ୍ତ ହସ୍ତରେ ଓଡ଼ିଶାର ବ୍ରାହ୍ମଣ ସଂଗଠନମାନଙ୍କୁ ସେମାନଙ୍କ ବଳିଷ୍ଠ ଯୋଗଦାନ ଦେବାକୁ ନିବେଦନ କରିଥିଲେ। ସ୍ନେହ ନନ୍ଦ ବ୍ରାହ୍ମଣ ପରିବାରରେ ସଂସ୍କାର, ଭାରତୀୟ ସଂସ୍କୃତିର ସୁରକ୍ଷା ପାଇଁ ମାଆ ମାନଙ୍କର ଭୂମିକା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବ୍ରହ୍ମାନନ୍ଦ ପାଣିଗ୍ରାହୀ ମହାସଂଘର ଆଗାମୀ ଅଧିବେଶନର ବିବରଣୀ ପାଠ କରିବା ସହ ମହାସଂଘର ପଞ୍ଚବାର୍ଷିକ ଯୋଜନା ଉପରେ ଆଲୋକପାତ କରିବା ଥିଲେ। ସମସ୍ତ ଜିଲ୍ଲା ସଭାପତି ସମ୍ପାଦକ କ୍ଷେତ୍ରୀୟ ଉପ ସଭାପତି ସମ୍ପାଦକ ଓ କେନ୍ଦ୍ରୀୟ ସମିତି ସଦସ୍ୟ କାର୍ଯ୍ୟ ଯୋଜନାକୁ ସଫଳ କରିବା ନିମିତ୍ତ କାର୍ଯ୍ୟକ୍ରମରେ ସଂକଳ୍ପିତ ହୋଇଥିଲେ। ପର୍ଶୁରାମ ବାହିନୀ ସଭାପତି ଇଂ ଜଗଦାନନ୍ଦ ତ୍ରିପାଠୀ ଓ କାର୍ଯ୍ୟ କାରୀସଭାପତି ଇଂ ହିମାଂଶୁ ଭୂଷଣ ଷଡ଼ଙ୍ଗୀ ରାଜ୍ୟର ଦଶ ହଜାର ବ୍ରାହ୍ମଣ ଯୁବକ ଯୁବତୀ ମାନଙ୍କର ଏକ ସମ୍ପର୍କ ସୂତ୍ର ସମ୍ପର୍କରେ ସୂଚନା ଦେବାସହ ଯୁଗ୍ମ ସାଧାରଣ ସମ୍ପାଦକ ଶାନ୍ତନୁ କୁମାର ମିଶ୍ର ଡିସେମ୍ବର ମାସରେ ଭୁବନେଶ୍ୱର ରେ ବ୍ରାହ୍ମଣ ସମାବେଶ କୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ପଣ୍ଡିତ କୃଷ୍ଣ ଚନ୍ଦ୍ର ପତ୍ରି, ପଣ୍ଡିତ ମହେଶ୍ୱର ନନ୍ଦ, କେନ୍ଦ୍ରାପଡ଼ା ସଭାପତି ପଣ୍ଡିତ ହୃଷୀକେଶ ରଥ, କେନ୍ଦୁଝର ସମ୍ପାଦକ ରାଜ ପୁରୋହିତ ପ୍ରସନ୍ନ ନନ୍ଦ, ପଣ୍ଡିତ ମଧୁସୂଦନ ମିଶ୍ର ଆନନ୍ଦପୁର ମୁଖ୍ୟ ସଂଯୋଜକ ମଦନ ମୋହନ ମିଶ୍ର ପ୍ରମୁଖ ବୈଦିକ କର୍ମକାଣ୍ଡ ଉପରେ ଗୁରୁତ୍ୱ ଦେଇଥିଲେ। ମଦନ ମୋହନ ପାଣି ଓ ସତ୍ୟଜିତ ସାମନ୍ତରାୟ ସଭା ସଞ୍ଚାଳନ କରିଥିବା ବେଳେ ଘଟଗାଁ ବ୍ରାହ୍ମଣ ସଂଘର ସଭାପତି ଦିଲୀପ ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ।



# ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳିତ

# ‘ସଶକ୍ତ, ଆତ୍ମନିର୍ଭର, ସ୍ୱଚ୍ଛ ଓ ସବୁଜ ମୟୂରଭଞ୍ଜ ଗଠନ ପାଇଁ ସହଯୋଗ ଲୋଡ଼ା’

ବାରିପଦା, ୧୬।୮ (ସମିସ)

ଜିଲ୍ଲା ସଦର ମହକୁମା ବାରିପଦାସ୍ଥ ରିଜର୍ଭ ପୁଲିସ ପଡ଼ିଆରେ ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ଅତ୍ୟନ୍ତ ଆନନ୍ଦ, ଉତ୍ସାହ ଓ ଗରିମାମୟ ପରିବେଶରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏ ଅବସରରେ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀଙ୍କ ସମେତ ବହୁ ଅଧିକାରୀ, ଜନପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ ସଏ ଦେଶର ସ୍ୱାଧୀନତା ପାଇଁ ଅମର ସଂଗ୍ରାମୀଙ୍କ ତ୍ୟାଗ, ବଳିଦାନ ଓ ଦେଶପ୍ରେମକୁ ସ୍ମରଣ କରି ବିକଶିତ ଭାରତ ଗଠନରେ ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ମୟୂରଭଞ୍ଜର ସାମଗ୍ରିକ ବିକାଶ ପାଇଁ ଶିକ୍ଷା, ଦକ୍ଷତା ବିକାଶ, ରୋଜଗାର ସୃଷ୍ଟି, ପର୍ଯ୍ୟଟନ, ସବୁଜ ଶକ୍ତି, ସ୍ୱଚ୍ଛତା ଓ ମହିଳା ସଶକ୍ତିକରଣ ଭଳି କ୍ଷେତ୍ରକୁ ପ୍ରାଥମିକତା ଦିଆଯାଉଥିବା ପ୍ରକାଶ କରିଥିଲେ। ଏକ ସଶକ୍ତ, ଆତ୍ମନିର୍ଭର, ସ୍ୱଚ୍ଛ ଓ ସବୁଜ ମୟୂରଭଞ୍ଜ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣ ନିମନ୍ତେ ସେ ଆହ୍ୱାନ ଦେଇଥିଲେ। ସ୍ୱାଧୀନତା ଦିବସ ପ୍ୟାରେଡ୍‌ରେ ୫ମ ବାଟାଲିୟନ, ବାରିପଦା, ଜିଲ୍ଲା ସଶସ୍ତ୍ର ପୁଲିସ ବଳ, ହୋମଗାର୍ଡ, ସମର ଶିକ୍ଷାର୍ଥୀ ବାହିନୀ, ରେଡକ୍ରସ୍, ଜାତୀୟ ସେବା ଯୋଜନା, ସ୍କାଉଟ୍ ଓ ଗାଇଡ୍, ସିଭିଲିଆନ୍ ଓ ପୁଲିସ ବ୍ୟାଣ୍ଡ ସମେତ ୪୩ଟି ଟ୍ରୁପ୍ ଅଂଶଗ୍ରହଣ କରିଥିଲେ। ସମସ୍ତ ଟ୍ରୁପ୍ ଜାତୀୟ ପତାକାକୁ ସମ୍ମାନ ଜଣାଇବା ସହ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ପ୍ରଦାନ



କରିଥିଲେ। ପୁଲିସ ରିଜର୍ଭ ଇନ୍ସପେକ୍ଟର ଆଲୋକ କାନୁନଗୋ ପ୍ୟାରେଡ୍‌ର ନେତୃତ୍ୱ ନେଇଥିଲେ। ପ୍ୟାରେଡ୍ ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଦଳଗୁଡ଼ିକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏନସିସି/ଏନଏସଏସ୍ ବର୍ଗରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ସ୍ୱୟଂଶାସିତ ମହାବିଦ୍ୟାଳୟର ସିନିୟର୍ ଏନସିସି ଡିଭିଜନ୍ ଚାମ୍ପିଅନ୍ ଏବଂ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାଳକ ଦଳ ରନର୍ସ ଅପ୍ ହୋଇଥିଲେ। ସେହିପରି ସ୍କାଉଟ୍ସ/ଗାଇଡ୍ସ ବର୍ଗରେ ସେଣ୍ଟ ଆନୀସ୍ କନଭେଣ୍ଟ ସ୍କୁଲ୍, ବାରିପଦାର ବାଳକ ସ୍କାଉଟ୍ସ ଚାମ୍ପିଅନ୍ ଓ ତୁଳସୀଚୌରାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଳିକା ଦଳ ରନର୍ସଅପ୍ ହୋଇଥିଲେ। ରେଡକ୍ରସ୍ ବର୍ଗରେ ମହାରାଣୀ ତକତକୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଚାମ୍ପିଅନ୍ ଓ ଭଞ୍ଜପୁର ବାଳିକା ଉଚ୍ଚ ବିଦ୍ୟାଳୟ ରନର୍ସଅପ୍ ହୋଇଥିଲେ। ସିଭିଲିଆନ୍ ବର୍ଗରେ ସେଣ୍ଟ ଆନୀସ୍ କନଭେଣ୍ଟ ସ୍କୁଲ୍, ବାରିପଦାର ବାଳିକା ଦଳ ଚାମ୍ପିଅନ୍ ଓ ସେଣ୍ଟ ମେରୀ କନଭେଣ୍ଟ ସ୍କୁଲ୍‌ର ବାଳକ ଦଳ ରନର୍ସଅପ୍ ହୋଇଥିଲେ। ସ୍ୱାଧୀନତା ଦିବସର ଅନ୍ୟତମ ଆକର୍ଷଣ ଥିଲା ଜିଲ୍ଲା ପୁଲିସ ଓ ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ପୁଲିସ (ଓଏସ୍ଏପି) ୫ମ ବାଟାଲିୟନ୍ ପକ୍ଷରୁ ପ୍ରଦର୍ଶିତ ମକ୍‌ଡ୍ରିଲ୍। ଆତଙ୍କବାଦୀ/ସଶସ୍ତ୍ର ଦୁର୍ବୃତ୍ତଙ୍କ ଦ୍ୱାରା ଡାକ୍ତରଙ୍କୁ ପଣବନ୍ଦୀ କରାଯାଇଥିବା ଏକ ଆକସ୍ମିକ ପରିସ୍ଥିତିରେ ସୁରକ୍ଷା ବାହିନୀ କିପରି ସାହସ, ଦକ୍ଷତା ଓ ସମନ୍ୱୟର ସହ ଅଭିଯାନ ପରିଚାଳନା କରି ପଣବନ୍ଦୀଙ୍କୁ ନିରାପଦରେ ଉଦ୍ଧାର କରିଥା’ନ୍ତି, ତାହା ଏହି ମକ୍‌ଡ୍ରିଲ୍ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ମକ୍‌ଡ୍ରିଲ୍‌ରେ ଜିଲ୍ଲା ପୁଲିସର ଡିଭିଏଫ୍ ଯବାନଙ୍କ ସାହସ, ତତ୍ପରତା, ଜୀବନକୁ ବାଜି ଲଗାଇ ନାଗରିକଙ୍କ ଜୀବନରକ୍ଷା କରିବାର ମନୋଭାବ ଓ ସମନ୍ୱିତ ଅଭିଯାନର ଚିତ୍ରଣ କରାଯାଇଥିଲା। ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ମକ୍‌ଡ୍ରିଲ୍‌ରେ ଅଂଶଗ୍ରହଣକାରୀ ଦଳକୁ ପୁରସ୍କୃତ କରାଯାଇଥିଲା। ଏ ଅବସରରେ ଶତାୟୁ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଚକ୍ରଧର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଙ୍ଗିରିପୋଷି ବ୍ଲକର ଶଙ୍କରାଇ ନାଳରେ ବନ୍ୟା ସମୟରେ ନିଜ ଜୀବନକୁ ବିପଦରେ ପକାଇ ଜଣେ ଯୁବକଙ୍କ ଜୀବନ ରକ୍ଷା କରିଥିବା ସାହସୀ ଯୁବକ ଲକ୍ଷ୍ମୀଧର ସିଂ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ବାଙ୍ଗିରିପୋଷି ଅଗ୍ନିଶମ ବାହିନୀକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବଡ଼ସାହି ବ୍ଲକରେ ଜଳବନ୍ଦୀ ବନ୍ୟା ସମୟରେ ଜନସାଧାରଣଙ୍କୁ ନିରାପଦଭାବେ ଉଦ୍ଧାର କରି ବିପଦରୁ ରକ୍ଷା କରିଥିବାରୁ ଜିଲ୍ଲା ଓଡ୍ରାଫ୍ ଟିମ୍‌କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ଜିଲ୍ଲା ପାଇଁ ଗୌରବ ଆଣିଥିବା ଶ୍ରେଷ୍ଠ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀ ଓ ପ୍ରତିଭାମାନଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ ଗଣ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଉପ-ଜିଲ୍ଲାପାଳ ବାରିପଦାଙ୍କ ସମେତ ବିଭିନ୍ନ ଅଧିକାରୀ, ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଜନସାଧାରଣ ଉପସ୍ଥିତ ରହି ପ୍ୟାରେଡ୍‌ର ଭବ୍ୟ ପ୍ରଦର୍ଶନ ଉପଭୋଗ କରିଥିଲେ। ଜିଲ୍ଲାପାଳ ବାଳାଶ୍ରମ ପରିଦର୍ଶନ କରି ଅନ୍ତେବାସୀ ଛାତ୍ରୀମାନଙ୍କ ସହ ଭାବ ବିନିମୟ କରିବା ସହ ଫଳ, ମିଷ୍ଟାନ୍ନ ଓ ପଠନ ସାମଗ୍ରୀ ବଣ୍ଟନ କରିଥିଲେ। ପରେ ସେ ମଣ୍ଡଳ କାରାଗାର ପରିଦର୍ଶନ କରି ବନ୍ଦୀମାନଙ୍କୁ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଲକ୍ଷ୍ମୀପୋଷୀସ୍ଥିତ ସ୍ୱତନ୍ତ୍ର ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ସହିଦ ସ୍ମୃତି ଭବନଠାରେ ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ ବର୍ଗରେ ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ଉତ୍ସବରେ ପୁରସ୍କୃତ କରାଯାଇଥିଲା।

## ପୂର୍ବ ସୁରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ରାଇରଙ୍ଗପୁର: ବାମନଘାଟୀ ସଦର ମହକୁମା ରାଇରଙ୍ଗପୁରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଷ୍ଟାଡିୟମ ପଡ଼ିଆରେ ଆୟୋଜିତ ଉତ୍ସବରେ ରାଇରଙ୍ଗପୁରର ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟଅତିଥିଙ୍କ ସହିତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ ଉପସ୍ଥିତ ଥିଲେ। ମୁଖ୍ୟଅତିଥି କହିଥିଲେ, ଯେଉଁ ପୂର୍ବ ସୁରୀ ତଥା ମହାମନିଷୀ ସେମାନଙ୍କ ଆତ୍ମ ବଳିଦାନ, ନିଃସ୍ୱାର୍ଥପର ଉତ୍ସର୍ଗୀକୃତ ସେବା ପ୍ରତିଦାନରେ ଦେଶକୁ ପରାଧୀନତା କବଳରୁ ମୁକ୍ତି ଦେଇ ଆଜିକୁ ୭୯ ବର୍ଷ ଧରି ଏକ ସ୍ୱାଧୀନ ରାଷ୍ଟ୍ରରେ ବାସ କରିବା ପାଇଁ ଆମକୁ ସୁଯୋଗ ଦେଇଛନ୍ତି, ଆମେ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶମାତୃକାର ସର୍ବାଙ୍ଗୀନ ଉନ୍ନତି ଓ ସୁରକ୍ଷା ନିମନ୍ତେ ନିଜ ନିଜ ଦାୟିତ୍ୱ ନିଷ୍ଠାର ସହ ସମ୍ପାଦନ କରିବା ପାଇଁ ଏହି ଜାତୀୟ ପତାକା ତଳେ ସଂକଳ୍ପବଦ୍ଧ ହେବା, ତାହା ହିଁ ସେମାନଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ନୂତନ ପୁଲିସ ଜିଲ୍ଲା ଗଠନ ପରେ ଚଳିତ ବର୍ଷ ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଜାତୀୟ ଦିବସ ପ୍ୟାରେଡ ଉତ୍ସବରେ ପ୍ରଥମ କରି ରିଜର୍ଭ ଇନ୍ସପେକ୍ଟର ଏମ ଲକ୍ଷ୍ମୀରଞ୍ଜନ ଓ ସେକେଣ୍ଡ ଇନ କମାଣ୍ଡ ରାଜେନ୍ଦ୍ର ସାହୁଙ୍କ ମାର୍ଗଦର୍ଶନରେ ପ୍ୟାରେଡ ପରିଚାଳିତ ହୋଇଥିଲା। ଏଥିରେ ୨୮ ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ୟାରେଡ ପ୍ରତିଯୋଗିତାରେ ବିଚାରକ ଭାବେ ଗୋରୁମହିଶାଣି ଥାନା ଅଧିକାରୀ ଜଗନ୍ନାଥ ମୁଣ୍ଡା, ରାଇରଙ୍ଗପୁର ଗ୍ରାମ୍ୟ ଥାନା ଅଧିକାରିଣୀ ବବିତାରାଣୀ ପୁହାଣ, ସୈନ୍ୟବାହିନୀର ପୂର୍ବତନ ସୁବେଦାର କ୍ୟାପଟେନ ଜୁହାର ମୁର୍ମୁ ଓ ସୁବେଦାର ଶୁକୁଲ୍ ଟୁଡୁ ଦାୟିତ୍ୱ ସମ୍ପାଦନ କରିଥିଲେ। ଏନସିସିରେ ରାଇରଙ୍ଗପୁର ଏସଏସଡି ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସିନିୟର ଡିଭିଜନ ପ୍ରଥମ, ରାଇରଙ୍ଗପୁର ହାଇସ୍କୁଲ ଜୁନିୟର ଡିଭିଜନ ଦ୍ୱିତୀୟ, ରେଡକ୍ରସ, ସ୍କାଉଟ-ଗାଇଡରେ ରାଇରଙ୍ଗପୁର ହାଇସ୍କୁଲ ରେଡ଼କ୍ରସ ପ୍ରଥମ ଓ ରାଇରଙ୍ଗପୁର ସରକାରୀ ଏସଏସଡି ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଗାଇଡ ଦ୍ୱିତୀୟ, ସିଭିଲିଆନ ଦଳରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଥମ ଓ କେରଳା ପବ୍ଲିକ ସ୍କୁଲ ଦ୍ୱିତୀୟ ସ୍ଥାନ ଲାଭ କରି ପୁରସ୍କୃତ ହୋଇଥିଲେ। ରାଇରଙ୍ଗପୁର ଡାକ ମଣ୍ଡଳ ପକ୍ଷରୁ ଜନକଲ୍ୟାଣକାରୀ ଯୋଜନା ବେଟି ବଚାଓ ବେଟି ପଢ଼ାଓ ଅନ୍ତର୍ଗତ ସୁକନ୍ୟା ସମୃଦ୍ଧି ଯୋଜନାରେ ୪ ଜଣ ଗରିବ ଯୋଗ୍ୟା କନ୍ୟା ହିତାଧିକାରୀ ସପକ୍ଷରେ ଖୋଲାଯାଇଥିବା ଡାକଘର ଜମାଖାତାକୁ ସମ୍ପୃକ୍ତ ହିତାଧିକାରୀଙ୍କ ପିତାମାତାଙ୍କୁ ମୁଖ୍ୟଅତିଥି ବଣ୍ଟନ କରିଥିଲେ। ସେହିପରି ୨୦୨୫-୨୬ ଶିକ୍ଷାବର୍ଷର ୩ ଜଣ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ରାଇରଙ୍ଗପୁର ପୌରପାଳିକାଙ୍କ ସୌଜନ୍ୟରୁ ଉପଖଣ୍ଡ ଚିକିତ୍ସାଳୟର ରୋଗୀ ଓ ଉପକାରାଗାରର ଅନ୍ତେବାସୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ



କରାଯାଇଥିଲା। ଦିବସ ପାଳନ ଅବସରରେ ପ୍ରତ୍ୟୁଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଡାକବାଜି ଯନ୍ତ୍ର ଜରିଆରେ ସହରରେ ରାମଧୂନ ପରିବେଷଣ, ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରୀ ଅନୁଷ୍ଠିତ ହୋଇଥିଲା। ଆଜି ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ବାସନ୍ତୀ ଲାକ୍ରା, ଡିଏଫଓ ସୁବ୍ରତ ପାତ୍ର, ତହସିଲଦାର ଭବାନୀ ପ୍ରସାଦ ସାହୁ, ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ଅନିତାରାଣୀ ମହାନ୍ତ, ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର ସେନାପତି, ରାଇରଙ୍ଗପୁର ଟାଉନ ଥାନା ଆଇଆଇସି ରଞ୍ଜନ କୁମାର ସେଠୀଙ୍କ ସମେତ ଅନ୍ୟାନ୍ୟ ପୁଲିସ ଅଧିକାରୀ, ରାଇରଙ୍ଗପୁର ପୌରପାଳିକାର ବିଭିନ୍ନ ୱାର୍ଡର କାଉଁନସିଲର, ଅଗ୍ନିଶମ ସେବା ଅଧିକାରୀ, ରାଇରଙ୍ଗପୁର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ରୀମତୀ ଶକୁନ୍ତଳା ହାଁସଦା, ରାଇରଙ୍ଗପୁର ଓକିଲ ସଙ୍ଘ ସଭାପତି ଅକ୍ଷୟ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲ୍ଲୀପ ମହାନ୍ତି, ରାଇରଙ୍ଗପୁର ମହିଳା ବିଦ୍ୟାଳୟ ଅଧ୍ୟାପକ ବିଜୟ ରାମ ପ୍ରମୁଖ ଉପସ୍ଥିତ ଥିଲେ।


---



ବାରିପଦା: ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଡ ଶ୍ୟାମସୁନ୍ଦର ଦାସଙ୍କ ସଭାପତିତ୍ୱରେ ମଞ୍ଚର ସ୍ଥାୟୀ ସଭାଗୃହ ପରିସରରେ ସଦସ୍ୟଙ୍କ ଉପସ୍ଥିତରେ ବନ୍ଦେ ମାତରମ ସମୂହ ଗାନ ପରେ ମୁଖ୍ୟଅତିଥି ୧୮ନଂ ୱାର୍ଡର କାଉନସିଲର ସୁକେଶିନୀ ସେଠୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସୁଶାନ୍ତ ପାତ୍ର, ସରୋଜ ମିଶ୍ର, କୈବଲ୍ୟ ମହାପାତ୍ର, ବାସନ୍ତୀ ମହାପାତ୍ର, ଡା ରାଜକୁମାର ମିଶ୍ର, ଦେବାଶିଷ ଦାସ, ସ୍ୱରୂପ ମିଶ୍ର, ବରେନ୍ଦ୍ର ମହାନ୍ତି, ମୁରଲୀଧର ବେହେରା, ସ୍ୱରୂପ ବସା, ହରିହର ଦାସ, ତାରାମଣୀ ଦାସ, କୋମଳ ଲୋଚନ ମହାକୁଡ଼, ସୁଧାମୟୀ ଦାସ, ପ୍ରଦୀପ ଦାସ, ସବିତକ୍ଷ ମିଶ୍ର, ସନ୍ତୋଷ ପଟ୍ଟନାୟକ, ଉର୍ମିଳା କମିଳା, ରତ୍ନପ୍ରଭା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କୁମାର ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ବାରିପଦା: ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ପରିସରରେ ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ ନାୟକ ଜାତୀୟ ପତାକା ଉତ୍ତୋଳନ କରି ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ ଓ ଅତିଥିଙ୍କୁ ସମ୍ବୋଧିତ କରିଥିଲେ। ଏ ଅବସରରେ ପ୍ରଫେସର ନାୟକ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରି କହିଥିଲେ, ଛାତ୍ରଛାତ୍ରୀଙ୍କ ବକ୍ତୃତା ଦକ୍ଷତା, ଯୁକ୍ତି ଉପସ୍ଥାପନ କ୍ଷମତା ଓ ନିଜ ଅଧିକାର ସମ୍ପର୍କରେ ସଚେତନତା ବୃଦ୍ଧି ପାଇଁ କଲେଜରେ ପ୍ରତିମାସ ସ୍ନାତକ ଓ ସ୍ନାତକୋତ୍ତର ସ୍ତରରେ ପୃଥକ ପୃଥକ ବିତର୍କ ପ୍ରତିଯୋଗିତା ଆୟୋଜନ କରାଯିବ। ବିଜେତା ପ୍ରତିଯୋଗୀଙ୍କୁ କଲେଜ ପକ୍ଷରୁ ସମ୍ମାନିତ ଓ ପୁରସ୍କୃତ କରାଯିବ। ଏହି ଉତ୍ସବରେ ମହର୍ଷି ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲ ଓ ମୟୂରଭଞ୍ଜ ସାଇନ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ପରେ ଛାତ୍ରଛାତ୍ରୀ ଓ କଲେଜର ଶିକ୍ଷକଙ୍କ ଦ୍ୱାରା ମହାରାଜପୁର ଅଞ୍ଚଳର ବିଭିନ୍ନ ରାସ୍ତାରେ ଏକ ଦେଶପ୍ରେମମୂଳକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା।



ବାରିପଦା: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରାଙ୍ଗଣସ୍ଥ ପୂଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ ଜାତୀୟ ପତାକା ଉତ୍ତୋଳନ କରିବା ସହ ଉପସ୍ଥିତ ଅଧ୍ୟାପକ, ଅଧ୍ୟାପିକା, ଅଧିକାରୀ, କର୍ମଚାରୀ, ଗବେଷକ ଓ ଛାତ୍ରଛାତ୍ରୀଙ୍କୁ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ସରକାରୀ କାର୍ଯ୍ୟ ଯୋଗୁଁ ବିଶ୍ୱବିଦ୍ୟାଳୟରେ ଅନୁପସ୍ଥିତ ଥିବାରୁ ନିଜର ସନ୍ଦେଶରେ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମକୁ ଶାରୀରିକ କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ ରଞ୍ଜନ ଦାସ ଓ ଏନ୍ଏସ୍ଏସ୍‌ର ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ। ଏ ଅବସରରେ ବିଶ୍ୱବିଦ୍ୟାଳୟର ପିଜି କାଉନ୍ସିଲ୍ ଏକାଦଶ ଓ ରେଜିଷ୍ଟ୍ରାର୍ ଏକାଦଶଙ୍କ ମଧ୍ୟରେ ହୋଇଥିବା ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍‌ରେ ରେଜିଷ୍ଟ୍ରାର୍ ଏକାଦଶ ବିଜୟୀ ହୋଇଥିଲା।



ବାରିପଦା: ମୟୂରଭଞ୍ଜ ପରିବହନ ଶ୍ରମିକ ସଂଘ ପକ୍ଷରୁ ମ୍ୟୁନିସିପାଲିଟି ବସଷ୍ଟାଣ୍ଡ କାର୍ଯ୍ୟାଳୟରେ ସଂଘ ସଭାପତି ରଘୁନାଥ ପଣ୍ଡା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ଆଇନଜୀବି କମ୍ରେଡ ରବି ଗୋସ୍ୱାମୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ମନୋରଞ୍ଜନ ପରିଡ଼ା, ସାଙ୍ଗଠନିକ ସମ୍ପାଦକ ଅଶୋକ ଭଞ୍ଜଦେଓ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ତ୍ରିପାଠୀ, ଷ୍ଟାଣ୍ଡ ସମ୍ପାଦକ ଦାଶରଥି ରାଉତ ଯୋଗ ଦେଇଥିଲେ। ସମ୍ପାଦକ ଗଙ୍ଗାଧର ସାମଲ ଓ ଦିଲ୍ଲୀପ ଦେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବାରିପଦା: ମୟୂରଭଞ୍ଜ ଜିଲ୍ଲା କିଷାନ କଂଗ୍ରେସ ଓ ବାରିପଦା ନଗର କଂଗ୍ରେସ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ସଭାପତି ହେମନ୍ତ ଦାସ ପତାକା ଉତ୍ତୋଳନ କରିଥିଲେ। ପୂର୍ବତନ ଜିଲ୍ଲା ସଭାପତି ନିରୋଜ ଲୋଚନ ଦାଶ, ସମ୍ମାନିତ ଅତିଥି ଭାବେ ବିଜନ ଦାସ,



ପୂର୍ବତନ ଜିଲ୍ଲା ସଂଯୋଜକ ଅରବିନ୍ଦ ଦାସ, ଅଶୋକ ଅଧିକାରୀ, ବିଜୟ ସିଂ, କୃଷକ ସେଲ ସଭାପତି ଦୀପକ ଦାସ, ପୂର୍ବତନ ମହିଳା ଜିଲ୍ଲା ସଭାପତି ସୁସ୍ମିତା ଘୋଷାଲ, ଜିଲ୍ଲା ଉପସଭାପତି ଦୀପକ ଦାସ, ଶିବାନନ୍ଦ ଦାସ, ରାଜ୍ୟ ମହିଳା ସମ୍ପାଦିକା ଶୁଭସ୍ମିତା ଦାସ, ରାଜ୍ୟ ଆଦିବାସୀ ସେଲ ସମ୍ପାଦକ ଚୈତନ୍ୟ ହାଁସଦା, ଜିଲ୍ଲା ଏସସି ସେଲ ସଭାପତି ସୁସ୍ମିତା ବେହେରା, ମୟୂରଭଞ୍ଜ ପଶ୍ଚିମ ଜିଲ୍ଲା କୃଷକ ସେଲ ସଭାପତି କିଶୋର କୁମାର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସହର ସଭାପତି ସେକ୍ ଇକବାଲ ଧନ୍ୟବାଦ ଅର୍ପଣ କରିଥିଲେ।




ବାରିପଦା: ଲାୟନ୍ସ କ୍ଲବ ବାରିପଦା ଦ୍ୱାରା ଅଧ୍ୟକ୍ଷ ହେମନ୍ତ ଶାହଙ୍କ ଅଧ୍ୟକ୍ଷତାରେ ୮୦ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଶ୍ରୀ ଶାହ ଜାତୀୟ ପତାକା ଉତ୍ତୋଳନ କରି ସମସ୍ତଙ୍କୁ ଏହି ଦିବସର ଶୁଭେଚ୍ଛା ଜଣାଇଥିଲେ। ପରେ ବାରିପଦାର ପୂର୍ବତନ ଅଧ୍ୟକ୍ଷା ସୁଚରିତା ପ୍ରଧାନଙ୍କ ଜନ୍ମଦିନ ଅବସରରେ ଶୁଭେଚ୍ଛା ଜଣାଇ ଉପହାର ପ୍ରଦାନ କରାଯାଇଥିଲା। ଉପସ୍ଥିତ ବରିଷ୍ଠ ସଦସ୍ୟମାନେ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ବାରିପଦା: ମୟୂରଭଞ୍ଜ ଜିଲ୍ଲାର ମିଳିତ ବିରୋଧୀ ଦଳ କଂଗ୍ରେସ, ସିପିଆଇ, ସିପିଏମ ପକ୍ଷରୁ ବାରିପଦାସ୍ଥ ମୁଖ୍ୟ ବଜାର ସେବା ସଂଘ ହଲ୍ ସମ୍ମୁଖରେ ସ୍ୱାଧୀନତା ଦିବସ ସିପିଆଇ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ତ୍ରିରଙ୍ଗା ପତାକାକୁ କଂଗ୍ରେସର ବରିଷ୍ଠ ନେତା ବିଜନ ଦାସ ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଏମ ପକ୍ଷରୁ ସାଥୀ ରବି ଗୋସ୍ୱାମୀ, ଅମଳ ଦେ, କଂଗ୍ରେସ ପକ୍ଷରୁ ଶାନ୍ତନୁ ପାଲ, ଅଜିତ ଜେନା, ନିରୋଜ ଲୋଚନ ଦାସ, ଅଶୋକ ଅଧିକାରୀ ଯୋଗ ଦେଇଥିଲେ। କଂଗ୍ରେସର ଭବାନି



ଶଙ୍କର ସାହୁ ସଙ୍ଗୀତ ପରିବେଷଣ କରିଥିଲେ। ସିପିଆଇର ଶ୍ରୀକାନ୍ତ ସାମଲ, ମୁକୁନ୍ଦ ବିଷୋୟୀ, ମଦନମୋହନ ଦାସ, ଅଜୟ ସାହୁ, ରାଜକିଶୋର ଅଗ୍ରୱାଲ, ମଦନମୋହନ ଜେନା, ସିପିଏମର ଲକ୍ଷ୍ମୀନାରାୟଣ ପରିଡ଼ା, ରଘୁନାଥ ପଣ୍ଡା, କ୍ଷିତୀଶ ସାସମଲ, କଂଗ୍ରେସର ନିର୍ମଳ ପ୍ରଧାନ, ଅଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବାରିପଦା: ସ୍ଥାନୀୟ ଗୃହ ନିର୍ମାଣ ସମବାୟ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ୱାଧୀନତା ଦିବସରେ ସଭାପତି ବୀରେନ୍ଦ୍ର ନାଥ ବସା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭ୍ୟା ଲକ୍ଷ୍ମୀ ସାହୁ, ବନୀତା ଦାସ, ସୁକାନ୍ତ ମହାନ୍ତ, ଚିତ୍ତରଞ୍ଜନ ମିଶ୍ର, ମୋହନ ଚରଣ ବେହେରା, ନରୋତ୍ତମ ପାଣିଗ୍ରାହୀ, ପୃଥ୍ୱିରାଜ ଦାସ ଓ ମଳୟ ଜେନା ଉପସ୍ଥିତ ଥିଲେ।




ବାରିପଦା: ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁରସ୍ଥ ସାଇ ବିଦ୍ୟାମନ୍ଦିର ପ୍ରାଥମିକ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ଓ ନବାଗତ ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱାଗତମ ଦିବସ ପାଳିତ ହୋଇଯାଇଛି। ନିର୍ମାତା ନିର୍ଦ୍ଦେଶକ ଡ ପ୍ରଭଞ୍ଜନ ରାଉତ, ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ, ମହାପ୍ରବନ୍ଧକ ଦେବାଶିଷ ମୁଦୁଲି, ସମ୍ପାଦିକା ପ୍ରୀତିସ୍ମିତା ରାଉତ, ଶିକ୍ଷା ବିଭାଗୀୟ ମୁଖ୍ୟ ବିଶ୍ୱେନ୍ଦୁ ଦାସ, ଶିକ୍ଷା ପର୍ଯ୍ୟବେକ୍ଷକ ସୁଶାନ୍ତ ଦାସ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତୀ ମିଶ୍ର, ସିଇଓ ଚକ୍ରଧର ରାଉତ, ସିବିଏସଇ ପ୍ରିନ୍ସିପାଲ ଅଞ୍ଜଳି ପଣ୍ଡିତ, ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ ଖିଲାର, ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜୀବ ଗାନ୍ଧୀ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶ ବନ୍ଦନାମୂଳକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା।

ବାରିପଦା: ବାରିପଦା ସମ୍ପର୍କ ଛକଠାରେ ସମ୍ପର୍କ ପରିବାର ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସମ୍ପର୍କ ପରିବାରର ସମ୍ପାଦକ ଚିତ୍ତରଞ୍ଜନ



ଦାସଙ୍କ ନେତୃତ୍ୱରେ ପାଳିତ ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ କଲ୍ୟାଣ କୁମାର ସିହ୍ନା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ୱାଧୀନତା ଦିବସ ଅବସରରେ ସମଗ୍ର ସମ୍ପର୍କ ଛକକୁ ତ୍ରିରଙ୍ଗା ପତାକା ଓ ଆଲୋକ ମାଳାରେ ସୁସଜ୍ଜିତ କରାଯିବା ସହ ହଜାର ହଜାର ପଥଚାରୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ସାମ୍ବାଦିକ ଦୀପକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ପର୍କ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ଉଦଳା: ଉଦଳାଠାରେ କପ୍ତିପଦା ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସ୍ଥାନୀୟ ପ୍ୟାରେଡ ପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପ୍ରଣୟ ରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ସମ୍ମିଳିତ ପ୍ୟାରେଡ ପ୍ରତିଯୋଗିତାରେ ଅଭିବାଦନ ଗ୍ରହଣ କରିଥିଲେ। ଏଥିସହିତ ବିଭିନ୍ନ ପ୍ରତିଯୋଗିତା ଓ ଶିକ୍ଷା କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଳା ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯିବା ସହିତ ଜେଲ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ



କରାଯାଇଥିଲା। ସେହିପରି ଉଦଳା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ନେତୃତ୍ୱରେ ସ୍ୱାଧୀନ ଦିବସ ପାଳନ କରାଯାଇଥିଲା। ଦଳର ବରିଷ୍ଠ ନେତା ନରେନ୍ଦ୍ର ମୋହନ ରାଉତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମନୋଜ ମହାନ୍ତି, ଅମୀୟ ବଳ, ବନମାଳୀ ବେହେରା, ଗୋବିନ୍ଦ ନାୟକ, ଶଶଧର ସ୍ୱାଇଁ, ସୁଜିତ୍ ପୋଥାଳ, ଅରୁଣ ନାଏକ ପ୍ରମୁଖ ଯୋଗ ଦେଇଥିଲେ।


ଶୁକ୍ରୁଳି: ରରୁଆଁରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସର୍ବସାଧାରଣ ପଡ଼ିଆରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରେମାନନ୍ଦ ବେହେରା ପତାକା ଉତ୍ତୋଳନ କରିଥିବାବେଳେ ଅଧ୍ୟକ୍ଷ ଅଜିତ ତିରିୟା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିଥିଲେ। ବ୍ଲକ କନଫରେନ୍ସ ହଲରେ ରରୁଆଁ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ଶିକ୍ଷକ ତଥା ବରିଷ୍ଠ ନାଗରିକ




ସଂଗଠନର ସମ୍ପାଦକ ସ୍ୱରୂପ ଦାସ ଅଧିକାରୀ ଶପଥ ପାଠ କରାଇଥିଲେ। ସମାଜସେବୀ ତଥା ବରିଷ୍ଠ ନାଗରିକ ସଂଗଠନର ପ୍ରେସିଡେଣ୍ଟ ଦେବମିତ୍ର ଆନନ୍ଦ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଫୁଲକମ କସ୍ତୁରବା ବିଦ୍ୟାଳୟ ଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଶିକ୍ଷା କ୍ଷେତ୍ରରେ ଟପ୍ପର ହୋଇଥିବା ପିଲାଙ୍କୁ ବ୍ଲକ ସ୍ତରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅଙ୍ଗାରପଦା ପଞ୍ଚାୟତ ମହାବିଦ୍ୟାଳୟ ଛାତ୍ରୀ ଶ୍ରୀୟାଂସୀ ମିଶ୍ର +୩ କଳାରେ ସର୍ବୋଚ୍ଚ ନମ୍ବର ରଖି ସମ୍ବର୍ଦ୍ଧିତ ହୋଇଥିବାବେଳେ ବାଣିଜ୍ୟରେ ମଧୁସ୍ମିତା ଗିରି, ଅନ୍ୟ ସ୍କୁଲ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଛି। ସମ୍ମାନିତ ଅତିଥି ଭାବେ ସିପି କଲେଜ ଅଧ୍ୟକ୍ଷ ସୁବୋଧ ବାରିକ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର ରାଉତ, ସରପଞ୍ଚ ଝୁନାରାଣୀ ପିଙ୍ଗୁଆ ଯୋଗ ଦେଇଥିଲେ। ଦେବମିତ୍ର ଆନନ୍ଦ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଜୀବନ ଏକ ପୁଷ୍ପ, ପ୍ରେମ ତାହାର ମଧୁ।
-ଭିକ୍ଟର ହ୍ୟୁଗୋ

## ସଂସଦର ମୌସୁମୀ ଅନୁଭବ

ସଂସଦର ସଦ୍ୟସମାପ୍ତ ମୌସୁମୀ ଅଧିବେଶନ ଶାସକ ଓ ବିରୋଧୀ ଦଳ ପାଇଁ ମିଶ୍ର ଫଳାଫଳ ଦେଇଛି। ଅଥଚ ଭାରତର ନାଗରିକଙ୍କ ପାଇଁ ଆଉ ଏକ ନୈରାଶ୍ୟଜନକ ଅନୁଭବ ଆଣିଛି। 'ପିଆରଏସ୍ ଲେଜିସଲେଟିଭ୍ ରିସର୍ଚ୍ଚ' ତଥ୍ୟାନୁଯାୟୀ ଧାର୍ଯ୍ୟ ମୋଟ ୧୧୪ ଘଣ୍ଟାର ଅଧିବେଶନରୁ ଲୋକସଭା ମାତ୍ର ୧୭.୫ ଘଣ୍ଟା ବା ୧୫% ଏବଂ ରାଜ୍ୟସଭା ୩୭.୩୭ ଘଣ୍ଟା ବା ୩୩ ପ୍ରତିଶତ ଚାଲିପାରିଛି। ଅର୍ଥାତ୍ ଲୋକସଭାର ୯୬.୫ ଘଣ୍ଟା ଏବଂ ରାଜ୍ୟସଭାର ୭୬.୬ ଘଣ୍ଟାର ବହୁମୂଲ୍ୟ ସମୟ ଅପଚୟ ହୋଇଛି। ଲୋକସଭା ସଚିବାଳୟ ଦ୍ୱାରା ୨୦୧୨ରେ କରାଯାଇଥିବା ଏକ ଆନୁମାନିକ ଆକଳନ ଅନୁଯାୟୀ ପ୍ରତି ଗୃହ ପାଇଁ ମିନିଟ୍ ପିଛା ୧.୨୫ ଲକ୍ଷ ଟଙ୍କା ରାଜକୋଷରୁ ଅର୍ଥାତ୍ ଭାରତୀୟ ଟିକସଦାତାଙ୍କ ଅର୍ଥ ଖର୍ଚ୍ଚ ହେଉଛି। ଏହି ଆଧାରରେ ହିସାବ କଲେ ସଦ୍ୟସମାପ୍ତ ଅଧିବେଶନରେ ଉଭୟ ଗୃହରେ ଅସ୍ୱାଭାବିକ ହୋଇଥିବା ମୋଟ ୧୭୩.୧ ଘଣ୍ଟା ପାଇଁ ୧୩୦ କୋଟି ଟଙ୍କା ଅପଚୟ ହୋଇଛି। ଆଜିର ଦିନରେ ହିସାବ କଲେ ଏହି ଖର୍ଚ୍ଚ ଆହୁରି ଅଧିକ ହୋଇପାରେ। ଏହାଦ୍ୱାରା ଜନସ୍ୱାର୍ଥ ସହିତ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକାଳ ବାତିଲ୍ ହୋଇଯିବା ଫଳରେ ଜନପ୍ରତିନିଧିମାନଙ୍କୁ ଉତ୍ତରଦାୟୀ କରାଯାଇପାରି ନାହିଁ। କେତେକ ବିଧେୟକ ବିନା ଆଲୋଚନାରେ ଏବଂ କେତେକ ବିଲ୍ ଯତ୍‌କିଞ୍ଚିତ ଆଲୋଚନାରେ ପାରିତ ହୋଇଗଲା। ଏହା ସାମଗ୍ରିକ ଭାବେ ସଂସଦୀୟ ଗଣତନ୍ତ୍ର ପ୍ରତି ଶୁଭସଙ୍କେତ ନୁହେଁ।

ସଂସଦରେ ବିରୋଧାଭାସ ସ୍ୱାଭାବିକ। କିନ୍ତୁ ଏହା ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ଭାବରେ ହେବା ଉଚିତ। ଏଥିରେ ଉଭୟ ଶାସକ ଓ ବିରୋଧୀ ଦଳର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି। କିନ୍ତୁ ଏହି ଦାୟିତ୍ୱ ନିଜ ଉପରକୁ ନେବାକୁ କୌଣସି ପକ୍ଷ ପ୍ରସ୍ତୁତ ନଥିବାରୁ ଏଭଳି ଅବାଞ୍ଛିତ ଅଧ୍ୟାୟମାନ ସଂସଦୀୟ ଗଣତାନ୍ତ୍ରିକ ଇତିହାସର ପୃଷ୍ଠା ମଣ୍ଡନ କରୁଛି। ଭୋଟଦାତାଙ୍କ ପାଇଁ ଗତ ମୌସୁମୀ ଅଧିବେଶନ ହତାଶା ହେବା ପଛରେ ମୁଖ୍ୟ କାରଣ ଥିଲା ଦିଲ୍ଲୀରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ୍‌ର ଅନୈତିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ପ୍ରତିବାଦ। ଏହାକୁ କେନ୍ଦ୍ର କରି ବିରୋଧୀ ଦଳ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିବୃତ୍ତି ଓ ଇସ୍ତଫା ଦାବି କରିଥିବା ବେଳେ ବିଭାଗୀୟ ମନ୍ତ୍ରୀ ଦୀର୍ଘଦିନ ଧରି ଗୃହରେ ଅନୁପସ୍ଥିତ ରହିଲେ। ଏହା ବିରୋଧୀଙ୍କୁ ଆହୁରି ବଳ ଯୋଗାଇଲା। ଅଧିବେଶନର ପ୍ରାରମ୍ଭିକ ପର୍ଯ୍ୟାୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ଏବଂ ପରବର୍ତ୍ତୀ ସମୟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗୃହରେ ଉପସ୍ଥିତି ଓ ଇସ୍ତଫା ଦାବି କରି ବିରୋଧୀ ଦଳ ଉଭୟ ଗୃହକୁ ଅଚଳ କରିଦେଲେ। ଶେଷପର୍ଯ୍ୟାୟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ୨୪ ଘଣ୍ଟିଆ ବିବୃତ୍ତି ପ୍ରସ୍ତାବକୁ ବିରୋଧୀ ଦଳ ପ୍ରତ୍ୟାଖ୍ୟାନ କଲେ। ତେଣୁ ଶେଷ ଦିନରେ ଗୃହ ମାତ୍ର ୧ ମିନିଟ୍ ଚାଲିପାରିଲା। କିନ୍ତୁ ଏଥିପାଇଁ ଉଭୟେ ଉଭୟଙ୍କ ଉପରେ ଦୋଷ ଲଦିବାରେ ଅବହେଳା କଲେ ନାହିଁ।

ଅଧିବେଶନ ସମାପ୍ତ ପରେ ଉଭୟ ଶାସକ ଓ ବିରୋଧୀ ଦଳ କ'ଣ ପାଇଲେ କ'ଣ ହରାଇଲେ ତାହାକୁ ନେଇ ହିସାବ ନିକାସ କରୁଥିବେ। ଶାସକ ଦଳ ଏଥର ପୁଣି ଥରେ ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଏବଂ ମହିଳା ସଂରକ୍ଷଣ ବିଧେୟକକୁ ମିଳିତ ଭାବେ ଉପସ୍ଥାପନ କରି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ପ୍ରମାଣ କରିବାର ଯୋଜନାରେ ଥିଲେ। କିନ୍ତୁ ସିଜେପି ଆନ୍ଦୋଳନ ବିରୋଧୀ ପକ୍ଷକୁ ବଳ ଯୋଗାଇଲା ଏବଂ କ୍ରମାଗତ ବିରୋଧ ସରକାରଙ୍କ ଏହି ଯୋଜନାକୁ ଭଣ୍ଡୁର କରିଦେଲା। ଶାସକ ଦଳ ପାଇଁ ଏହା ସବୁଠାରୁ ବଡ଼ ବିଫଳତା ଭାବେ ଗଣାଯାଉଛି। ଏଥିସହିତ ବିରୋଧୀ ଓ ଜନତାଙ୍କ ଦାବି ଆଗରେ ମୁଣ୍ଡନୁଆଁଇ କେନ୍ଦ୍ର ମନ୍ତ୍ରିପରିଷଦର ଜଣେ ସଦସ୍ୟଙ୍କୁ ଏହି ଅଧିବେଶନ କାଳରେ ହିଁ ଇସ୍ତଫା ଦେବାକୁ ପଡ଼ିଲା। ଗତ ବାର ବର୍ଷ ଭିତରେ ଏହା ସରକାରଙ୍କ ପାଇଁ ଆଉ ଏକ ବଡ଼ ପରାଭବ ଭାବେ ରାଜନୈତିକ ବିଶାରଦମାନେ ଚିତ୍ରିତ କରୁଛନ୍ତି। ଅପରପକ୍ଷରେ ଯଦି ଏହି ବିଧେୟକ ଉପସ୍ଥାପିତ ହୋଇଥା'ନ୍ତା ତେବେ ବିରୋଧୀ ଦଳର ନୈତିକ ଓ ରାଜନୈତିକ ପରାଜୟ ହୋଇଥା'ନ୍ତା। ତେଣୁ ହଟ୍ଟଗୋଳ ଜରିଆରେ କୌଣସିମତେ ଉକ୍ତ ବିତର୍କିତ ଓ ବିବାଦୀୟ ବିଧେୟକକୁ ଉପସ୍ଥାପନ ନ କରିବା ପାଇଁ ବିରୋଧୀ ଦଳ ଯେଉଁ ଯୋଜନା କରିଥିଲା ସେଥିରେ ସଫଳ ହେଲେ।

ଏସବୁ ରାଜନୈତିକ ସଫଳତା-ବିଫଳତା, ହାର-ଜିତ ପ୍ରଶ୍ନର ଊର୍ଦ୍ଧ୍ୱରେ ଦେଶର ଭୋଟର, କରଦାତା ଓ ଜନସାଧାରଣ ପ୍ରଭୂତ କ୍ଷତି ସହିଲେ। ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧନ ବିଧେୟକଟି ବିନା ସମ୍ୟକ ଆଲୋଚନାରେ ଉଭୟ ଗୃହରେ ପାରିତ ହୋଇଯିବା ଫଳରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଭଳି ଖଣିଜ ସମୃଦ୍ଧ ଗରିବ ରାଜ୍ୟମାନେ ବିପୁଳ ରାଜସ୍ୱ ହରାଇବା ନିଶ୍ଚିତ ହୋଇଗଲା। ମୌଳିକ ଅଧିକାର ସମ୍ବନ୍ଧିତ ଦେଶବାସୀଙ୍କ ହଜାର ହଜାର ସମସ୍ୟା ରହିଛି। ଜଳବାୟୁ ପରିବର୍ତ୍ତନ, ବନ୍ୟା ନିୟନ୍ତ୍ରଣ, ପ୍ରଦୂଷଣ ନିରାକରଣ ଭଳି ଆହ୍ୱାନମାନ ଦେଶ ଆଗରେ ରହିଛି। ସ୍ୱାସ୍ଥ୍ୟ ଓ ଶିକ୍ଷାର ଅଧୋଗତି ଘଟିଚାଲିଛି। ଆମେରିକା ବାରମ୍ବାର ଆମ ବାଣିଜ୍ୟ ନୀତି ଓ ସାର୍ବଭୌମତ୍ୱକୁ ବଶମ୍ବଦ କରିବାକୁ ପ୍ରୟାସ କରିଚାଲିଛି। ପଶ୍ଚିମ ଏସିଆରେ ନୂଆ ସାମରିକ ମେଣ୍ଟ ଭାରତର ପ୍ରତିରକ୍ଷା ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଏଭଳି ପ୍ରସଙ୍ଗଗୁଡ଼ିକୁ ଅଧିକ ଶାଣିତ ଢଙ୍ଗରେ ଉତ୍‌ଥାପନ କରି ଶାସକ ଦଳକୁ ଉତ୍ତରଦାୟୀ କରିବା ଆବଶ୍ୟକ ଥିଲା। ଶାସକ ଦଳ ବା ସରକାରଙ୍କୁ ଛନ୍ଦିବା ପାଇଁ ପ୍ରଶ୍ନ ହିଁ ବିରୋଧୀ ଦଳର ଅମୋଘ ଅସ୍ତ୍ର। କକ୍ଷତ୍ୟାଗ, ମୁଲତବୀ ଆଦି ତାଳିପକା ଉଦ୍ୟମ; ଏଥିରେ ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ ହେବ ନାହିଁ। ଶାସକ ଦଳ ମଧ୍ୟ ସଂସଦୀୟ କାର୍ଯ୍ୟାବଳୀକୁ ସୁସଂହତ ଓ ଶୃଙ୍ଖଳିତ କରିବା ଆବଶ୍ୟକ ଥିଲା। ସର୍ବୋପରି ବିରୋଧୀ ଦଳକୁ ବିଶ୍ୱାସକୁ ନେଇଥିଲେ ସଂସଦର ମୌସୁମୀ ଅଧିବେଶନ ଗଣତନ୍ତ୍ର ପ୍ରତି ଅଧିକ ହିତକର ଏବଂ ଭାରତର ନାଗରିକଙ୍କ ପ୍ରତି ଅଧିକ ଆଶ୍ୱସ୍ତିକର ହୋଇଥା'ନ୍ତା।

# ବିକଶିତ ଭାରତ ଗଠନରେ ଯୁବପିଢ଼ିଙ୍କ ଭୂମିକା

ଡ ପଦ୍ମଲୋଚନ ରାଉତ



୨୦୪୭ ମସିହା ଭାରତର ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତିର ବର୍ଷ। ଏହି ସମୟ ସୁଦ୍ଧା ଭାରତକୁ ଏକ ବିକଶିତ, ସମୃଦ୍ଧ, ସ୍ୱାବଲମ୍ବୀ ଏବଂ ବିଶ୍ୱରେ ଅଗ୍ରଣୀ ରାଷ୍ଟ୍ରରେ ପରିଣତ କରିବା ଆମର ଜାତୀୟ ସଂକଳ୍ପ। ଏହି ମହାନ ଲକ୍ଷ୍ୟ ସାକାର କରିବାରେ ସବୁଠାରୁ ବଡ଼ ଶକ୍ତି ହେଉଛନ୍ତି ଦେଶର ଯୁବପିଢ଼ି। ଆଜିର ଯୁବକ-ଯୁବତୀମାନେ କେବଳ ଆଗାମୀ ଦିନର ନେତୃତ୍ୱ ନୁହେଁ, ବରଂ ବର୍ତ୍ତମାନର ପରିବର୍ତ୍ତନର ପ୍ରମୁଖ ବାହକ। ସ୍ୱାମୀ ବିବେକାନନ୍ଦ କହିଥିଲେ, 'ଉଠ, ଜାଗ ଏବଂ ଲକ୍ଷ୍ୟ ପ୍ରାପ୍ତ ନହେବା ପର୍ଯ୍ୟନ୍ତ ଅଟକି ରୁହ ନାହିଁ।' ଏହି ବାଣୀ ଆଜିର ଯୁବପିଢ଼ି ପାଇଁ ଏକ ପ୍ରେରଣା। ଯଦି ଯୁବସମାଜ ଜ୍ଞାନ, ଦକ୍ଷତା, ନୈତିକତା ଏବଂ ଦେଶପ୍ରେମକୁ ନିଜର ଆଦର୍ଶ କରି ଆଗେଇ ଯାଆନ୍ତି, ତେବେ ବିକଶିତ ଭାରତ ୨୦୪୭ର ସ୍ୱପ୍ନ ନିଶ୍ଚିତ ଭାବେ ସାକାର ହେବ।

ବିକଶିତ ଭାରତ ୨୦୪୭ର ମୂଳ ଲକ୍ଷ୍ୟ ହେଉଛି ଭାରତକୁ ଆର୍ଥିକ ଭାବେ ସମୃଦ୍ଧ, ବୈଜ୍ଞାନିକ ଭାବେ ଅଗ୍ରଣୀ, ସାମାଜିକ ଭାବେ ସମତାଭିତ୍ତିକ ଏବଂ ସାଂସ୍କୃତିକ ଭାବେ ସଶକ୍ତ ରାଷ୍ଟ୍ରରେ ପରିଣତ କରିବା। ୨୦୪୭ ମସିହାରେ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ସମୟରେ ଏପରି ଏକ ଭାରତ ଗଢ଼ିବାର ସଂକଳ୍ପ ରହିଛି, ଯେଉଁଠାରେ ପ୍ରତ୍ୟେକ ନାଗରିକ ଉନ୍ନତ ଶିକ୍ଷା, ଉତ୍ତମ ସ୍ୱାସ୍ଥ୍ୟସେବା, ରୋଜଗାରର ସୁଯୋଗ, ଆଧୁନିକ ଭିତ୍ତିଭୂମି, ପରିଷ୍କାର ପରିବେଶ ଏବଂ ସମାନ ସୁଯୋଗ ପାଇବେ। ଏହି ଲକ୍ଷ୍ୟ କେବଳ ସରକାରଙ୍କର ନୁହେଁ; ପ୍ରତ୍ୟେକ ନାଗରିକ, ବିଶେଷକରି ଯୁବପିଢ଼ିର ସକ୍ରିୟ ଅଂଶଗ୍ରହଣ ଏହାର ସଫଳତାର ଚାବିକାଠି। କୌଣସି ଦେଶର ବିକାଶର ମୂଳଦୁଆ ହେଉଛି ଗୁଣାତ୍ମକ ଶିକ୍ଷା ଏବଂ କୌଶଳ ବିକାଶ। ଆଜିର ଯୁଗରେ କେବଳ ଡିଗ୍ରୀ ନୁହେଁ; ବରଂ ଜ୍ଞାନ, ଦକ୍ଷତା, ସୃଜନଶୀଳତା, ନବସୃଜନ ଏବଂ ସମସ୍ୟା ସମାଧାନର କ୍ଷମତା ଅତ୍ୟନ୍ତ ଆବଶ୍ୟକ। ଯଦି ଯୁବପିଢ଼ିକୁ ଆଧୁନିକ ଶିକ୍ଷା, ବୈଷୟିକ ପ୍ରଶିକ୍ଷଣ, ଡିଜିଟାଲ୍ କୌଶଳ ଏବଂ ଉଦ୍ୟୋଗୀ ମନୋଭାବ ସହିତ ସଶକ୍ତ କରାଯାଏ, ତେବେ ସେମାନେ କେବଳ ନିଜ ପାଇଁ ନୁହେଁ, ଅନ୍ୟମାନଙ୍କ ପାଇଁ ମଧ୍ୟ ରୋଜଗାରର ସୁଯୋଗ ସୃଷ୍ଟି କରିପାରିବେ। ତେଣୁ ଶିକ୍ଷା ଓ କୌଶଳ ବିକାଶ ହିଁ ବିକଶିତ ଭାରତ ୨୦୪୭ର ସବୁଠାରୁ ଦୃଢ଼ ଭିତ୍ତି।

ବିକଶିତ ଭାରତ ୨୦୪୭ କେବଳ ଏକ ସରକାରୀ ଯୋଜନା ନୁହେଁ, ବରଂ ଏହା ୧୪୦ କୋଟି ଭାରତୀୟଙ୍କ ସାମୂହିକ ସ୍ୱପ୍ନ। ଏହି ସ୍ୱପ୍ନର ପ୍ରଥମ ଦିଗ ହେଉଛି ଆର୍ଥିକ ସମୃଦ୍ଧି। ଭାରତର ଅର୍ଥନୀତିକୁ ଆହୁରି ଶକ୍ତିଶାଳୀ କରିବା ସହିତ ଶିଳ୍ପ, କୃଷି, ସେବା ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଉନ୍ନତି ଆଣିବା ଆବଶ୍ୟକ। ଏହାଦ୍ୱାରା ନୂତନ ରୋଜଗାର ସୃଷ୍ଟି ହେବ ଏବଂ ଦାରିଦ୍ର୍ୟ ହ୍ରାସ ପାଇବ। ଦ୍ୱିତୀୟ ଦିଗ ହେଉଛି ସାମାଜିକ ବିକାଶ। ପ୍ରତ୍ୟେକ ନାଗରିକଙ୍କୁ ଉତ୍ତମ ଶିକ୍ଷା, ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ନିରାପଦ ପାନୀୟ ଜଳ, ସ୍ୱଚ୍ଛତା ଏବଂ ସମାନ ସୁଯୋଗ ମିଳିବା ଆବଶ୍ୟକ। ବିକାଶର ଲାଭ ସମାଜର ପ୍ରତ୍ୟେକ ବର୍ଗ ପର୍ଯ୍ୟନ୍ତ ପହଞ୍ଚିଲେ ହିଁ ପ୍ରକୃତ ବିକାଶ ସମ୍ଭବ। ତୃତୀୟ ଦିଗ ହେଉଛି ପ୍ରଯୁକ୍ତି ଓ ନବସୃଜନ। କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ମହାକାଶ ବିଜ୍ଞାନ, ଡିଜିଟାଲ୍ ପ୍ରଯୁକ୍ତି, ଜୈବ ପ୍ରଯୁକ୍ତି ଏବଂ ଗବେଷଣା କ୍ଷେତ୍ରରେ ଭାରତକୁ ବିଶ୍ୱର ଅଗ୍ରଣୀ ଦେଶମାନଙ୍କ ମଧ୍ୟରେ ସ୍ଥାନ ଦେବା ଆବଶ୍ୟକ। ନବସୃଜନ ହିଁ ଭବିଷ୍ୟତର ଅର୍ଥନୀତିର ମୂଳ ଆଧାର ହେବ। ଚତୁର୍ଥ ଦିଗ ହେଉଛି ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ। ବିକାଶ ସହିତ ପ୍ରକୃତିର ସନ୍ତୁଳନ ରକ୍ଷା କରିବା ଅତ୍ୟନ୍ତ ଜରୁରୀ। ସ୍ୱଚ୍ଛ ଶକ୍ତିର ବ୍ୟବହାର, ବୃକ୍ଷରୋପଣ, ଜଳ ସଂରକ୍ଷଣ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଦ୍ୱାରା ଆଗାମୀ ପିଢ଼ି ପାଇଁ ଏକ ସୁନ୍ଦର ଭାରତ ଗଢ଼ାଯାଇପାରିବ।

ଶେଷରେ, ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ସେତେବେଳେ ସଫଳ ହେବ, ଯେତେବେଳେ ପ୍ରତ୍ୟେକ ନାଗରିକ ନିଜ କର୍ତ୍ତବ୍ୟକୁ ସଚେତନତାର ସହିତ ପାଳନ କରିବେ ଏବଂ ଦେଶହିତକୁ ସର୍ବୋପରି ସ୍ଥାନ ଦେବେ। ବିଶେଷକରି ଯୁବପିଢ଼ି ନିଜର ଜ୍ଞାନ, ଶକ୍ତି ଏବଂ ସୃଜନଶୀଳତା ଦ୍ୱାରା ଏହି ସ୍ୱପ୍ନକୁ ସାକାର କରିପାରିବେ।

ଶିକ୍ଷା ହେଉଛି ଏକ ଜାତିର ମେରୁଦଣ୍ଡ। ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ଉନ୍ନତ, ସେହି ଦେଶ ସେତେ ଦ୍ରୁତ ଅଗ୍ରଗତି କରେ। ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ସାକାର କରିବା ପାଇଁ କେବଳ ପୁସ୍ତକଗତ ଜ୍ଞାନ ପର୍ଯ୍ୟାପ୍ତ ନୁହେଁ; ବ୍ୟବହାରିକ ଜ୍ଞାନ, ବୈଷୟିକ କୌଶଳ, ନୈତିକ ଶିକ୍ଷା ଏବଂ ନବସୃଜନର ମନୋଭାବ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଆଜିର ବିଶ୍ୱ ଦ୍ରୁତଗତିରେ ବଦଳୁଛି। କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ଡାଟା ସାଇନ୍ସ, ସାଇବର ସୁରକ୍ଷା ଏବଂ ଡିଜିଟାଲ୍ ପ୍ରଯୁକ୍ତି ନୂତନ ରୋଜଗାରର ସୁଯୋଗ ସୃଷ୍ଟି କରୁଛି। ତେଣୁ ଯୁବପିଢ଼ିଙ୍କୁ ସମୟୋପଯୋଗୀ କୌଶଳରେ ପ୍ରଶିକ୍ଷିତ କରିବା ଅତ୍ୟନ୍ତ ଆବଶ୍ୟକ। କୌଶଳ ବିକାଶର ଅର୍ଥ କେବଳ ଚାକିରି ପାଇବା ନୁହେଁ; ବରଂ ନିଜେ ଉଦ୍ୟୋଗୀ ହେବା, ନୂତନ ଉଦ୍ୟମ ଆରମ୍ଭ କରିବା ଏବଂ ଅନ୍ୟମାନଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବା। ଷ୍ଟାର୍ଟଅପ୍, ଡିଜିଟାଲ୍ ଉଦ୍ୟୋଗ ଏବଂ ନବସୃଜନ ମାଧ୍ୟମରେ ଯୁବକମାନେ ଭାରତର ଅର୍ଥନୀତିକୁ ନୂଆ ଦିଗ ଦେଇପାରିବେ। ଏହା ସହିତ ଶିକ୍ଷାର ଉଦ୍ଦେଶ୍ୟ କେବଳ ଜୀବିକା ଅର୍ଜନ ନୁହେଁ; ଏହା ଜଣେ ଉତ୍ତମ ନାଗରିକ ସୃଷ୍ଟି କରିବା। ସତ୍ୟନିଷ୍ଠା, ଶୃଙ୍ଖଳା, ଦେଶପ୍ରେମ, ସହାନୁଭୂତି ଏବଂ ସାମାଜିକ ଦାୟିତ୍ୱ ଭଳି ଗୁଣ ଶିକ୍ଷା ମାଧ୍ୟମରେ ବିକଶିତ ହୁଏ। ଏହି ମୂଲ୍ୟବୋଧ ସମ୍ପନ୍ନ ଯୁବପିଢ଼ି ହିଁ ବିକଶିତ ଭାରତର ସତ୍ୟ ସ୍ଥପତି ହୋଇପାରିବେ। ତେଣୁ କୁହାଯାଇପାରେ ଯେ, ଶିକ୍ଷା ଓ କୌଶଳ ବିକାଶ ହେଉଛି ବିକଶିତ ଭାରତ ୨୦୪୭ର ଦୁଇଟି ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ। ଯେଉଁ ଦେଶର ଯୁବପିଢ଼ି ଶିକ୍ଷିତ, ଦକ୍ଷ, ଚରିତ୍ରବାନ ଏବଂ ଆତ୍ମବିଶ୍ୱାସୀ, ସେହି ଦେଶ ବିଶ୍ୱରେ ନେତୃତ୍ୱ ନେବାକୁ ସକ୍ଷମ ହୁଏ।

ଶେଷରେ ମୁଁ ଏତିକି କହିବାକୁ ଚାହେଁ ଯେ, ବିକଶିତ ଭାରତ ୨୦୪୭ କେବଳ ଏକ ସ୍ୱପ୍ନ ନୁହେଁ; ଏହା ହେଉଛି ୧୪୦ କୋଟି ଭାରତୀୟଙ୍କ ଆଶା, ଆକାଂକ୍ଷା ଓ ସାମୂହିକ ସଂକଳ୍ପ। ଏହି ମହାନ ଲକ୍ଷ୍ୟ ପୂରଣ ପାଇଁ ଯୁବପିଢ଼ି ହେଉଛି ସବୁଠାରୁ ବଡ଼ ଶକ୍ତି। ଆଜିର ଯୁବମାନେ ହିଁ ଆସନ୍ତାକାଲିର ଭାରତର ନିର୍ମାତା। ଆମର ଗୌରବମୟ ପରମ୍ପରା, ମହାନ ସଂସ୍କୃତି ଓ ସ୍ୱାଧୀନତା ସଂଗ୍ରାମର ଆଦର୍ଶରୁ ପ୍ରେରଣା ନେଇ ଯୁବପିଢ଼ିକୁ ଜ୍ଞାନ, କୌଶଳ, ନୈତିକତା ଓ ଦେଶପ୍ରେମର ସହିତ ଆଗକୁ ବଢ଼ିବାକୁ ହେବ। କେବଳ ସମସ୍ୟାକୁ ଦେଖିବା ନୁହେଁ, ବରଂ ସମାଧାନର ଅଂଶ ହେବାକୁ ହେବ। ନିଜର ସ୍ୱପ୍ନକୁ ରାଷ୍ଟ୍ରର ସ୍ୱପ୍ନ ସହିତ ଯୋଡ଼ିବାକୁ ହେବ।

ବିକଶିତ ଭାରତ ଗଠନ ପାଇଁ ଆମକୁ ଏପରି ଯୁବଶକ୍ତି ଆବଶ୍ୟକ, ଯେଉଁମାନେ ବିଜ୍ଞାନରେ ଆଧୁନିକ, ଚିନ୍ତାଧାରାରେ ସକାରାତ୍ମକ, ଆଚରଣରେ ନୈତିକ ଓ କାର୍ଯ୍ୟରେ ନିଷ୍ଠାବାନ ହେବେ। ଯେଉଁ ଯୁବମାନେ ନିଜର ଅଧିକାର ସହିତ ନିଜର କର୍ତ୍ତବ୍ୟକୁ ମଧ୍ୟ ବୁଝିବେ, ସେମାନେ ହିଁ ଭାରତକୁ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରରେ ପରିଣତ କରିପାରିବେ। ଆସନ୍ତୁ, ଆମେ ସମସ୍ତେ ମିଶି ଏକ ଏପରି ଭାରତ ଗଢ଼ିବାର ସଂକଳ୍ପ ନେବା, ଯେଉଁ ଭାରତ ଜ୍ଞାନରେ ସମୃଦ୍ଧ, ବିଜ୍ଞାନରେ ଶକ୍ତିଶାଳୀ, ସଂସ୍କୃତିରେ ଗୌରବମୟ, ନୈତିକତାରେ ଉଚ୍ଚ ଏବଂ ବିଶ୍ୱକୁ ମାର୍ଗଦର୍ଶନ ଦେବାରେ ସକ୍ଷମ ହେବ।

ଜୟହିନ୍ଦ। ଜୟଭାରତ।

(ଆସୋସିଏଟ୍ ପ୍ରଫେସର୍)
ଅରୁଣାଚଳ ପ୍ରଦେଶ, ମୋ: ୯୬୭୮୦୯୧୩୦୦

# ଲାଞ୍ଚୁଆଙ୍କୁ ଏନ୍‌କାଉଣ୍ଟର

ହିଫ୍‌ଜୁର ରହେମାନ୍

ଆଜିକାଲି ସକାଳ ହେଉ କି ସନ୍ଧ୍ୟାରେ ପାର୍କରେ ପ୍ରବଳ ଭିଡ଼। କିଏ ବ୍ୟାୟାମ କରିବାକୁ ଯାଉଛନ୍ତି ତ ଆଉ କିଏ ପିଲାମାନଙ୍କୁ ଧରି ବୁଲାବୁଲି କରିବାକୁ ଯାଉଛନ୍ତି। କେହି କେହି ଟାଇମ ପାସ୍ କରିବାକୁ ବି ଯାଆନ୍ତି। କିନ୍ତୁ ଆଉ ଗୋଟିଏ ବର୍ଗର ଲୋକଙ୍କୁ ମଧ୍ୟ ଦେଖିବାକୁ ମିଳେ। ସେମାନେ ବ୍ୟାୟାମ କରନ୍ତି ନାହିଁ କି ଚଲାଚଲି କରନ୍ତି ନାହିଁ। ସେମାନେ ପାର୍କର କେଉଁ ଗୋଟିଏ କୋଣରେ ମେଳି କରି ଗପସପ କରନ୍ତି। ଗପସପ ମାନେ ଯାଡୁ ସିଆଡୁ ନୁହେଁ, ଏକଦମ୍ ସାମାଜିକ ଓ ରାଜନୈତିକ ପ୍ରସଙ୍ଗ ଉପରେ ଆଲୋଚନା କରନ୍ତି। ଏମାନେ ହେଉଛନ୍ତି ସିନିଅର ସିଟିଜନ। ସେମାନଙ୍କ ମଧ୍ୟରେ ଅଛନ୍ତି ଚାକିରିରୁ ଅବସର ନେଇଥିବା ଅଫିସର, କର୍ମଚାରୀ ଏବଂ କିଛି ବ୍ୟବସାୟୀ ଓ ସାମାଜିକ କର୍ମୀ।

ସେଦିନ ରବିବାର ହୋଇଥାଏ। ଅପରାହ୍ନ ସମୟ। ରାଜଧାନୀର ଗୋଟିଏ ପାର୍କରେ ଭାରି ଭିଡ଼। ପାର୍କର ଗୋଟିଏ କୋଣରେ ୧୦ରୁ ୧୫ ଜଣ ସିନିଅର ସିଟିଜନ ବସି କୌଣସି ଏକ ପ୍ରସଙ୍ଗରେ ସରଗରମ ଆଲୋଚନା କରୁଥାଆନ୍ତି। ପ୍ରତିଦିନ ଖବରକାଗଜରେ ବାହାରୁଥିବା ବିଭିନ୍ନ ଖବର ଉପରେ ଚର୍ଚ୍ଚା ଆଲୋଚନା କରନ୍ତି। ସେଦିନ ଆଲୋଚନାର ବିଷୟବସ୍ତୁ ଥିଲା ଦୁର୍ନୀତି। ଦୁର୍ନୀତି ଓ ଦୁର୍ନୀତିଖୋର ବାବୁମାନଙ୍କୁ ମୃଦୁଭାଷାରେ ଗାଳିଗୁଲଜ କରି ଯିଏ ଯେମିତି ପାରିଲା ବର୍ଷିବାକୁ ଲାଗିଲା। ନିଷ୍ଠୁର, ଚୋର, ଡକାୟତ, ଅମଣିଷ, ଅଲାଜୁକ, ସମାଜ ପାଇଁ କଳଙ୍କ...। ଏମାନଙ୍କ ଯୋଗୁଁ ସମାଜ ନଷ୍ଟ ହେଉଛି। ଘର ସଂସାର ଉଜୁଡ଼ି ଯାଉଛି। ପରିବାରରେ ଅଶାନ୍ତି ଲାଗି ରହୁଛି। ଝିଅ ବାହା ହୋଇପାରୁ ନାହାନ୍ତି। ବୁଢ଼ାବୁଢ଼ୀଙ୍କୁ ଭତ୍ତା ମିଳୁନି। ଅବସର ପରେ ବି ପେନସନ୍ ପାଇବା ଲାଗି ଦୌଡ଼ିଦୌଡ଼ି ନୟାନ୍ତ ହେବାକୁ ପଡୁଛି। କୋଡ଼ିଏ ତିରିଶ ହଜାର ଟଙ୍କା ଦରମାରେ ଚାକିରି କରି କୋଟି କୋଟି ଟଙ୍କାର ସଂପତ୍ତି ଠୁଳ କରୁଛନ୍ତି। ଘରୁ ନଗଦ କୋଟି କୋଟି ଟଙ୍କା ଓ ସୁନାଗହଣା ମିଳୁଛି। ଏତେ ଟଙ୍କା ମିଳୁଛି ଯେ ମେସିନ ବି ଗଣିପାରୁ ନାହିଁ। ବିଭିନ୍ନ ସ୍ଥାନରେ ଜାଗାବାଡ଼ି ଓ କୋଠା କରି ମାଲାମାଲ। ଭିଜିଲାନ୍ସ ସେମାନଙ୍କୁ ଧରୁଛି। କିଛିମାସ ପରେ ପୁଣି ଜେଲରୁ ବାହାରି ଚାକିରି ପାଇଯାଉଛନ୍ତି। ଏମାନେ ସୁଧୁରିବେ ନାହିଁ। ଏମାନେ ଆତଙ୍କବାଦୀଙ୍କ ଠାରୁ ବି ଭୟଙ୍କର। ସେମାନେ ହେଉଛନ୍ତି ଦେଶଦ୍ରୋହୀ। ପୁଲିସ ସେମାନଙ୍କୁ ଏନକାଉଣ୍ଟର କରିବା ଦରକାର। ରାସ୍ତାରେ ଲଙ୍ଗଳା କରି ଚଳାଇବା ଦରକାର। ତା'ପରେ ଯାଇ ଏମାନେ ସାବାଡ୍ ହେବେ।



ଲାଞ୍ଚୁଆଙ୍କୁ ଏନ୍‌କାଉଣ୍ଟର କଥାକୁ ନେଇ ସେମାନେ ଦୁଇ ଗୋଷ୍ଠୀ ହୋଇଗଲେ। ଗୋଟିଏ ଗୋଷ୍ଠୀ ତାଳି ମାରି ଏହାକୁ ସମର୍ଥନ କରୁଥିବା ବେଳେ ଆଉ ଏକ ଗୋଷ୍ଠୀ ଏହାର ବିରୋଧ କରିଥିଲେ। କିନ୍ତୁ ଯେଉଁ ବ୍ୟକ୍ତି ଜଣକ ଏନ୍‌କାଉଣ୍ଟର କଥା ଉଠାଇଲେ, ସେ ତା'ର କାରଣ ବି ଦର୍ଶାଇଲେ। ଡାକ୍ତରଖାନାରେ ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପ୍ରମାଣପତ୍ର ପାଇବା ପର୍ଯ୍ୟନ୍ତ କେମିତି ଦହଗଞ୍ଜ ହେବାକୁ ପଡୁଛି, ତାହାର ଗୋଟି ଗୋଟି କରି ଗଣତି କରିଥିଲେ। ତାଙ୍କର ଯୁକ୍ତି ଶୁଣି ସମସ୍ତେ ସ୍ତବ୍ଧ ହୋଇଗଲେ।

ଏଭଳି ଲାଞ୍ଚୁଆଙ୍କ ସଂପର୍କରେ ପ୍ରତିଦିନ ଖବରକାଗଜମାନଙ୍କରେ ଖବର ବାହାରୁଛି। ଏହା ଲୋକମାନଙ୍କ ପାଇଁ ଦେହସୁହା ହୋଇଗଲାଣି ଏବଂ ଲାଞ୍ଚୁଆମାନଙ୍କୁ ବି ଫରକ ପଡୁନି। କିନ୍ତୁ ସେମାନଙ୍କ ଯୋଗୁଁ ଦେଶର ଭାବମୂର୍ତ୍ତି ବିଶ୍ୱସ୍ତରରେ ତଳ ତଳକୁ ଖସି ଚାଲିଛି। ଟ୍ରାନପରେନ୍ସି ଇଣ୍ଟରନ୍ୟାସନାଲର ରିପୋର୍ଟ ଅନୁଯାୟୀ ୨୦୨୫ରେ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ତାଲିକାରେ ଭାରତର ସ୍ଥାନ ଥିଲା ୯୧। ୧୮୨ଟି ଦେଶକୁ ନେଇ ହୋଇଥିବା ସର୍ଭେରେ ୧୦୦ ମାର୍କରୁ ଭାରତକୁ ମିଳିଛି ୩୯। ଆମ ରାଜ୍ୟରେ ମଧ୍ୟ ଦୁର୍ନୀତିର ଚେର ଚାରିଆଡ଼େ ମାଡ଼ିଗଲାଣି। ପ୍ରତିଦିନ ଭିଜିଲାନ୍ସ ଟିମ୍ ଚଢ଼ଉ କରି ନାକେଦମ। ଯେତେ ଚଢ଼ଉ ହେଉଛି, ଦୁର୍ନୀତି ସେତେ ବଢ଼ି ବଢ଼ି ଚାଲିଛି। ମୁଖ୍ୟମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟ ଅନୁଯାୟୀ ଜାନୁଆରୀ ୨୦୦୨୪ରୁ ଡିସେମ୍ବର ୨୦୨୫ ମଧ୍ୟରେ ରାଜ୍ୟରେ ସରକାରୀ ଅଧିକାରୀମାନଙ୍କ ବିରୋଧରେ ୪୧୬ଟି ମାମଲା ଧରାପଡ଼ିଥିଲା।

ତେବେ ରାଜ୍ୟରେ ଭିଜିଲାନ୍ସ ଇତିହାସରେ ଯେଉଁ କଥାଟି ସବୁଠାରୁ ବେଶି ଆଲୋଡ଼ନ ସୃଷ୍ଟି କରିଛି, ତାହାହେଲା ଜଣେ ସରକାରୀ ଅଧିକାରୀଙ୍କ ଘରୁ ୪ କୋଟିରୁ ଅଧିକ ନଗଦ ଟଙ୍କା ଜବତ ହେବା ଘଟଣା। ଏହି କରିତକର୍ମା ଅଫିସର ଜଣକ ହେଉଛନ୍ତି ଖଣି ବିଭାଗର ଜଣେ ଡେପୁଟି ଡାଇରେକ୍ଟର। ଗତ ଫେବୃଆରୀ ମାସର କଥା। ଭିଜିଲାନ୍ସ ଚଢ଼ଉ ବେଳେ ତାଙ୍କ ଭୁବନେଶ୍ୱର ଘରୁ ମିଳିଥିଲା ନଗଦ ୪ କୋଟି ୨୭ ଲକ୍ଷ ଟଙ୍କା। ଏହି ଟଙ୍କାକୁ ଏକାଧିକ ଟ୍ରଲି ବ୍ୟାଗ ଏବଂ ପଲିଥିନ ପ୍ୟାକେଟରେ ଲୁଚାଇ ରଖାଯାଇଥିଲା। ଘର ଭିତରୁ ଏତେ ପରିମାଣର ଟଙ୍କା ମିଳିବା ଥିଲା ଭିଜିଲାନ୍ସ ଇତିହାସରେ ପ୍ରଥମ ଘଟଣା। କୁହାଯାଉଛି ଯେ ୨୨ ବର୍ଷ ପୂର୍ବେ ମାସିକ ୮ ହଜାର ଟଙ୍କା ଦରମାରେ ସେ କୁଆଡ଼େ ଚାକିରି ଆରମ୍ଭ କରିଥିଲେ। ଏହି ଖବର ସେତେବେଳେ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏଭଳି ଲାଞ୍ଚୁଆ ଅଧିକାରୀଙ୍କୁ ନେଇ ରାଜ୍ୟକୁ ଲଜ୍ଜିତ ହେବାକୁ ପଡ଼ିଥିଲା। ଲୋକମାନଙ୍କର କଷ୍ଟ ଉପାର୍ଜିତ ଅର୍ଥକୁ ହଡ଼ପ କରୁଥିବା ଏଭଳି ଦୁର୍ନୀତିଖୋରଙ୍କୁ ପାନେ ଦେବା ପାଇଁ ସରକାର ଏମିତି କଠୋର ଆଇନ ଆଣନ୍ତୁ ଯେ ଭବିଷ୍ୟତରେ ଅନ୍ୟମାନେ ଲାଞ୍ଚ ନେବାକୁ ଭୟ କରିବେ। ଏନକାଉଣ୍ଟର କ'ଣ, ଏମାନଙ୍କୁ ଫାଶୀଦଣ୍ଡ ମିଳିଲେ ବି କମ୍।

ଭୁବନେଶ୍ୱର, ମୋ: ୯୯୩୭୦୫୯୯୫୪

## ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

### କେନ୍ଦୁ
(Coromandel ebony or East Indian ebony- Diospyros melanoxylon)

ପ୍ରକୃତି-ପରିବେଶ

କେନ୍ଦୁ ଇବୋନି କିମ୍ବା ପୂର୍ବ ଭାରତୀୟ ଇବୋନି, ଭାରତ ଓ ଶ୍ରୀଲଙ୍କାର ଏକ ମୂଳଜାତ ଉଦ୍ଭିଦ। ଏହା ଏକ ମଧ୍ୟମ ଆକାରର ବୃକ୍ଷ, ଯାହା୨୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ ଏବଂ ଶାଖାଗୁଡ଼ିକ ଲୋମଶ, ରଙ୍ଗ ବାଦାମୀ ହଳଦିଆ। ଏହାର ଶୁଷ୍କ ଛାଲି କଠିନ, ଧୂସର ରଙ୍ଗର, ଫାଟି ଫାଟି ଯାଇଥାଏ। ପତ୍ରଗୁଡ଼ିକ ସରଳ, ଅଣ୍ଡାକାର କିମ୍ବା ଲମ୍ବା। ଫୁଲଗୁଡ଼ିକ ଫିକା ନୀଳଲୋହିତ ରଙ୍ଗର। ଫଳଟିର ବାହ୍ୟ ଆବରଣ ନୀଳ-ସବୁଜ ଏବଂ ଭିତରେ ଏହା ହଳଦିଆ। ଫୁଲ ଓ ଫଳ ଧରିଥାଏ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ। ଫଳଗୁଡ଼ିକ ମଣିଷ ଏବଂ ବନ୍ୟପ୍ରାଣୀଙ୍କ ପାଇଁ ଖାଦ୍ୟଯୋଗ୍ୟ, ବିଶେଷକରି ବାଦୁଡ଼ି ଓ ହର୍ଣ୍ଣବିଲ୍ ବା ଗେଣ୍ଡାଳିଆ ଜାତୀୟ ପକ୍ଷୀ ସମୂହ ଏହି ଫଳ ଅଧିକ ଖାଇଥା'ନ୍ତି।

କେନ୍ଦୁ ଗଛକୁ ଆୟୁର୍ବେଦ ଓ ୟୁନାନୀ ଶାସ୍ତ୍ରରେ ଲିପିବଦ୍ଧ କରାଯାଇଛି ଏବଂ ବିଭିନ୍ନ ରୋଗରେ ଏହାର ବହୁମୁଖୀ ବ୍ୟବହାର ବିଷୟରେ ମଧ୍ୟ ଉଲ୍ଲେଖ ରହିଛି। ଏହାକୁ ଭାରତୀୟ ପାରମ୍ପରିକ ଔଷଧରେ ବହୁଳ ଭାବରେ ଡାଇରିଆ, କଲେରା, ଡିସେଣ୍ଟେରୀ, ଛାଡ଼ି ଛାଡ଼ି ହେଉଥିବା ଜ୍ୱର, ରକ୍ତସ୍ରାବ ମାଢ଼ି, ବ୍ରୋଙ୍କାଇଟିସ୍, କାର୍ବଙ୍କଲ୍ସ, କାଶ, କ୍ରାମ୍ପ, ନିମୋନିଆ, ସିଫିଲିସ୍ ବା ସଂକ୍ରମଣ ଯୌନ ବ୍ୟାଧି, ଟ୍ୟୁମର ଇତ୍ୟାଦି ବିଭିନ୍ନ ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଏ। କେନ୍ଦୁ ଫଳରୁ ମଦ ପ୍ରସ୍ତୁତ ହୋଇପାରିବ। ଓଡ଼ିଶା, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଝାଡ଼ଖଣ୍ଡର ସ୍ଥାନୀୟ ବଜାରରେ ଗ୍ରୀଷ୍ମ ଋତୁରେ ଏହା ଏକ ସ୍ୱାଦିଷ୍ଟ ଖାଦ୍ୟ ଭାବେ ଉପଲବ୍ଧ। ଫଳର ମାଂସଳ ଅଂଶ ହଳଦିଆ, ନରମ, ଅଠାଳିଆ ଓ ମିଠା। ଏହା ଶର୍କରା, ପ୍ରୋଟିନରେ ଭରପୂର ଏବଂ ଏଥିରେ ଭିଟାମିନ୍ ଏ ଓ ସି, ଫାଇବର ବା ତନ୍ତୁ ଏବଂ ବିଶୋଧକ ଶକ୍ତି ରହିଛି। ଫଳର ବି-କ୍ୟାରୋଟିନ୍, ଟେର୍ପେନୋଇଡ୍ସ, ଫ୍ଲୋଭାନୋଇଡ୍ସ, ସାପୋନିନ୍ ଓ ଟାନିନ୍ ଭଳି ଅନେକ ଜୈବ ରସାୟନ ବା ଫାଇଲୋକେମିକାଲ୍ସ ଏହାର ପୁଷ୍ଟିକର ମୂଲ୍ୟକୁ ଲାଭଯୋଗ୍ୟ କରିଥାଏ। ପାଚିଲା ଫଳଗୁଡ଼ିକ ଅଲିଗୋସାକାରାଇଡ୍ସ, ଫ୍ୟୁମାରିକ୍ ଏସିଡ୍, ଗାଲିକ୍ ଏସିଡ ଇତ୍ୟାଦିର ଗୁରୁତ୍ୱପୂର୍ଣ୍ଣ ଉତ୍ସ। ପତ୍ରରେ ମୂଲ୍ୟବାନ ଫ୍ଲାଭୋନ୍ ଥାଏ। ପତ୍ରରେ ମିଳୁଥିବା ପେଣ୍ଟାସାଇକ୍ଲିକ୍ ଟ୍ରାଇଟରପେନ୍ସରେ ଆଣ୍ଟିମାଇକ୍ରୋବାୟଲ୍ ବା ଅଣୁଜୀବ ପ୍ରତିରୋଧୀ ଗୁଣ ଥାଏ; ଛାଲିରେ ଆଣ୍ଟିହାଇପରଗ୍ଲାଇସେମିକ୍ ବା ଉଚ୍ଚ ରକ୍ତଶର୍କରା ନିୟନ୍ତ୍ରଣ ଗୁଣ ସହିତ ଆଣ୍ଟିପ୍ଲାଜମୋଡିଆଲ୍ ପ୍ରଭାବ ଥିବା ଦେଖାଯାଏ, ଯାହା ମଶା ଦେହରେ ଥିବା ମ୍ୟାଲେରିଆ ରୋଗ ଜୀବାଣୁ ପ୍ଲାଜମୋଡିଆମ୍ ଫାଲସିପାରମ୍‌କୁ ନିପାତ କରେ।

ଗ୍ରୀଷ୍ମ ଋତୁରେ ମାଟିରୁ ବାହାରୁଥିବା ସକ୍କର ବା ଶୋଷକ ଦ୍ୱାରା ତାଜା ପତ୍ର ଉତ୍ପାଦନ ହୁଏ। କେନ୍ଦୁ ଗଛ ତଳେ ନିଆଁ ଲଗାଇ ମଧ୍ୟ ଏହାକୁ ବୃଦ୍ଧି କରାଯାଏ। କାଣ୍ଡ ଓ ଡାଳକୁ କାଟିବା ଫଳରେ ଅପେକ୍ଷାକୃତ ବଡ଼ ଏବଂ ପତଳା ପତ୍ର ଉତ୍ପାଦନକୁ ପ୍ରୋତ୍ସାହିତ କରେ, ଯଦିଓ ବାରମ୍ବାର ଏପରି କରିବା ଦ୍ୱାରା ଗଛର ବୃଦ୍ଧି ବାଧାପ୍ରାପ୍ତ ହୋଇପାରେ। ତାଜା ପତ୍ରଗୁଡ଼ିକୁ ହାତରେ ବାଛି ପ୍ରାୟ ୧୦ ଦିନ ପାଇଁ ସୂର୍ଯ୍ୟ କିରଣରେ ଶୁଖାଯାଏ। ଆଦିବାସୀ ଏବଂ ଅଣ-ଆଦିବାସୀ ସ୍ଥାନୀୟ ଲୋକ କେନ୍ଦୁ ପତ୍ର ତୋଳନ୍ତି, ଯାହା ପାଇଁ ସେମାନେ ଭଲ ପାରିଶ୍ରମିକ ପାଆନ୍ତି। ପତ୍ରଗୁଡ଼ିକ ଅତ୍ୟନ୍ତ ମୂଲ୍ୟବାନ ଏବଂ ଭାରତୀୟ ବିଡ଼ି ତିଆରି କରିବା ପାଇଁ ତମାଖୁକୁ ଗୁଡ଼ାଇବା ଲାଗି ବ୍ୟବହାର କରାଯାଏ (ସ୍ଥାନୀୟ ଭାବରେ ଏହାକୁ ପାରମ୍ପରିକ ସିଗାରେଟ୍ ଭାବରେ ବିବେଚନା କରାଯାଏ)। ଏହାର ଘନ, ଗାଢ଼ କାଠ ଏହାର ସ୍ଥାୟିତ୍ୱ ଏବଂ ସୌନ୍ଦର୍ଯ୍ୟ ପାଇଁ ମୂଲ୍ୟବାନ, ଯାହା ଏହାକୁ କାରିଗରମାନଙ୍କ ମଧ୍ୟରେ ଏକ ପ୍ରିୟ କରିଥାଏ। ଝାଡ଼ଖଣ୍ଡ ଓ ଓଡ଼ିଶାର ଆଦିବାସୀମାନେ ହକି ଷ୍ଟିକ୍ ତିଆରି କରିବାରେ ମଧ୍ୟ କେନ୍ଦୁ ଗଛ ବ୍ୟବହାର କରନ୍ତି। ଏହାର ଉଚ୍ଚମାନର କାଠ ଫର୍ଣ୍ଣିଚର ଏବଂ ବାଦ୍ୟଯନ୍ତ୍ର ପାଇଁ ବ୍ୟବହୃତ ହୁଏ।

କେନ୍ଦୁର ସାଂସ୍କୃତିକ ଓ ପୌରାଣିକ ପୃଷ୍ଠଭୂମି ଉପରେ ଉଲ୍ଲେଖ ମଧ୍ୟ ଅଛି। ମୁଣ୍ଡା ଲୋକଙ୍କ ମତରେ, ପ୍ରାଚୀନ ସେଙ୍ଗେଲ ଦେଆ (ଅଗ୍ନି ବର୍ଷା କରିବାର ଏକ ଘଟଣା) ସମୟରେ ସେମାନଙ୍କ ପୂର୍ବପୁରୁଷମାନେ ଏହି ଗଛର ଖୋଳରେ ଆଶ୍ରୟ ନେଇଥିଲେ। ଏହି ଗଛକୁ ସହଜରେ ଦହନଶୀଳ ନୁହେଁ ବୋଲି ବିବେଚନା କରାଯାଏ। ତେଣୁ ଧାନ ରୋପଣ ପରେ ଜନଜାତି ଭବିଷ୍ୟତରେ ସେଙ୍ଗେଲ ଦେଆର ଯେକୌଣସି ଘଟଣାରୁ ଫସଲକୁ ରକ୍ଷା କରିବା ପାଇଁ କ୍ଷେତରେ ଏହାର ଏକ ଡାଳ ଲଗାନ୍ତି। ଗଛର ସ୍ଥାନ ଏବଂ ଉପସ୍ଥିତି ଅନୁସାରେ ଅନେକ ଗ୍ରାମ ନାମକରଣ କରାଯାଇଛି, ଯଥା କେନ୍ଦୁଝର, କେନ୍ଦୁଗୁଡ଼ା, କେନ୍ଦୁପଦର, କେନ୍ଦୁମୁଣ୍ଡା ଇତ୍ୟାଦି।

ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଗାନ୍ଧୀମାର୍ଗରେ ତ୍ରିରଙ୍ଗା ଉଡ଼ାଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ୨୦୨୭ ସୁଦ୍ଧା ସବୁ ଗାଁକୁ ସଡ଼କ, ପାଣି ଓ ବିଜୁଳି

ଭୁବନେଶ୍ୱର,୧୬।୮ (ସମିସ): ରାଜଧାନୀ ଭୁବନେଶ୍ୱରର ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନଚରଣମାଝୀଜାତୀୟପତାକାଉତ୍ତୋଳନକରିବା

- ନବମ-ଦଶମ ଛାତ୍ରଛାତ୍ରୀଙ୍କୁ ମାଗଣା ବହି
- ସରକାରୀ ଚାକିରି ବୟସ ସୀମା ୪୨କୁ ବୃଦ୍ଧି
- ହଟିବ ସିଭିଲ୍ ସର୍ଭିସ ପରୀକ୍ଷାର ସର୍ବାଧିକ ସୁଯୋଗ ସୀମା



ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନିଃଶୁଳ୍କ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବାକୁ ଘୋଷଣା କରିଛନ୍ତି। ଏହାସହ ସରକାରୀ ଚାକିରି ଆଶାୟୀଙ୍କ ସର୍ବାଧିକ ବୟସ ସୀମାକୁ ୩୨ରୁ ୪୨ ବର୍ଷକୁ ବୃଦ୍ଧି କରାଯାଇଛି। ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଥିବା ସର୍ବାଧିକ ୬ଟି ସୁଯୋଗ ସୀମାକୁ ମଧ୍ୟ ହଟାଇ ଦିଆଯିବା ସହ ଆଶାୟୀମାନେ ୪୨ବର୍ଷ ବୟସ ସୀମା ପର୍ଯ୍ୟନ୍ତ ପରୀକ୍ଷା ଦେଇ ପାରିବେ ବୋଲି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଗ୍ରାମାଞ୍ଚଳର ମୌଳିକ ଭିତ୍ତିଭୂମି ସୁଧାର ପାଇଁ 'ମିଶନ ପାୱାର' ମାଧ୍ୟମରେ ୨୦୨୭ ଶେଷ ସୁଦ୍ଧା ସବୁ ଗାଁକୁ ସଡ଼କ, ବିଜୁଳି ଓ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ 'କେଜିରୁ ପିଜି' ଶିକ୍ଷାକୁ ସମ୍ପୂର୍ଣ୍ଣ ନିଃଶୁଳ୍କ କରିବା ଦିଗରେ ସରକାର ଆଗେଇ ଚାଲିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ। ଗତ ଦୁଇ ବର୍ଷରେ ୨୬ ହଜାର ଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ ଆଉ ୪୫ ହଜାର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଉଚ୍ଚ ଶିକ୍ଷା କ୍ଷେତ୍ରରେ ଉପାନ୍ତ ଜିଲ୍ଲାଗୁଡ଼ିକରେ ୧୮ଟି ନୂଆ ସରକାରୀ ମହାବିଦ୍ୟାଳୟ ଓ ୪ଟି ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଛି। ଯାଜପୁର, ତାଳଚେର ଓ କନ୍ଧମାଳରେ ମେଡିକାଲ କଲେଜ ସହ ଆଉ ୪ଟି ଆଧୁନିକ ମେଡିକାଲ କଲେଜ, ୭ଟି ନର୍ସିଂ କଲେଜ, ୩ଟି ଆୟୁର୍ବେଦିକ ଓ ୨ଟି ହୋମିଓପାଥିକ୍ ମେଡିକାଲ କଲେଜ ଖୋଲାଯିବ।

ଉତ୍ସବରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂହ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପୁଲିସ ଡିଜି ୱାଇ ବି ଖୁରାନିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଶଙ୍ଖ ଭବନରେ ବିଜେଡି ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳିତ

# ଜାତୀୟ ପତାକା ଉତ୍ତୋଳନ କଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର,୧୬।୮ (ସମିସ): ବିଜୁ ଜନତା ଦଳ ପକ୍ଷରୁ ଶଙ୍ଖ ଭବନରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଦେଶର ଏକତା, ଅଖଣ୍ଡତା ଓ ସମୃଦ୍ଧିକୁ ଏକତ୍ରିତ ରଖିବା ପାଇଁ ସମସ୍ତେ ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଜଣାଇଥିଲେ। ସମ୍ପୂର୍ଣ୍ଣ ଶଙ୍ଖ ଭବନ ପରିସର ବିଭିନ୍ନ ଦେଶାତ୍ମବୋଧ ସ୍ଲୋଗାନରେ ପ୍ରକମ୍ପିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ବିଧାୟକ, ନିର୍ବାଚନମଣ୍ଡଳୀ, ବ୍ଲକ ଓ ପୌରାଞ୍ଚଳର ଦଳୀୟ ପଦାଧିକାରୀ, ଜନପ୍ରତିନିଧି, କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦେଶମାତୃକାର ସ୍ୱାଧୀନତା ପାଇଁ ଜୀବନ ବଳିଦାନ ଦେଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଂଗ୍ରାମୀ ବରପୁତ୍ର ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀଙ୍କ ଅତୁଳନୀୟ ତ୍ୟାଗ, ସଂଘର୍ଷ ଓ




ବଳିଦାନକୁ ସ୍ମୃତି ଚାରଣ କରାଯାଇଥିଲା। ଦେଶର ଏକତା, ଅଖଣ୍ଡତାକୁ ସୁଦୃଢ଼ ରଖିବାକୁ ଉପସ୍ଥିତ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ଡ. ସଂଘମିତ୍ରା ମିଶ୍ର, ଅଶୋକ ପଣ୍ଡା, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ସୁଲୋଚନା ଦାସ, ସୁଲତା ଦେଓ, ସୁଦାମ ମାର୍ଣ୍ଡି, ପ୍ରଦୀପ ଅମାତ୍, ସ୍ନେହାଙ୍ଗିନୀ ଛୁରିଆ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ମୁନ୍ନା ଖାନ୍, ପ୍ରଣବ ବଳବନ୍ତରାୟ, ମନ୍ମଥ ରାଉତରାୟ, ରାଜେନ୍ଦ୍ର ସାହୁ, ଭୃଗୁ ବକ୍ସିପାତ୍ର, ଶର୍ମିଷ୍ଠା ସେଠୀ, ବିଜୟ ନାୟକ, ଡ. ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ସୁମିତ୍ରା ଜେନା, ଗୀତା ବସ୍ତିଆ, ମିନତୀ ବେହେରା, ଦୁର୍ଗା ସାମନ୍ତରାୟ, ରମାରଞ୍ଜନ ବଳିୟାରସିଂହଙ୍କ ସହ ବହୁ ଯୁବ, ଛାତ୍ର, ମହିଳା ଏବଂ ଅନ୍ୟାନ୍ୟ ନେତୃବର୍ଗ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନାଳ ଖୋଲୁଥିବା ବେଳେ...

ଅପରାଧରୁ ମିଳିଥିବା ଧନ କି ନୁହେଁ, ତାହା ନେଇ ତଦନ୍ତ ଚାଲିଛି। ଭଣ୍ଡାରର ପ୍ରକୃତ ମାଲିକ କିଏ ଏବଂ ଏହା ଉପରେ କାହାର ଆଇନଗତ ଅଧିକାର ରହିବ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ଭଣ୍ଡାର ମିଳିଥିବାରୁ ଛାତ୍ରଙ୍କୁ ପୁରସ୍କାର ମିଳିବାର ଆଶା ମଧ୍ୟ ରହିଛି।

## ୧୩ ହଜାର ଫୁଟରେ...

ବୃଦ୍ଧି କରିଥିବା ଏହି ତିନି ଯୁବକଙ୍କ ସଫଳତା ସମଗ୍ର ଦେଶ ପାଇଁ ଏକ ଗର୍ବ ଓ ଗୌରବର ବିଷୟ ହୋଇପାରିଛି। ଏତେ ସଂଖ୍ୟକ ଡାଇଭର୍ ଗୋଟିଏ ବିମାନରୁ ଏକାଠି ବାହାରିବା ସାଧାରଣତଃ ଅତ୍ୟନ୍ତ ବିରଳ ଅଟେ। ବିଦେଶରେ ରହି ମଧ୍ୟ ଭାରତୀୟ ପତାକାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରିଥିବାରୁ ଏହି ତିନି ଜଣ ପ୍ରବାସୀ ଭାରତୀୟ ସମଗ୍ର ଦେଶର ପ୍ରଶଂସା ଭାଜନ ହୋଇଛନ୍ତି। ଏହି ସଫଳତା ଭାରତୀୟ ସ୍କାଏଡାଇଭିଂ ସମାଜ ପାଇଁ ଏକ ବଡ଼ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି।

## ଦୁଇ ଦିନ...

୧୮ ତାରିଖରେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଅଗଷ୍ଟ ଶେଷ ସପ୍ତାହରେ (ବିଶେଷ କରି ଅଗଷ୍ଟ ୨୫ ରୁ ୨୮ ମଧ୍ୟରେ) ବଙ୍ଗୋପସାଗରରେ ଆଉ ଏକ ନୂତନ ଘୂର୍ଣ୍ଣିବଳୟ/ ଲଘୁଚାପ ସୃଷ୍ଟି ହେବାର ପୂର୍ବାନୁମାନ କରାଯାଉଛି। ବର୍ତ୍ତମାନ ସକ୍ରିୟ ଥିବା ଲଘୁଚାପ (୧୫-୧୯ ଅଗଷ୍ଟ) ଆଭ୍ୟନ୍ତରୀଣ ଭାରତକୁ ଅତିକ୍ରମ କରିବା ପରେ ୨୦ ରୁ ୨୪ ଅଗଷ୍ଟ ମଧ୍ୟରେ ବାୟୁମଣ୍ଡଳୀୟ ସାମୟିକ ବିରାମ ରହିବ। ଏହାପରେ ମୌସୁମୀ ଟ୍ରଫ୍‌ର ପୂର୍ବ ଭାଗ ପୁନର୍ବାର ସକ୍ରିୟ ହୋଇ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଜଳୀୟବାଷ୍ପ ଓ ବାୟୁସଂଚାଳନକୁ ବୃଦ୍ଧି କରିବ। ବିଭିନ୍ନ ମଡେଲ୍‌ରୁ ଜଣାପଡୁଛି, ୨୪-୨୬ ଅଗଷ୍ଟ ମଧ୍ୟରେ କେନ୍ଦ୍ରୀୟ ଏବଂ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଏହା ପ୍ରଭାବରେ ୨୬-୨୮ ରେ ଏକ ଲଘୁଚାପ ସୃଷ୍ଟି ହେବ। ଏହି ସମ୍ଭାବ୍ୟ ନୂତନ ଲଘୁଚାପଟି ପଶ୍ଚିମ-ଦକ୍ଷିଣପଶ୍ଚିମ ଦିଗକୁ ଗତି କରିବାର ପ୍ରାରମ୍ଭିକ ସଙ୍କେତ ରହିଛି, ଯାହା ଉତ୍ତର-କେନ୍ଦ୍ରୀୟ ଓଡ଼ିଶା ଏବଂ ସଂଲଗ୍ନ ଉପକୂଳ ଅଞ୍ଚଳକୁ ମୁଖ୍ୟତଃ ପ୍ରଭାବିତ କରିପାରେ। ଏହା ପ୍ରଭାବରେ ୨୫ ରୁ ୨୯ ଅଗଷ୍ଟ ମଧ୍ୟରେ ରାଜ୍ୟରେ ପୁନର୍ବାର ବ୍ୟାପକ ବର୍ଷା ଆରମ୍ଭ ହେବ ବୋଲି ପ୍ରଫେସର ପଶୁପାଳକ ପୂର୍ବାନୁମାନ କରିଛନ୍ତି। ଅନ୍ୟପଟେ ବର୍ତ୍ତମାନର ନୂତନ ଲଘୁଚାପଟି ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଓଡ଼ିଶା ଦେଇ ଛତିଶଗଡ଼ ଆଡ଼କୁ ଗତି କରିବ। ଏହାର ପ୍ରଭାବରେ ୧୬ ରୁ ୧୯ ଅଗଷ୍ଟ ମଧ୍ୟରେ ଉପକୂଳ, କେନ୍ଦ୍ରୀୟ ଏବଂ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବ୍ୟାପକ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ପ୍ରକାଶ ଥାଉକି, ଜୁନ୍ ମାସ ୧ ତାରିଖରୁ ଅଗଷ୍ଟ ୧୬ ସୁଦ୍ଧା ରାଜ୍ୟରେ ହାରାହାରି ୭୫୯ ମି.ମି. ବର୍ଷା ରହିଥାଏ। କିନ୍ତୁ ଏହି ସମୟ ମଧ୍ୟରେ ଏ ବର୍ଷ ୯୫୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହାକି ସ୍ୱାଭିବକ ତୁଳନାରେ ୨୭ ପ୍ରତିଶତ ଅଧିକ ରହିଛି। ନବରଙ୍ଗପୁର, ଗଜପତି ଓ କଳାହାଣ୍ଡି ଜିଲ୍ଲାରେ ଅପେକ୍ଷାକୃତ କମ୍ ବର୍ଷା ହୋଇଛି। ଅନ୍ୟ ସମସ୍ତ ଜିଲ୍ଲାରେ ସ୍ୱାଭାବିକ ନଚେତ୍ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ଲଘୁଚାପ ବର୍ଷାକୁ ଦୃଷ୍ଟିରେ ଏହି ତିନି ଦିନ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ସବୁ ଜିଲ୍ଲାପାଳ ଓ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି ନଦୀରେ ଜଳସ୍ରୋତ ରହିଛି, ଲୋକମାନେ ନଦୀ ବନ୍ଧରେ ପାଣି ଦେଖିବା ପାଇଁ ଭିଡ଼ ଜମାଉଛନ୍ତି, ସେମାନେ ସେସବୁ ସ୍ଥାନରେ ଫଟୋ ବା ସେଲ୍ଫି ଆଦି ନେବାର ନଜରକୁ ଆସୁଛି। ସେଥିରୁ ନିବୃତ୍ତ ରହିବା ସହିତ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।

## ବିପଦ ସଙ୍କେତ...

ଦେଇ ବନ୍ୟାଜଳ ବାହାରି ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକ୍‌ର ଅଧିକାଂଶ ପଞ୍ଚାୟତରେ ରାସ୍ତାଘାଟ ଓ ଚାଷଜମିକୁ ଜଳମଗ୍ନ କରିଛି। ଏହାଦ୍ୱାରା ଅନେକ ଅଞ୍ଚଳରେ ଯାତାୟାତ ଓ ଚାଷବାସ ପ୍ରଭାବିତ ହୋଇଛି।

ସେହିପରି ସାଳନ୍ଦୀ ନଦୀ ଓ ଏହାର ଉପନଦୀ ନାଳିଆରେ ବନ୍ୟା ଯୋଗୁଁ ଭଦ୍ରକ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ମଧ୍ୟ ବନ୍ୟା ପରିସ୍ଥିତି ଉପୁଜିଛି। ଅନେକ ସ୍ଥାନରେ ରାସ୍ତାଘାଟ ଓ ଚାଷଜମିରେ ବନ୍ୟାଜଳ ପ୍ରବେଶ କରିଥିବା ଜଣାପଡ଼ିଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି କରାଯାଇଛି। ସେହିଭଳି ସାଳନ୍ଦୀ ଓ ଏହାର ଶାଖା ନଦୀ ବନ୍ୟା ପାଣି ଆସିବା ଫଳରେ ତିହିଡ଼ି ବ୍ଲକ୍‌ରେ ୩ୟ ବନ୍ୟା ଆସି ୭ ପଞ୍ଚାୟତ ପରିସ୍ଥିତି ଉଦ୍‌ବେଗଜନକ ହୋଇପଡ଼ିଛି। ବିଶେଷକରି ବାହ୍ୟଜଗତରୁ ଗୋବିନ୍ଦପୁର, ବାରସର ପଞ୍ଚାୟତ ଆଦି ବିଚ୍ଛିନ୍ନ ହୋଇଛି। ଅନୁରୂପଭାବେ ବନ୍ୟା ଯୋଗୁଁ ଚାନ୍ଦବାଲି ବ୍ଲକ୍‌ର ୪ ପଞ୍ଚାୟତ ଆରଡ଼ି, ନାନ୍ଦପୁର, ଓଳଗ ଓ ସୁନ୍ଦରପୁର ପଞ୍ଚାୟତ ଅଧୀନ ୨୪ଟି ଗାଁରେ ପୂର୍ବର ୨ଟି ବନ୍ୟା ପ୍ରଭାବ ହ୍ରାସ ପାଇ ନ ଥିବାବେଳେ ପୁଣି ୩ୟ ବନ୍ୟା ସ୍ଥିତି ଲୋକଙ୍କୁ ନାକେଦମ୍ କରିଛି। ବିଶେଷକରି ବନ୍ୟାବିପନ୍ନଙ୍କୁ ଅବିରତ ବର୍ଷା ଅଧିକ କଲବଲ କରୁଥିବା ପରିଲକ୍ଷିତ ହୋଇଛି।

ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଲଗାତାର ବର୍ଷା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ରବିବାର ଏକ ଜରୁରୀ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲ୍ଲାର ସମସ୍ତ ବିଭାଗ ଓ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀଙ୍କୁ ପୂର୍ବରୁ ମଞ୍ଜୁର ହୋଇଥିବା ସମସ୍ତ ପ୍ରକାର ଛୁଟି ତତ୍କାଳ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବାତିଲ୍ କରାଯାଇଛି। ନିର୍ଦ୍ଦେଶାନୁସାରେ, ଛୁଟିରେ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ତୁରନ୍ତ ନିଜ ଡ୍ୟୁଟିରେ ଯୋଗଦେଇ ନିଜ ନିଜ ମୁଖ୍ୟାଳୟରେ ଉପଲବ୍ଧ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନୁମତି ବିନା କୌଣସି ଅଧିକାରୀ କିମ୍ବା କର୍ମଚାରୀ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଜିଲ୍ଲାରେ ବର୍ତ୍ତମାନ ବନ୍ୟା ପରିସ୍ଥିତି ମଧ୍ୟରେ ଏହି ପଦକ୍ଷେପ ରିଲିଫ୍, ଉଦ୍ଧାର, ନିରୀକ୍ଷଣ ଓ ଜରୁରୀ ସେବାକୁ ଅବିରତ ରଖିବା ଉଦ୍ଦେଶ୍ୟରେ ନିଆଯାଇଛି। ରାଜ୍ୟରେ ପୁଣି ଲଘୁଚାପ ଯୋଗୁଁ ଭାରି ବର୍ଷାର ଚେତାବନୀ ଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ବଢ଼ାଯାଇଛି। ସେହିଭଳି ମତ୍ସ୍ୟଜୀବୀଙ୍କ ପାଇଁ ସତର୍କତା ସୂଚନା ଜାରି କରାଯାଇଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଝଟକା ପବନ ସହିତ ଅଶାନ୍ତ ପାଗ ରହିବାର ଆଶଙ୍କା ରହିଛି। ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ଏବଂ ଝଟକା ସହ ୬୦ କି.ମି. ପର୍ଯ୍ୟନ୍ତ ପହଞ୍ଚିପାରେ। ଏହି ସମୟରେ ସମୁଦ୍ର ଅଶାନ୍ତରୁ ଅତ୍ୟନ୍ତ ଅଶାନ୍ତ ରହିବାର ସମ୍ଭାବନା ରହିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ସମେତ ଓଡ଼ିଶା ଉପକୂଳରେ ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ସମୁଦ୍ରରେ ଥିବା ମତ୍ସ୍ୟଜୀବୀମାନେ ତୁରନ୍ତ ଉପକୂଳକୁ ଫେରିଆସିବାକୁ କୁହାଯାଇଛି।

## ପୂର୍ବତନ ମନ୍ତ୍ରୀଙ୍କ...

ପୁଲିସ ସୂତ୍ରରୁ ପ୍ରକାଶ ଯେ ଆଶିଷ ବାନାର୍ଜୀଙ୍କ ଝୁଲନ୍ତା ମୃତଦେହ ଆଜି ସକାଳେ ବୀରଭୂମ ଜିଲ୍ଲା ସ୍ଥିତ ଦଳୀୟ କାର୍ଯ୍ୟାଳୟରୁ ଉଦ୍ଧାର କରାଯାଇଛି। ତାଙ୍କ ମୃତଦେହ ନିକଟରୁ ଏକ ଚିଠି ଜବତ ହୋଇଛି, ଯେଉଁଥିରେ ସେ ନିଜକୁ ନିର୍ଦ୍ଦୋଷ ଏବଂ ଦୁର୍ନୀତିମୁକ୍ତ ବୋଲି କହିଛନ୍ତି। ସେ ୨୦୦୧ ରୁ ୨୦୨୬ ପର୍ଯ୍ୟନ୍ତ କ୍ରମାଗତ ୨୫ ବର୍ଷ ଧରି ରାମପୁରହାଟରୁ ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେବେ ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ସେ ଭାରତୀୟ ଜନତା ପାର୍ଟିର ଧ୍ରୁବ ସାହାଙ୍କଠାରୁ ପରାଜିତ ହୋଇଥିଲେ। ଆତ୍ମହତ୍ୟାର ମାତ୍ର ଗୋଟିଏ ଦିନ ପୂର୍ବରୁ ଗତକାଲି ସେ ସ୍ଥାନୀୟ ସ୍ୱାଧୀନତା ଦିବସ ସମାରୋହରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ମୃତଦେହ ନିକଟରୁ ମିଳିଥିବା ହାତଲେଖା ଚିଠିରେ ସେ ଲେଖିଛନ୍ତି ଯେ, ନିଜର ଦୀର୍ଘ ରାଜନୈତିକ ଜୀବନ ମଧ୍ୟରେ ସେ କୌଣସି ପ୍ରକାର ଦୁର୍ନୀତି ସହ ଜଡ଼ିତ ନଥିଲେ। ତାରାପୀଠ ରାମପୁରହାଟ ଉନ୍ନୟନ ପ୍ରାଧିକରଣର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବା ସମୟରେ ଟେଣ୍ଡର, ଚେକ୍ ପ୍ରଦାନ କିମ୍ବା ନକ୍ସା ମଞ୍ଜୁରୀ ଭଳି କୌଣସି ନିଷ୍ପତ୍ତିରେ ତାଙ୍କର ଭୂମିକା ନଥିଲା। ତାଙ୍କ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବାକୁ ଅପଚେଷ୍ଟା କରାଯାଉଛି। ରାଜନୀତିରେ ପ୍ରବେଶ କରିବା ତାଙ୍କର ବଡ଼ ଭୁଲ ଥିଲା। ରାଜନୀତିରେ ନ ଯୋଗଦେବା ଲାଗି ସେ ତାଙ୍କ ପରିବାରକୁ ପରାମର୍ଶ ଦେଇଛନ୍ତି।

ଆଶିଷଙ୍କ ଆତ୍ମହତ୍ୟା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ମମତା ବାନାର୍ଜୀ। ସେ କହିଛନ୍ତି, ଆଶିଷ ଜଣେ ସଚ୍ଚୋଟ ନେତା ଥିଲେ। କିନ୍ତୁ ବିଭିନ୍ନ ମିଥ୍ୟା ମାମଲାରେ ଫସାଇ ତାଙ୍କୁ ହଇରାଣ କରାଯାଉଥିଲା। ରାଜନୈତିକ ଶତ୍ରୁତା ପାଇଁ ଜଣେ ମଣିଷ ପ୍ରତି ଏପରି ଅମାନବୀୟ ଅତ୍ୟାଚାର କରାଯିବା ଠିକ୍ ନୁହେଁ। ତେବେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ଆଶିଷଙ୍କ ବିରୋଧରେ କୌଣସି ପୁଲିସ ମାମଲା ନଥିଲା କି ତାଙ୍କ ଉପରେ କୌଣସି ଚାପ ନଥିଲା।

## ସୁଅ ମୁହଁରେ...

ପଠାଇଛନ୍ତି। ବାଲେଶ୍ୱର ଜିଲ୍ଲାକୁ ଆଇଏଏସ୍ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଯାଜପୁର ଜିଲ୍ଲାକୁ ପି ଅନ୍ୱେଷା ରେଡ୍ଡୀଙ୍କ ସମେତ ଭଦ୍ରକ ଜିଲ୍ଲାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲଙ୍କୁ ଜିଲ୍ଲାପାଳମାନଙ୍କୁ ବନ୍ୟା ପରିଚାଳନାରେ ସହାୟତା ଓ ପରାମର୍ଶ ନେଇ ନିର୍ଦ୍ଦେଶ ଦିଆଯାଇଛି।

ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସୂଚନା ଅନୁସାରେ ଆଗାମୀ ୪୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ବୈତରଣୀ, ବୁଢ଼ାବଳଙ୍ଗ, ଲୋୟର ବ୍ରାହ୍ମଣୀ ଓ ସୁବର୍ଣ୍ଣରେଖା ଅବବାହିକାରେ ୨୬ରୁ ୩୭ ମିମି ବର୍ଷାର ଅନୁମାନ ରହିଛି। ଲୋୟର ମହାନଦୀ ଅବବାହିକାରେ ମଧ୍ୟ ଏହି ଦୁଇ ଦିନ ୧୧ରୁ ୨୫ ମିମି ବର୍ଷା ପୂର୍ବାନୁମାନ ରହିଛି। ତେଣୁ ବର୍ଷା କେତେ ହେବ, ଉପରମୁଣ୍ଡର ବର୍ଷା ଓ ଜଳଭଣ୍ଡାରରୁ ଆସୁଥିବା ପାଣି ମିଶି ତଳମୁଣ୍ଡରେ ଜଳସ୍ତର କେତେ ବଢ଼ାଇବ ତାହା ଉପରେ ନଜର ରହିଛି। ବୈତରଣୀର ଆଖୁଆପଦା ଓ ଜଳକାର ମାଥାନିରେ ବିପଦ ସଙ୍କେତ ଅତିକ୍ରମ କରିଥିବାରୁ ତଳମୁଣ୍ଡର ଅଞ୍ଚଳଗୁଡ଼ିକୁ ଏବେ ସତର୍କ ରହିବାକୁ ହେବ। ତେଣୁ ଆଗାମୀ ୨୪ରୁ ୪୮ ଘଣ୍ଟା ଓଡ଼ିଶାର ନଦୀ ଅବବାହିକା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ରବିବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତିର ସମୀକ୍ଷା କରିଥିବା ଏସ୍ଆରସିଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି। ଏବେ ସୁଦ୍ଧା ଏହି ଜିଲ୍ଲାର ୪୯ ଟି ବ୍ଲକ, ୩୩୧ ଗ୍ରାମ ପଞ୍ଚାୟତ, ୯୪୭ ଟି ଗ୍ରାମ, ୫ଟି ସହରାଞ୍ଚଳରେ ବସବାସ କରୁଥିବା ୫ ଲକ୍ଷ ୧୫ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ୨ ଲକ୍ଷ ୩୭ ହଜାର ଲୋକଙ୍କୁ ନିରାପଦ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ବହୁ ଗାଁରେ ପାଣି ପଶିଥିବାରୁ ପ୍ରାୟ ୭୫ ହଜାର ବିଜୁଳି ଉପଭୋକ୍ତାଙ୍କୁ ବିଜୁଳି ସରବରାହ ବନ୍ଦ କରାଯାଇଥିବା ସୂଚନା ମିଳିଛି। ନଦୀବନ୍ଧ ଗୁଡ଼ିକୁ ଦିନରାତି ନିରିକ୍ଷଣ କରାଯାଉଛଥିବା ବେଳେ ଯେଉଁଠି ଘାଇ ସୃଷ୍ଟି ହେବାର ଆଶଙ୍କା ରହିଛି, ସେସବୁ ସ୍ଥାନକୁ ସତର୍କ ଦୃଷ୍ଟି ରଖାଯାଇଥିବା, ବାଲିବସ୍ତା ଦ୍ୱାରା ବନ୍ୟା ନିୟନ୍ତ୍ରଣ କରାଯିବା ନେଇ ପଦକ୍ଷେପ ନିଆଯାଉଛି। ଅନ୍ୟପଟେ ଜଳ ସମ୍ପଦ ବିଭାଗ ତରଫରୁ ବାଲେଶ୍ୱରରେ ଜଣେ ଅତିରିକ୍ତ ସର୍ବୋଚ୍ଚ ଯନ୍ତ୍ରୀ ନିୟୋଜନ କରାଯାଇଛି। ସେହିପରି ଅନ୍ୟ ପ୍ରଭାବିତ ଜିଲ୍ଲାକୁ ବିଭାଗର ଜଣେ ଜଣେ ବରିଷ୍ଠ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଠାଯାଇଥିବା ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳକୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିବା ବେଳେ ସଂପୃକ୍ତ ଜିଲ୍ଲାରେ ପରିସ୍ଥିତି ନ ସୁଧୁରିବା ପର୍ଯ୍ୟନ୍ତ ଅଧିକାରୀମାନଙ୍କ ଛୁଟିକୁ ବାତିଲ କରାଯାଇଥିବା ସୂଚନା ମିଳିଛି।

## ୧୦୦ ମିଟର ଧସିଲା...

ରାସ୍ତାରେ ଯାତାୟାତକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନ ଯାନବାହନକୁ ରାସ୍ତାର ଅନ୍ୟ ପାଶ୍ୱର୍ ଦେଇ ଚଳାଚଳ କରାଯାଉଥିବା ଜଣାପଡ଼ିଛି। ଯଜାତି କେଶରୀ ସ୍ୱାଇଁ, ରବୀନ୍ଦ୍ର ପ୍ରଧାନ ଓ ମନୋରଞ୍ଜନ ମହାପାତ୍ରଙ୍କ ମାଲିକାନାରେ ଥିବା ତିନୋଟି ଟ୍ରକ୍ ଏହି ଘଟଣାରେ ଧସିଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଏହି ୮୦୦ କୋଟିର ପ୍ରକଳ୍ପ ଏମିତି ଭୁଶୁଡ଼ି ପଡ଼ିବାକୁ ନେଇ ନାନା ପ୍ରଶ୍ନ ଉଙ୍କିମାରିଛି। ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ୫୩କୁ ୮ ଲେନ୍ ବିଶିଷ୍ଟ ରାଜପଥରେ ସମ୍ପ୍ରସାରଣ କରାଯାଉଛି। ପ୍ରାୟ ୮୦୦ କୋଟି ଟଙ୍କାର ଏହି ପ୍ରକଳ୍ପରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ରାସ୍ତାର ଏଭଳି ଧସିବା ଘଟଣା ନିର୍ମାଣର ଗୁଣବତ୍ତାକୁ ନେଇ ବଡ଼ ପ୍ରଶ୍ନ ଠିଆ କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି, ରାସ୍ତାକଡ଼ରେ ମାଟି ଭର୍ତ୍ତି ଓ ସଂଘନୀକରଣ ଠିକ୍ ଭାବେ ହୋଇନଥିବାରୁ ବର୍ଷାଜଳର ପ୍ରଭାବରେ ମାଟି ଧସିଥାଇପାରେ। ରାସ୍ତା ନିର୍ମାଣରେ ପାଉଁଶ, ଜିପସମ୍ ଆଦି ସାମଗ୍ରୀ ବ୍ୟବହାର ନେଇ ମଧ୍ୟ କେତେକ ଅଭିଯୋଗ ଉଠିଛି। ତେବେ ଏହି ଅଭିଯୋଗଗୁଡ଼ିକର ସତ୍ୟତା ବିଧିବଦ୍ଧ ଯାଞ୍ଚ ପରେ ହିଁ ସ୍ପଷ୍ଟ ହୋଇପାରିବ। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ, ଧସିଥିବା ଅଂଶରେ ପ୍ରାୟ ଏକ ମାସ ପୂର୍ବରୁ ପିଚୁ କାମ ହୋଇଥିଲା। ନୂଆ ପିଚୁ ରାସ୍ତାର ପାଖ ଅଂଶ ମଧ୍ୟ ଧସିଯିବା ପରେ ନିର୍ମାଣର ଗୁଣବତ୍ତା ଓ ରାସ୍ତାର ଭିତ୍ତି କାମକୁ ନେଇ ସନ୍ଦେହ ଅଧିକ ଘନୀଭୂତ ହୋଇଛି। ଅନ୍ୟପକ୍ଷରେ, ଲଗାଣ ବର୍ଷା ହିଁ ରାସ୍ତା ଧସିବାର ପ୍ରମୁଖ କାରଣ ବୋଲି ଟ୍ରକ୍ ମାଲିକମାନେ କହିଛନ୍ତି। ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ରାସ୍ତା ନିର୍ମାଣ କରୁଥିବା ଏଆର୍‌ଏସ୍‌ଏସ୍ ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ଲୋକେ ଅଟକ ରଖି ପ୍ରତିବାଦ କରିଥିବା ଜଣାପଡ଼ିଛି। ନିର୍ମାଣ କାମର ଗୁଣବତ୍ତା ଯାଞ୍ଚ, ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ଧସିଥିବା ରାସ୍ତାକୁ ବୈଜ୍ଞାନିକ ଭାବେ ପୁନଃନିର୍ମାଣ କରିବାକୁ ଦାବି ହୋଇଛି। ରାସ୍ତା ଧସିବା ପଛରେ ପ୍ରକୃତ କାରଣ କ'ଣ ତାର ତଦନ୍ତ କରିବାକୁ ଦାବି ହୋଇଛି।

## ଓଡ଼ିଶାରୁ ହଜିଯିବ...

ଓଡ଼ିଶା ପ୍ରାକୃତିକ ଖଣିଜ ସମ୍ପଦରେ ଭରପୂର। ଲୁହାପଥର, ବକ୍ସାଇଟ୍, କୋଇଲା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଖଣିଜ ରାଜ୍ୟର ଅର୍ଥନୀତିକୁ ସମୃଦ୍ଧ କରୁଥିବା କୁହାଯାଉଥିଲେ ମଧ୍ୟ ରାଜ୍ୟବାସୀ ଏଥିପାଇଁ ବହୁମୂଲ୍ୟ ଦେଉଛନ୍ତି। ଖଣି ପ୍ରକଳ୍ପଠାରୁ ଆରମ୍ଭ କରି ବୃହତ ଶିଳ୍ପ, ଖଣି ଆଦି ପାଇଁ ପାଇଁ ଦିନକୁ ଦିନ ଜଙ୍ଗଲ ଜମିର ଚାହିଦା ବଢ଼ିବାରେ ଲାଗିଛି। ଏହାର ସିଧାସଳଖ ପରିଣାମ ସ୍ୱରୂପ ରାଜ୍ୟର ସବୁଜ ଆଚ୍ଛାଦନ କମିବାରେ ଲାଗିଛି ଏବଂ ପରିବେଶୀୟ ସନ୍ତୁଳନ ସମ୍ପୂର୍ଣ୍ଣ ଭାବେ ବିଗିଡ଼ିବାରେ ଲାଗିଛି।

୧୦ ହଜାରରୁ ଅଧିକ ହେକ୍ଟର ଜଙ୍ଗଲ ଜମି ନଷ୍ଟ ହେବା ଅର୍ଥ କେବଳ ଲକ୍ଷଲକ୍ଷ ଗଛ କଟାରେ ସୀମିତ ନାହିଁ; ଜଙ୍ଗଲ ଧ୍ୱଂସ ଯୋଗୁଁ ଜୀବଜନ୍ତୁ, ପକ୍ଷୀ, ଜଳସ୍ରୋତ ଓ ଜଳଉତ୍ସ, ମାଟିର ଉର୍ବରତା ଏବଂ ଜୈବ ବିବିଧତା ମଧ୍ୟ ପ୍ରଭାବିତ ହେବ। ବିଶେଷକରି ଜଙ୍ଗଲ ଉପରେ ପ୍ରତ୍ୟକ୍ଷ ଭାବେ ନିର୍ଭରଶୀଳ ଥିବା ରାଜ୍ୟର ଆଦିବାସୀ ଓ ଗ୍ରାମୀଣ ସମୁଦାୟ ପାଇଁ ଜଙ୍ଗଲ କେବଳ କାଠ ବା ଗଛର ସମୂହ ନୁହେଁ; ବରଂ ଏହା ସେମାନଙ୍କର ସାଂସ୍କୃତିକ ପରିଚୟ ଏବଂ ଜୀବନଜୀବିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସାରା ବିଶ୍ୱ ଯେତେବେଳେ ଜଳବାୟୁ ପରିବର୍ତ୍ତନ, ବର୍ଦ୍ଧିତ ତାପମାତ୍ରା, ଭୟଙ୍କର ଜଳସଙ୍କଟ ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ଗଭୀର ଚିନ୍ତିତ, ସେତେବେଳେ ଓଡ଼ିଶାରେ ବିପୁଳ ପରିମାଣର ଜଙ୍ଗଲ ଓ ଜଙ୍ଗଲ ଜମି ଲିଜ୍ ପରିବେଶ ବିଜ୍ଞାନୀମାନଙ୍କୁ ଚିନ୍ତାରେ ପକାଇଛି। ଏହିପରି ଭାବରେ ବିକାଶର ନାଁରେ ଯଦି ଜଙ୍ଗଲ ଉଜାଡ଼ିବା ଅବ୍ୟାହତ ରହେ, ତେବେ ଆଗାମୀ ପିଢ଼ି ପାଇଁ ଓଡ଼ିଶାରେ କେବଳ ଧୂଳିଝଡ଼, ଟାଙ୍ଗରା ମାଟି ଏବଂ ପ୍ରଦୂଷିତ ପରିବେଶ ବ୍ୟତୀତ ଆଉ କିଛି ରହି ନ ଥିବ ବୋଲି ପରିବେଶ ବିଜ୍ଞାନୀମାନେ ସତର୍କ କରାଇ ଦେଇଛନ୍ତି।


**ପଶ୍ଚିମ ରେଳବାଇ — ରତଲାମ ମଣ୍ଡଳ**

ସଂଖ୍ୟା : W/623/NIT/1 **ଇ-ଟେଣ୍ଡରିଂ ବିଜ୍ଞପ୍ତି** ତାରିଖ: ୧୩.୦୮.୨୦୨୬

ମଣ୍ଡଳ ରେଳ ପ୍ରବନ୍ଧକ/ମଣ୍ଡଳ କାର୍ଯ୍ୟାଳୟ (କାର୍ଯ୍ୟଲେଖା ଶାଖା), ପଶ୍ଚିମ ରେଳବାଇ ପକ୍ଷରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ "ଖୋଲା ଟେଣ୍ଡର" ଇ-ଟେଣ୍ଡର ମାଧ୍ୟମରେ ୱେବସାଇଟ୍ www.ireps.gov.in ରେ ଆମନ୍ତ୍ରଣ କରାଯାଉଛି। ବିବରଣୀ ଏହିପରି–

କ୍ରମିକ ନଂ.: ୧, ଇ-ଟେଣ୍ଡର ନଂ.: RTM-2026-27-80, କାର୍ଯ୍ୟର ନାମ: ୧. Palia–ହାଇ ଲେଭଲ୍ ପ୍ଲାଟଫର୍ମ ସହିତ ୩.୬୫ ମିଟର ଚଉଡ଼ା FOB ନିର୍ମାଣ। ୨. Ajod–HL ପ୍ଲାଟଫର୍ମ ସହିତ ୩.୬୫ ମିଟର ଚଉଡ଼ା କଭର୍ଡ FOB ନିର୍ମାଣ ଏବଂ ୩. Gautampura–HL ପ୍ଲାଟଫର୍ମ ସହିତ ୩.୬୫ ମିଟର ଚଉଡ଼ା କଭର୍ଡ FOB ନିର୍ମାଣ। ଆନୁମାନିକ ମୂଲ୍ୟ: ଟ. ୧୦,୦୩,୧୬,୦୧୭.୦୮, ବଯ୍ନା ରାଶି: ଟ. ୨୦,୦୬,୩୦୦/-, ଟେଣ୍ଡର ଦସ୍ତାବିଜର ମୂଲ୍ୟ: Nil, କାର୍ଯ୍ୟ ସମାପ୍ତି ଅବଧି: ୧୫ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୨.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୩.୦୯.୨୦୨୬।

କ୍ରମିକ ନଂ.: ୨, ଇ-ଟେଣ୍ଡର ନଂ.: RTM-2026-27-81, କାର୍ଯ୍ୟର ନାମ: Chanderiya-Ratlam Section – Mandsaur-Dalauda ଷ୍ଟେସନ ମଧ୍ୟରେ LC ନଂ. ୧୫୪ (କି.ମି. ୨୧୬/୧୩-୧୫) ବଦଳରେ ସବୱେ (RUB) ନିର୍ମାଣ। ଆନୁମାନିକ ମୂଲ୍ୟ: ଟ. ୧୧,୯୨,୨୪,୦୮୨.୯୬, ବଯ୍ନା ରାଶି: ଟ. ୨୩,୮୪,୫୦୦/-, ଟେଣ୍ଡର ଦସ୍ତାବିଜର ମୂଲ୍ୟ: Nil, କାର୍ଯ୍ୟ ସମାପ୍ତି ଅବଧି: ୧୫ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୨.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୮.୦୯.୨୦୨୬।

କ୍ରମିକ ନଂ.: ୩, ଇ-ଟେଣ୍ଡର ନଂ.: RTM-2026-27-82, କାର୍ଯ୍ୟର ନାମ: ରତଲାମ ଡିଭିଜନ – ବିଭିନ୍ନ ସ୍ଥାନରେ ହାଇୱେ/ରାସ୍ତା ଉପରେ ଥିବା ROB ଗୁଡ଼ିକର ଆପ୍ରୋଚ୍‌ରେ ସୁରକ୍ଷା ଫେନ୍ସିଂ ୱାଲ୍/କ୍ରାଶ୍ ବ୍ୟାରିଅର୍ ବ୍ୟବସ୍ଥା କରିବା। ଆନୁମାନିକ ମୂଲ୍ୟ: ଟ. ୬,୫୩,୫୫,୭୨୪.୫୪, ବଯ୍ନା ରାଶି: ଟ. ୧୩,୦୭,୧୦୦/-, ଟେଣ୍ଡର ଦସ୍ତାବିଜର ମୂଲ୍ୟ: Nil, କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୨.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୧୧.୦୯.୨୦୨୬। କ୍ରମିକ ନଂ.: ୪, ଇ-ଟେଣ୍ଡର ନଂ.: RTM-2026-27-83, କାର୍ଯ୍ୟର ନାମ: ରତଲାମ ଡିଭିଜନ – ୧୦,୦୦୦ରୁ ଅଧିକ TVU ଥିବା LC ଗେଟ୍‌ଗୁଡ଼ିକର ଇଣ୍ଟରଲିଂ ସମ୍ବନ୍ଧରେ ରିଲେ ହଟ୍‌ର ବ୍ୟବସ୍ଥା (୩ଟି LC), ବିଦ୍ୟୁତ କାର୍ଯ୍ୟ ସମେତ। ଆନୁମାନିକ ମୂଲ୍ୟ: ଟ. ୬୯,୨୬,୯୮୯.୫୦, ବଯ୍ନା ରାଶି: ଟ. ୧,୩୮,୫୦୦/-, ଟେଣ୍ଡର ଦସ୍ତାବିଜର ମୂଲ୍ୟ: Nil, କାର୍ଯ୍ୟ ସମାପ୍ତି ଅବଧି: ୦୬ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୨.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୩.୦୯.୨୦୨୬। ବିସ୍ତୃତ ଟେଣ୍ଡର ସୂଚନା, ଯୋଗ୍ୟତା ମାନଦଣ୍ଡ ଏବଂ ଅନ୍ୟାନ୍ୟ ସର୍ତ୍ତାବଳୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ। AK/5/1/205

Like us on: facebook.com/WesternRly | Follow us on: X.com/WesternRly



**OFFICE OF THE PRINCIPAL**
**PANCHAYAT HIGHER SECONDARY SCHOOL, PHIRINGIA**
KANDHAMAL, ODISHA, 762011
Mail-pjcpprincipal@gmail.com

**WALK -IN – INTERVIEW**

FOR ENGAGEMENT OF GUEST/CONTRACTUAL LECTURERS & OFFICE STAFFS

A walk in interview for engagement and empanelment of guest/contractual faculties and Office Staffs (Non-teaching) for Higher Secondary Classes (+2) of Panchayat Higher Secondary School, Phiringia, Kandhamal will be held on **Date. 31.08.26** in the premises of Panchayat Higher Secondary School, Phiringia for the session 2026-27 or till the vacancies are filled up whichever is earlier as detailed below.

| Sl.No | Date | Reporting Time | Post | Minimum Qualification |
|---|---|---|---|---|
| 1 | 31.08.26 | 11.00 A.M | Lecturer In Education, | 55% of Marks in PG (Education) degree or 50% with B. Ed |
| 2 | 31.08.26 | 11.00 Noon | Lecturer in Odia | 55% of Marks in PG degree |
| 3 | 31.08.26 | 12.00 Noon | Jr. Clerk | Any Bachelors Degree |
| 4 | 31.08.26 | 12.00 Noon | Peon | Any Bachelors Degree |

Interested Candidates may attend the interview in between **11.00 AM to 2.00 PM** with their complete Bio-data, all original certificates and Xerox copies of their qualifications from Matriculation onwards, two passport size photo copies, Experience certificate and an identity proof on the scheduled date.

No TA/DA is admissible for attending the interview. The appointments are purely temporary and the remuneration for the said posts will be consolidated. The Principal reserves all the rights to cancel part or whole of the walk in interview at any moment without assigning any reason there off.

Principal
PRINCIPAL
Panchayat Higher Secondary School
Phiringia, Kandhamal, Odisha, 762011



**NOTICE**

By virtue of an affidavit sworn before Notary Public, Champua, dated 29.05.2026, I, **MIHIR SEN GHANA**, Address At/Po- Haladia, Via- Sukruli, P.S.- Raruan, District- Mayurbhanj, Odisha, PIN- 757039, declare that I have changed the name of my son from **KALPESH KUMAR GHANA** to **KARUNYA KALPESH GHANA.** Henceforth, he shall be known as **KARUNYA KALPESH GHANA** for all purposes.

**(MIHIR SEN GHANA)**

**LOST**

I, **Niharika Purohit,** W/o- Kalpeswar Purohit, resident at- Gayatree Mandir Lane, Mahaveer Pada, Bhawanipatana, Dist Kalahandi, Odisha - 756100, I do hereby declare that, I have lost original land Patta vide **Thana No. 165, Khatian No-171/1901** and **Khata No- 171/2699**, in favour of **Diptimayee Panda,** W/o- Late Subhendu Kumar Panda on dated - **05.08.2026 at 11 am.** That time I was going to revenue office Bhawanipatna. If anyone finds this documents, kindly contact **Niharika Purohit, Mob. No- 8249226769.**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar Affidavit C.F.No. 73 on dated 14/08/2026, I **BHANU PRADHAN**, W/o Bhaba Pradhan resident of At./Po- Damasahi, P.S: Sarankul, Dist: Nayagarh, Odisha, PIN: 752092, declare that I have changed my name from **KUNI PRADHAN (Old Name)** to **BHANU PRADHAN (New Name)**. Henceforth, I shall be known as **BHANU PRADHAN** for all purposes.

Sd- **BHANU PRADHAN**

**AFFIDAVIT**

I, Sk Sajid Ali, age 43 years, S/o- Sk Yakub Ali, Vill- Maheswarpur, Po/ps - Barhambarda, Dist- Jajpur, Odisha, declared this affidavit No-2686, dtd - 14/8/2026 now onwards I shall be known as **Sk Sajid Ali** for all future purposes

**AFFIDAVIT**
**Change of Name (Minor)**

By virtue of an affidavit before the Executive Magistrate, Keonjhar, **Dated. 12/08/2026**, I, Tutu Naik, At-Satasinga, Baniapat, P.O.-Keonjhar, Pin-758001, Dist.-Keonjhar, do hereby declare that I have changed the name of my minor daughter from Kirtika Naik to **Kritika Naik.** Henceforth, she shall be known as **Kritika Naik** for all future purposes.

**Sd/- Tutu Naik**

**AFFIDAVIT**

By Virtue of an affidavit before the Executive Magistrate, Tentulikhunti, Dtd. 31.07.2026, **No.251**, I, **KALABATI JHADIA,** W/o **JAYARAM JHADIA,** Village-Murka, P.O.-Padepadar, P.S.-Thuamul Rampur, Dist.-Kalahandi, do hereby declare that I have changed my minor sons name from **GOPINATH JHADIA** to **KISPAR JHADIA.** Henceforth, he shall be known as **KISPAR JHADIA** for all purposes.

**Sd/- KALABATI JHADIA**

**AFFIDAVIT**

By virtue of an affidavit before the Executive Magistrate, Tentulikhunti, Dist: Nabarangpur, dtd. 14.08.2026, **No.274,** I, **KUNI JANI,** Vill-Khandiaguda, Post-Tentulikhunti, Dist-Nabarangpur-764070, do hereby declare that I have changed the name my minor daughter's name from **CHUMKI JANI** to **CHUMUKI JANI.** Henceforth, she shall be known as **CHUMUKI JANI**

**Sd/- Kuni Jani**

# ବିଭିନ୍ନ ସ୍ଥାନରେ ୮୦ତମ ସ୍ୱାଧୀନତା ଦିବସ



**ବାଲେଶ୍ୱର,୧୬।୮(ସମିସ):** ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆଠାରେ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲ୍ଲାପାଳ ଶିବ ମାଳବ୍ୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରବୋଧ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଭୋର ୪ଟାରେ ସହର ସାରା ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ କରାଯାଇଥିଲା। ପରେ ପରେଡ୍, ପ୍ରଜ୍ଞାନ ମେଢ଼, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୋଟ ୫୫ଟି କଣ୍ଟିଜେଣ୍ଟ ପରେଡ୍‌ରେ ଭାଗ ନେଇଥିଲେ। ଏହାସହ ୮ଟି ପ୍ରଜ୍ଞାନ ମେଢ଼ ଓ ମହାବୀର ଆଖଡ଼ା ସଂଘ ସମେତ ମୋଟ ୫ଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରତିଭାସମ୍ପନ୍ନ ବ୍ୟକ୍ତିମାନଙ୍କୁ ମାନପତ୍ର ପ୍ରଦାନ ସହ ପରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଜୟୀ ଦଳଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ମନ୍ତ୍ରୀ ଶ୍ରୀ ବଳ ସାମନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ ଶିବିର ପରିଦର୍ଶନ କରିବା ସହ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ପରେ ବାଲେଶ୍ୱର ଜେଲରେ ଥିବା ବନ୍ଦୀମାନଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ଅପରାହ୍ନରେ ଜିଲ୍ଲା ପ୍ରଶାସନ ଓ ସାମ୍ବାଦିକଙ୍କ ମଧ୍ୟରେ ବନ୍ଧୁତାପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଗାନ୍ଧୀସ୍ମୃତି ଭବନରେ ସାଂସ୍କୃତିକ ସନ୍ଧ୍ୟା ଆୟୋଜିତ ହୋଇ ଚିତ୍ରାଙ୍କନ, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସକାଳେ ଜିଲ୍ଲାପାଳଙ୍କ ଆବାସ କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସାମ୍ବାଦିକ ପ୍ରକୋଷ୍ଠ ଓ ଅଫିସର କ୍ଲବରେ ଜିଲ୍ଲାପାଳ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ପ୍ରିନ୍ସ ପବ୍ଲିକ ସ୍କୁଲର ସଫଳତା



ବାଲେଶ୍ୱର ପୁଲିସ ଲାଇନ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ପ୍ରିନ୍ସ ପବ୍ଲିକ ସ୍କୁଲ, ବାଲେଶ୍ୱରର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ପରେଡ୍ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ସହ ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପଛରେ ପ୍ରିନ୍ସ ପବ୍ଲିକ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ନିଷ୍ଠାପୂର୍ଣ୍ଣ ତାଲିମ, ସଠିକ୍ ମାର୍ଗଦର୍ଶନ ଏବଂ ଛାତ୍ରଛାତ୍ରୀଙ୍କ କଠୋର ପରିଶ୍ରମ ରହିଛି ବୋଲି ସ୍କୁଲ ପକ୍ଷରୁ କୁହାଯାଇଛି। ଏହି ଅବସରରେ ରାଜ୍ୟ ଶିକ୍ଷା ବିଭାଗ ମନ୍ତ୍ରୀ, ବାଲେଶ୍ୱର ଜିଲ୍ଲାପାଳ ତଥା ଉପସ୍ଥିତ ବିଶିଷ୍ଟ ଅତିଥିମାନେ ସଫଳ ପ୍ରତିଯୋଗୀମାନଙ୍କୁ ଫଳକ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

**ଜଳେଶ୍ୱର :** ଜଳେଶ୍ୱରର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ, ସେଚ୍ଛାସେବୀ ସଂଗଠନର କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ଲକ୍ଷ୍ମଣନାଥ ରୋଡ୍‌ସ୍ଥିତ ନୂତନ କୋର୍ଟ ପଡ଼ିଆଠାରେ ବାର୍ ଆସୋସିଏସନ୍ ସଭାପତି କୁଞ୍ଜ ବିହାରୀ ଦାସଙ୍କ ସଭାପତିତ୍ୱରେ ସ୍ୱାଧୀନତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର କୋର୍ଟର ଏଡିଜେ ମାନ୍ୟବର ଅଜୟ କୁମାର ପ୍ରଧାନ ଉତ୍ତୋଳନ କରିଥିବାବେଳେ ସିଭିଲ ଜଜ ସିନିୟର ଡିଭିଜନ ଲୋପାମୁଦ୍ରା ପଣ୍ଡା, ବିଚାରପତି ଦେବଶ୍ରୀ ଦାସ, ସସ୍ମିତା ରଥ, ବରିଷ୍ଠ ଆଇନଜୀବୀ ଅନୀଲ କୁମାର ପରିଡା, ଆଇନଜୀବୀ ଚିନ୍ମୟ ଦାସ, ସତ୍ୟସୁନ୍ଦର ଦାସ, ସମ୍ପାଦକ ରାଜେଶ ପାତ୍ର ତଥା ସମସ୍ତ ଆଇନଜୀବି ଉପସ୍ଥିତ ଥିଲେ। ସେହିପରି ଜଳେଶ୍ୱର ଥାନାରେ ଆଇଆଇସି ଅଶୋକ କୁମାର ବାରିକ ଥାନା ପରିସରରେ ପତାକା ଉତ୍ତୋଳନ କରିଥିବା ବେଳେ ଜଳେଶ୍ୱର ବଣିକ ସଂଘ ପକ୍ଷରୁ ବରିଷ୍ଠ ଉପଦେଷ୍ଟା ଡ. ରମାକାନ୍ତ ଭଞ୍ଜ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଭାପତି ସୁଧୀର କୁମାର ମହାନ୍ତି, ସମ୍ପାଦକ ବିଜୟ କାମିଲା ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଜଳେଶ୍ୱର ଫଟୋଗ୍ରାଫୀ ଏସୋସିଏସନ ବରିଷ୍ଠ ଉପଦେଷ୍ଟା ସୁଶାନ୍ତ କୁମାର ପ୍ରଧାନ, ସଭାପତି ସମର କୁମାର କରଣ ମିଳିତ ଭାବେ ପତାକା ଉତ୍ତୋଳନ କରିଥିବା ବେଳ ସମ୍ପାଦକ ଦୀପେନ୍ଦୁ କର ଏବଂ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଜଳେଶ୍ୱର ବିକାଶ ପରିଷଦର ସଭାପତି କମଳ ଚକ୍ରବର୍ତୀଙ୍କ ପୌରୋହିତ୍ୟରେ ନୂଆବଜାର ଇନ୍‌ଡୋର ଷ୍ଟାଡିୟମ ପରିସରରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ହୋଇଯାଇଛି। ସେହିପରି ରାଜପୁର ଭାଇଭାଇ ୟୁନିଟର ପତାକା ସ୍ଥାନୀୟ ମୌଲାନା ଓ ସେକ ଫରୀଦ ଅହମ୍ମଦ ମିଳିତ ଭାବେ ଉତୋଳନ କରିଥିବା ବେଳେ ସଭାପତି ସେକ ହାକିମ ବକ୍ସ, ସମ୍ପାଦକ ସେକ ଜେଶୋକ ଅଲ୍ଲି, କୋଷାଧ୍ୟକ୍ଷ ଜାଗୀର ମହମ୍ମଦ, ଉସମାନ ଖାଁ, କାସିମ ବକ୍ସ, ସେକ ଅଜଗର ଅଲ୍ଲି, ସାଦିର ଖାଁ ସହିତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଭାରତୀୟ ଜନତା ପାର୍ଟି (ଉତର) ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା ଜାତୀୟ ପତାକା ଉତୋଳନ କରିଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜମୋହନ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ ଦାସଙ୍କ ସହିତ ବସୁଦେବ ପଣ୍ଡା, ରାଜେଶ ଖଟୁଆ, ସୁମତୀ ରାଣୀ ଦେ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ପୌରପରିଷଦ ପରିସରରେ ପୌରାଧ୍ୟକ୍ଷ ପ୍ରତାପ କୁମାର ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ ଓ ସମସ୍ତ ପୌର କର୍ମଚାରୀ ଉପସ୍ଥିତ ଥିଲେ। ପିଏମଶ୍ରୀ ଜଳେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବ୍ରତ ଘୋଷାଲ ପତାକା ଉତ୍ତୋଳନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଇଓ ଜଗବନ୍ଧୁ ଜେନା, ପୁରାତନ ଛାତ୍ର ସଂସଦ ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସିପିଏମ କାର୍ଯ୍ୟାଳୟରେ ବରିଷ୍ଠ ବାମପନ୍ଥୀ ନେତା ଦଲ୍ଲିପ କୁମାର ଗିରି ପତାକା ଉତ୍ତୋଳନ କରିଥିଲେ। ବିଜେପି ପକ୍ଷରୁ ଲକ୍ଷ୍ମଣନାଥ ଠାରେ ପୂର୍ବତନ ମଣ୍ଡଳ ସଭାପତିଙ୍କ ଦ୍ୱାରା ସ୍ୱାଧୀନତା ଦିବସ ପାଳନ କରାଯାଇଛି।



## ଲଙ୍ଗଳେଶ୍ୱର ପ୍ରେସ୍‌କ୍ଲବ୍

ଲଙ୍ଗଳେଶ୍ୱର ପ୍ରେସ୍‌କ୍ଲବ୍ ପକ୍ଷରୁ ୮୦ ତମ ସ୍ୱାଧୀନତା



ଦିବସ ପାଳିତ ହୋଇଯାଇଛି। ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବରେ ବାଲିଆପାଳ ତହସିଲଦାର ସସ୍ମିତା ମୁର୍ମୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରେଡ୍ ଅନୁଷ୍ଠିତ ହୋଇଥିଲା। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରେସ୍‌କ୍ଲବ୍ ପକ୍ଷରୁ ପୁରସ୍କାର ବିତରଣ କରାଯାଇଥିଲା। ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ଉତ୍ସବକୁ ଆହୁରି ମନୋଜ୍ଞ କରିପାରିଥିଲା।

## ଫକୀରମୋହନ ବିଶ୍ୱବିଦ୍ୟାଳୟ

ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର



ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲାଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସ୍ୱାଧୀନତା ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକାଙ୍କ ପକ୍ଷରୁ

## ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ



ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ,ବାଲେଶ୍ୱର ପକ୍ଷରୁ ଷ୍ଟେସନ ପରିସରରେ ୮୦ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସଂଘର ଉପଦେଷ୍ଟା ରମେଶ ଚନ୍ଦ୍ର ଜେନା ପତାକା ଉତୋଳନ କରିଥିଲେ। ସଂଘର ସଭାପତି ଚତୁର୍ଭୁଜ ଜେନା ଯୋଗଦେଇଥିଲେ। ସଂଘର ସମ୍ପାଦକ ରାମଚନ୍ଦ୍ର ଦାସ ଓ ଅନ୍ୟ ସଭ୍ୟମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଉପସଭାପତି ସତ୍ୟରଞ୍ଜନ ରାଉତ,ସଂଗଠନ ସମ୍ପାଦକ ଗଗନ ଦଳେଇ,କୋଷାଧ୍ୟକ୍ଷ ବଙ୍କିମଚନ୍ଦ୍ର ପତି,ସଭ୍ୟ ଅକ୍ଷୟ କୁମାର ପଣ୍ଡା,ଉମାକାନ୍ତ ଦାସ,ସୁରେନ୍ଦ୍ର ସାମଲ,ରବିନାରାୟଣ ରଣା,ଅନିଲ କୁମାର ଦାସ,ଏକେ ମାହାତୋ,ସୁକୁମାର ବେହେରା,ସନ୍ତୋଷ ଗୋଛାୟତ,ହରେକୃଷ୍ଣ ବେହେରା,ଚିତବାବୁ ଦୋରା ପ୍ରମୁଖ ଏହି ସମାରୋହରେ ଉପସ୍ଥିତ ଥିଲେ।

## ସାମାଜିକ ସଙ୍ଗଠନ ଚେତନା




ସାମାଜିକ ସଙ୍ଗଠନ ଚେତନା ପକ୍ଷରୁ ସହରର ବିଦ୍ୟୁତମାର୍ଗ ନିକଟସ୍ଥ ଚେତନା କାର୍ଯ୍ୟାଳୟ ପରିସରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମାୟାଧର ବିଶ୍ୱାଳ ଜାତୀୟ ପତାକା ଉତୋଳନ କରିଥିଲେ। ଚେତନାର ପ୍ରତିଷ୍ଠାତା ସମ୍ପାଦକ ପର୍ଶୁରାମ ପ୍ରଧାନ ସଭାପତିତ୍ୱ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା କବି ପ୍ରଶାନ୍ତ ଦାସ, ଶିକ୍ଷାବିତ ମୂରଲୀଧର ନାୟକ,ରୋଟାରିଆନ ଯଶୋଦାନନ୍ଦନ ଆଶ,କବି ଶ୍ରୀ ଦେବ, ଭି ଫାଉଣ୍ଡେସନର ମୁଖ୍ୟ ବିପ୍ଳବ କୁମାର ଦାସମହାପାତ୍ର, ଗିରିଶଚନ୍ଦ୍ର ଷଡ଼ଙ୍ଗୀ, ଉତ୍ତମ କୁମାର ମାଇତି, ସିଦ୍ଧାନ୍ତ ଶେଖର ରାଉଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଆଇନଜୀବୀ ରାଜୀବ କୁମାର ବେହେରା, ସାଇ ଆଶିଷ ପ୍ରଧାନ, ପୂର୍ଣ୍ଣେନ୍ଦୁ କୁମାର ମହାନ୍ତି, ବାଞ୍ଛାନିଧି ଦାସ, ଶୁଭ୍ରାଂଶୁ ଦଣ୍ଡପାଟ, ଅନଙ୍ଗ ମଞ୍ଜରୀ, ସୁସ୍ମିତା ଖ୍ରୀଷ୍ଟିଆନ, ହରେକୃଷ୍ଣ ପରିଡ଼ା, ଅଜୟ କୁମାର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ରୋଟାରୀ କ୍ଲବ୍ ଅଫ୍ ବାଲେଶ୍ୱର




ରୋଟାରୀ କ୍ଲବ ଅଫ୍ ବାଲେଶ୍ୱର ପକ୍ଷରୁ ଦେଶର ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କ୍ଲବ ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ଦେଶର ସ୍ୱାଧୀନତା ସଂଗ୍ରାମୀ ଓ ବୀର ସହିଦମାନଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରାଯାଇଥିଲା। ପରେ ରୋଟାରୀ କ୍ଲବ ଅଫ୍ ବାଲେଶ୍ୱର ଓ ଇନର ହ୍ୱିଲ୍ କ୍ଲବ ଅଫ୍ ବାଲେଶ୍ୱରର ମିଳିତ ସହଯୋଗରେ ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟରେ "ଅନ୍ନପୂର୍ଣ୍ଣା ଦିବସ' ପାଳନ କରାଯାଇଥିଲା। ବିଦ୍ୟାଳୟର ଦୃଷ୍ଟିହୀନ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯିବା ସହ ଖାଦ୍ୟ ସାମଗ୍ରୀ ଓ ଆବଶ୍ୟକୀୟ ସାହାଯ୍ୟ ଯୋଗାଇ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଅଫ୍ ବାଲେଶ୍ୱର ଓ ଇନର ହ୍ୱିଲ୍ କ୍ଲବ ଅଫ୍ ବାଲେଶ୍ୱରର ସଦସ୍ୟ, ପଦାଧିକାରୀ, ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଖଇରା

ବାଲେଶ୍ୱର ଜିଲା ଖଇରା ବ୍ଲକରେ ସହର ଠୁଁ ଗାଁ ପର୍ଯ୍ୟନ୍ତ ସରକାରୀ ବେସରକାରୀ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବ୍ଲକ କାର୍ଯ୍ୟାଳୟରେ ବିଡିଓ ନାରାୟଣ ସାହୁ ଓ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ଉପସ୍ଥିତିରେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ସାଳନ୍ଦୀ ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟରେ ଏସଡିଓ ଦାଶରଥି ମୁର୍ମୁ, ବିଦ୍ୟାଧରପୁର ଉପଖଣ୍ଡ କାର୍ଯ୍ୟାଳୟରେ ନିର୍ବାହୀ ଯନ୍ତ୍ରୀ ନରହରି ପ୍ରଧାନ, ଖଇରା ଅବକାରୀ ଥାନାରେ ଓଆଇସି ପ୍ରହଲ୍ଲାଦ ସାମଲ ତ୍ରିରଙ୍ଗା ଉଡ଼ାଇଥିଲେ। ଏହା ବ୍ୟତୀତ ଖଇରା ସାମ୍ବାଦିକ ସଂଘ, ଖଇରା ତହସିଲ ଓ ଉପନିବନ୍ଧକ କାର୍ଯ୍ୟାଳୟ, ଗୋଷ୍ଠୀ ପ୍ରାଣୀଚିକିତ୍ସାଳୟ, ଖଇରା ଥାନା, ଖଇରା ଗୋଷ୍ଠୀ ଶିକ୍ଷାକେନ୍ଦ୍ର, ଖଇରା ଗୋଷ୍ଠୀ ଚିକିତ୍ସାଳୟ, ଖଇରା ହାଇସ୍କୁଲ, ଖଇରା ୟୁପି ସ୍କୁଲ, ନଟାପଡାଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର, ଖଇରା ସରସ୍ୱତୀ ବିଦ୍ୟା ମନ୍ଦିର, ଆଦର୍ଶ ଶିକ୍ଷା ମନ୍ଦିର, ଏଭିଏମ ସ୍କୁଲ, ଜେଭିସିସି କମ୍ପ୍ୟୁଟର ସେଣ୍ଟର, ଖଇରା କଲେଜରେ ମଧ ପବିତ୍ର ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରତିଭା ପରିବାର ପକ୍ଷରୁ ପଳସା ପଡ଼ିଆରେ ବୃକ୍ଷରୋପଣ କରାଯାଇଥିଲା।

## ଭୋଗରାଇ

ଭୋଗରାଇରେ ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଏହି ଅବସରରେ ଅଢ଼େଇ ହଜାର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡ୍ ପ୍ରଦର୍ଶନ କରାଯାଇଥିଲା। ବକ୍ତୃତା, ସଙ୍ଗୀତ, ନୃତ୍ୟ, ପରେଡ୍ ପ୍ରତିଯୋଗିତା ହୋଇଥିଲା। ଜଳେଶ୍ୱରପୁର ସରପଞ୍ଚ ବିରୁପାକ୍ଷ ଜେନା, ଦେହୁର୍ଦ୍ଦା ସେବାସମବାୟ ସମିତିର ସଭାପତି ଶ୍ରୀପତି ସେଠୀ ଜାତୀୟ ପତାକା ଉତ୍ତୋଳନ କରି କରିଥିଲେ।



ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ମାଟ୍ରିକ ବୋର୍ଡ ଓ ଉଚ୍ଚମାଧ୍ୟମିକ ପରୀକ୍ଷାର ସର୍ବାଧିକ ନମ୍ବର ରଖିଥିବା ଓ ସଙ୍ଗୀତ, ନୃତ୍ୟ, ପ୍ରବନ୍ଧରେ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରିଥିଲେ। ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ଓ ପରେଡ୍ ପ୍ରତିଯୋଗିତାରେ ବିଡିଓ ପ୍ରଶାନ୍ତ କୁମାର ମହାରଣା, ବିଜେଡି ସଭାପତି ଗଣପତି ଗିରି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ଜିଲ୍ଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସାମାଜିକ କର୍ମୀ ଭବେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ଜୟରାମପୁର ସେବା ସମବାୟ ସମିତିରେ ସଭାପତି ପଙ୍କଜାକ୍ଷ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରିଚାଳନା ବୋର୍ଡର ନିର୍ଦ୍ଦେଶକ ବିଶ୍ୱମ୍ବର ଦାସ ଅଧିକାରୀ, ବିଦ୍ୟୁତ ସାମଲ, ଅଶୋକ ସାମଲଙ୍କ ସହିତ ଯତୀନ୍ଦ୍ର କୁମାର ପାତ୍ର, ସମିତି ସମ୍ପାଦକ ଓମ ପ୍ରକାଶ ଘୋଷ, ଶିବଶଙ୍କର ଦେ, ହିରଣ୍ମୟ ପାଣିଗ୍ରାହୀ, ରବୀନ୍ଦ୍ର କୁମାର ପାଲ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ତହସିଲ, ବ୍ଲକ୍, ଗ୍ରାମ୍ୟ ନ୍ୟାୟାଳୟ, ମହେଶପୁର, ଜଳେଶ୍ୱରପୁର ଚନ୍ଦନେଶ୍ୱର ହୁଗୁଳି, ମନ୍ଦାରସାହି ପଞ୍ଚାୟତ ପ୍ରଭୃତି ସ୍ଥାନରେ ଜାତୀୟ ପତାକା ଉତ୍ତୋଳନ,

## ଜଳେଶ୍ୱର ବ୍ଲକ ରାଇବଣିଆ

ରାଇବଣିଆରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ରାଇବଣିଆ ବିଜେପି ମଣ୍ଡଳ ଅଫିସ ଗୃହ ସାମ୍ନାରେ ମଣ୍ଡଳ ସଭାପତି ସଂଜୀବ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ମଣ୍ଡଳ ମହିଳା ମୋର୍ଚ୍ଚାର ସଭାପତି ସୁଷମା ମହାନ୍ତି, ଯୁବ ମୋର୍ଚ୍ଚାର ସଭାପତି ନିହାରରଞ୍ଜନ ଦାସ, ଶ୍ୟାମନଗର ପଞ୍ଚାୟତର ବିଜେପିର ସଭାପତି ଦୁଖିରାମ କିସ୍କୁ,ଜିଲ୍ଲା ଆଦିବାସୀ ଯୁବ ମୋର୍ଚ୍ଚାର ସଭାପତି ଗଣେଶ ସୋରେନ, ମଣ୍ଡଳ ଆଦିବାସୀ ସଭାପତି ଦୁର୍ଗା ମୁର୍ମୁ, ଆଶାରେନାଃ ମାର୍ଶାଲ ସଂଗଠନର ପୂର୍ବତନ ସମ୍ପାଦକ ଦେବାଶିଷ ମୁର୍ମୁଙ୍କ ସମେତ ରାଇବଣିଆ ମଣ୍ଡଳର ସମସ୍ତ ପଞ୍ଚାୟତର ବିଜେପି ଦଳର ସଭାପତି ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ରାଇବଣିଆ ପଞ୍ଚାୟତର ତିରଙ୍ଗା ସଭାଯାତ୍ରା ଘର ଘର ବୁଲି ହୋଇଥିଲା। ସେହିପରି ରାଇବଣିଆ ଅଞ୍ଚଳ ବିକାଶ ପରିଷଦର ସାମ୍ବାଦିକ ମାନଙ୍କ ଚଳିତବର୍ଷ ସ୍ୱାଧୀନତା ଦିବସ ପାଳନ ସହିତ ରାଇବଣିଆ ପଞ୍ଚାୟତର ୫ ନଂ ୱାର୍ଡର ଆମ୍ବସାହି ର ସମସ୍ତ ଲୋକଙ୍କୁ ଶିକ୍ଷିତ ହେବା ଓ ଶୃଙ୍ଖଳିତ ସମାଜ ଭିତରେ ରହି ମୌଳିକ ସୁବିଧାସୁଯୋଗ ପାଇଁ କିପରି ଗଣମାଧ୍ୟମ ର ସହଯୋଗରେ ସମସ୍ୟାର ସମାଧାନ କରିପାରିବେ ତା'ର ବାର୍ତ୍ତା ଦେଇ ସାମ୍ବାଦିକ ସନ୍ତୋଷ କୁମାର ଜେନା, ନବୀନ କୁମାର ସାହୁ, ଆଲୋକ ଘଡ଼େଇ ଓ ଅଶ୍ରୁମୋଚନ ଘୋଷଙ୍କ ଉପସ୍ଥିତିରେ ସଭିଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।



## ଜଳେଶ୍ୱର ବିକାଶ ପରିଷଦ

ଜଳେଶ୍ୱର ବିକାଶ ପରିଷଦ ପକ୍ଷରୁ ନୂଆବଜାର ସ୍ଥିତ ଇଣ୍ଡୋର ଷ୍ଟାଡିୟମ ପରିସରରେ ୮୦ତମ ସ୍ୱାଧିନତା ଦିବସ ମହାଆଡମ୍ବରରେ ପାଳିତ ହୋଇଯାଇଛି। ପରିଷଦର ସଭାପତି କମଳ ଚକ୍ରବର୍ତୀଙ୍କ ପୌରହିତ୍ୟରେ ଆୟୋଜିତ ସମାରୋହରେ ଜଳେଶ୍ୱର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିଥିଲେ। ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ପ୍ରଣକୃଷ୍ଣ ଗିରି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସ୍ୱାଧିନତା ପ୍ରତ୍ୟେକ ମଣିଷର ଜନ୍ମଗତ ଅଧିକାର ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ କୃଷକ ନେତା ସୁଦାମ ଚରଣ ପାତ୍ର, ସୁବ୍ରତ ରଣା, କାଉନସିଲର ଶିବନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସେବା ପାଇଁ ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ପ୍ରଧାନ, ଅଜିତ କୁମାର ଦାସ, ଦୁର୍ଗାଶଙ୍କର ଗିରି, ଜଗନ୍ନାଥ ଗୋଛାୟତ ତଥା ସମାଜ ସେବୀ କ୍ଷେତ୍ରମୋହନ ଗିରି, ଅଜୟ ମହାପାତ୍ର, ଶ୍ରୀପତୀ ଘୋଷ, ହାଡିବନ୍ଧୁ ବେହେରା, ଚନ୍ଦ୍ରମୋହନ ରାଉଳ, ସନ୍ତୋଷ ମହନ୍ତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିକାଶ ପରିଷଦର ସମ୍ପାଦକ ମନୋରଂଜନ ଦାସ ପରିଚାଳନା କରିଥିବା ବେଳେ ରବିନ୍ଦ୍ର ଦାସ, ପଦ୍ମଲୋଚନ ମଣ୍ଡଳ, ରାଜକିଶୋର ଦାସ, ତପନ ମହାନ୍ତି, ରାକେଶ ବାରିକ, କେଦାର ପାଢୀ, କୋଷାଧ୍ୟକ୍ଷ ସୌଭିକ କୁମାର ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଜଳେଶ୍ୱର ଅଟୋ ଟୋଟୋ ସଂଘର ସଭାପତି ସଂଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଦୟପୁରରୁ ତାଳସାରୀ; ସମୁଦ୍ର ଭିତରେ ତ୍ରିରଙ୍ଗା ଯାତ୍ରା



**ଚନ୍ଦନେଶ୍ୱର:** ସ୍ୱାଧୀନତା ଦିବସ ଅବସରରେ ବାଲେଶ୍ୱର ଉତ୍ତର ଯୁବମୋର୍ଚ୍ଚା ପକ୍ଷରୁ ଉଦୟପୁର ବେଳାଭୂମିରୁ ତାଳସାରୀ ବେଳାଭୂମି ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଉଦୟପୁରରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ତାଳସାରୀରେ ପହଞ୍ଚିଥିଲା। ୨୫ଟି ବୋଟ୍‌ରେ ନେତା, ଯୁବମୋର୍ଚ୍ଚା କର୍ମକର୍ତ୍ତା ଓ ଶତାଧିକ ଯୁବକ ଜାତୀୟ ପତାକା ଧରି ସମୁଦ୍ର ଯାତ୍ରାରେ ବାହାରିଥିଲେ। ଏହି ତ୍ରିରଙ୍ଗା ଯାତ୍ରାରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ଭୋଗରାଇ ବିଜେପି ନେତା ଆଶିଷ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଫାଲ୍‌ଗୁନୀ ପାଣିଗ୍ରାହୀ, ବସ୍ତା ବିଜେପି ନେତା ରବୀନ୍ଦ୍ରନାଥ ଅଣ୍ଡିଆ, ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ ଦାସ, ଉପସଭାପତି ରାଧାକାନ୍ତ ପ୍ରଧାନ ସମେତ ବାଲେଶ୍ୱର ଉତ୍ତର ଯୁବମୋର୍ଚ୍ଚାର ସମସ୍ତ ଟିମ୍, ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ଓ ଯୁବବର୍ଗ ସାମିଲ ହୋଇଥିଲେ।

## ବାଲିଆପାଳ

ବ୍ଲକ୍‌ର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବ୍ଲକ୍ ପରିସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକ ଜାତୀୟ ପତକା ଉତ୍ତୋଳନ କରିଥିଲେ। ପତକା ଉତ୍ତୋଳନ ସମୟରେ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଧା ରଞ୍ଜନ ଦାସ ସମେତ ବ୍ଲକ୍ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ତହସିଲ ପରିସରରେ ତହସିଲଦାର ସସ୍ମିତା ମୁର୍ମୁ ଜାତୀୟ ପତକା ଉତ୍ତୋଳନ କରିଥିଲେ। ଥାନା ପରିସରରେ ଥାନା ଅଧିକାରୀ ସାଲଖାନ ମୁର୍ମୁ,ସୁବର୍ଣ୍ଣରେଖା ଯୁବକ୍ରୀଡା ସଂସଦ ପରିସରରେ ପୂର୍ବତନ ବିଡ଼ିଓ ବାଜଲ ମାଝୀ, ପିଏମଶ୍ରୀ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା,ବାଲିଆପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଗଣେଶ କିଙ୍କର ଆଚାର୍ଯ୍ୟ, ପିଏମଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ମାରାଣ୍ଡି, ଡାଙ୍ଗରପଦା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମାମିଲତା ବେହେରା,ବଢାପାଳ ଉଚ୍ଚ ବିଦ୍ୟାଳୟରେ ଭାରା ପ୍ରାପ୍ତ ପ୍ରଧାନ ଶିକ୍ଷକ ଧରଣୀଧର ଜେନା, ଜାମକୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରା ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ଜେନା, ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ସୁଦୀପ୍ତା ବିଶ୍ୱାଳ ପ୍ରମୁଖ ପତକା ଉତ୍ତୋଳନ କରିଥିଲେ। ସେହିପରି ବାଲିଆପାଳ ବ୍ଲକର ଲବଣ ତୀର୍ଥ ବାଲିବିଲ ଗାନ୍ଧୀ ଚତର ଠାରେ ଲବଣ ସତ୍ୟାଗ୍ରହ ସ୍ମୃତି କମିଟିର ସଭାପତି କୃଷକ ନେତା ଅରୁଣ ଜେନା ପତାକା ଉତ୍ତୋଳନ କରିଥିଲେ।

# ୮୦ତମ ସ୍ୱାଧୀନତା ଦିବସ

# ଗାଁଠୁ ସହର ସବୁଠି ଉଡ଼ିଲା ତ୍ରିରଙ୍ଗା



**ବେତନଟୀ, ୧୬।୮ (ସମିସ):**

ବେତନଟୀ ବିଜ୍ଞାପିତ ଅଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ସମସ୍ତ ବିଦ୍ୟାଳୟ, ଯୁବକ ସଂଘ, ସ୍ୱୟଂସହାୟକ ଗୋଷ୍ଠୀ, ବିଭିନ୍ନ ସାମାଜିକ ଅନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ୮୦ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ସ୍ଥାନୀୟ ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଜୟନ୍ତ ପଟ୍ଟନାୟକଙ୍କ ସଂଯୋଜନାରେ ମୁଖ୍ୟଅତିଥି ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କର ପତାକା ଉତ୍ତୋଳନ ଓ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବଣ୍ଟନ କରିଥିଲେ। ସିଭିଲ ସୋସାଇଟି ପକ୍ଷରୁ ଭିନ୍ନକ୍ଷମ ଲକ୍ଷ୍ମୀଧର ନାୟକ ପତାକା ଉତ୍ତୋଳନ ଓ ବକ୍ତବ୍ୟ ପ୍ରଦାନ କରିଥିଲେ। ସାଧାରଣ ସଂପାଦକ ଆଇନଜୀବୀ ମହାନ୍ତି। ରୋଟାରୀ କ୍ଲବ୍ ପକ୍ଷରୁ ଉପସଭାପତି ରବୀନ୍ଦ୍ର ନାଥ ମିଶ୍ର ପତାକା ଉତ୍ତୋଳନ ଓ ସଂପାଦକ ସଂଜୟ କୁମାର ଭୂୟାଁ ସଂଯୋଜନା କରିଥିଲେ। ସ୍ଥାନୀୟ ଜେଏମଏଫସି ଅଦାଲତ ପରିସରରେ ଆଇନଜୀବୀ ଓ ଅଫିସ କର୍ମଚାରୀଙ୍କ ଉପସ୍ଥିତିରେ ବିଚାରପତି ରଶ୍ମି ନାରାୟଣୀ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଚଣ୍ଡୀ ଛକ ପାଶ୍ୱର୍ସ୍ଥ ଶ୍ରୀରାମ ଛକରେ ଆୟୋଜକ ସନ୍ଦୀପ ମିଶ୍ର ପତାକା ଉତ୍ତୋଳନ କରିଥିଲେ।

**ସାରସକଣା:** ସାରସକଣା ବ୍ଲକ ଅନ୍ତର୍ଗତ ଝାରପୋଖରିଆସ୍ଥ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ସମସ୍ତ କର୍ମୀ ଉପସ୍ଥିତିରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଜିଲ୍ଲା ସଭାପତି ଡଃ ଦେବାଶିଷ ମାରାଣ୍ଡି ଯୋଗଦେଇ ସ୍ୱାଧୀନତା ଦିବସର ମହତ୍ତ୍ୱ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ସେ କହିଥିଲେ, ସ୍ୱାଧୀନତା ଦିବସ କେବଳ ଏକ ପରମ୍ପରା ପାଳନର ଦିନ ନୁହେଁ;



ବରଂ ଦେଶର ସ୍ୱାଧୀନତା ପାଇଁ ତ୍ୟାଗ କରିଥିବା ମହାପୁରୁଷଙ୍କୁ ସ୍ମରଣ କରିବା ଓ ଦେଶକୁ ଆହୁରି ଶକ୍ତିଶାଳୀ ଓ ବିକଶିତ କରିବାର ସଂକଳ୍ପ ନେବାର ଦିନ। ଜିଲ୍ଲା ସାମାଜିକ ଗଣମାଧ୍ୟମ ସଂଯୋଜକ ସତ୍ୟଜିତ ଦତ୍ତ, ରାଜ୍ୟ ସମ୍ପାଦକ ଦୀପକ ମଡୁଆଲ, ବିଶ୍ୱଜିତ ମହାନ୍ତି, ମୁକେଶ ବେହେରା, ଅଜୟ ମଣ୍ଡଳ, କ୍ଷେତ୍ରମୋହନ ବେହେରା, ବିନୟ ଭୋଲା, ଆଶ୍ୱିନ ମହାନ୍ତ, ଜୟକୃଷ୍ଣ ମାହାନ୍ତ, ଟିନା ନାଏକ ଓ ବହୁ ସଂଖ୍ୟକ କର୍ମୀ ଉପସ୍ଥିତ ଥିଲେ।



**ଶାମାଖୁଣ୍ଟା:** ଶାମାଖୁଣ୍ଟା ସମବାୟ ସମିତିରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସଭାପତି ସୁନୀତା ସିଂ ପତକା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ କରମଚାନ୍ଦ କାଳନ୍ଦୀ, ଚାମୁ ସିଂ, ବୈଦନାଥ ମାଝୀ, ନାରାୟଣ ଗୋଛାୟତ, ବିବେକାନନ୍ଦ ସିଂ, ଭାରପ୍ରାପ୍ତ ଏମଡି ଅମିତ ବେହେରା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

**କୁଆମରା:** ଗୋପବନ୍ଧୁନଗର ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଗୋପବନ୍ଧୁନଗର ବ୍ଲକ ଖୁଣ୍ଟା



ମିନି ଷ୍ଟାଡିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଛାତ୍ରଛାତ୍ରୀଙ୍କ ସମ୍ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ବିଡିଓ ପୃଥିରାଜ ପରିଡ଼ା, ସହକାରୀ ଯନ୍ତ୍ରୀ ଅଭିଷେକ କାପୁଡିଆ, ସାନଖୁଣ୍ଟା ସରପଞ୍ଚ ସୁମି ହାଁସଦା, ୧୫ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ସେଠୀ, ବିଆରସିସି କୁଳମଣି ନାଏକ, ଖୁଣ୍ଟା ଥାନା ଅଧିକାରୀ ଆଦିତ୍ୟ ଜେନା ଅତିଥି ଭାବେ ଯୋଗ ଦେଇଥିଲେ। ଅଗ୍ନିଶମ ବିଭାଗ, ଶିକ୍ଷା ବିଭାଗ, ପୁଲିସ ବିଭାଗ, ସୁଭାଷ ଚନ୍ଦ୍ର ବୋଷ କ୍ଲବର ସମସ୍ତ ସଦସ୍ୟ, ଗଣମାଧ୍ୟମ ପ୍ରମୁଖ ଉପସ୍ଥିତ ଥିଲେ। ପ୍ୟାରେଡ଼ର ବରିଷ୍ଠ ଓ କନିଷ୍ଠ ବିଭାଗରେ ୪ଟି ବିଦ୍ୟାଳୟ ଶ୍ରେଷ୍ଠ ବିବେଚିତ ହେବା ସହ ପୁରସ୍କୃତ ହୋଇଛନ୍ତି। ଅନ୍ୟାନ୍ୟ ପ୍ରତିଯୋଗିତାର କନିଷ୍ଠ ଓ ବରିଷ୍ଠ ବିଭାଗରୁ ୨୯ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଖୁଣ୍ଟା ଉଚ୍ଚବିଦ୍ୟାଳୟ ଖେଳ ଶିକ୍ଷକ ସୁକେନ୍ଦୁ ବିଶ୍ୱାଳ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ବେହେରା, ଶିକ୍ଷକ ବଙ୍କିମ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କୁଆମରା ବନ ବିଭାଗ କାର୍ଯ୍ୟାଳୟରେ ବନପାଳ ଅବନୀ ଜେନା ପତାକା ଉତ୍ତୋଳନ କରିଥିବାବେଳେ ସମସ୍ତ କର୍ମଚାରୀ ଓ ପ୍ରେସ କ୍ଲବର ସଦସ୍ୟ ଯୋଗ ଦେଇଥିଲେ। ସେହିପରି କୁଆମରା ବଜାର କମିଟି ପକ୍ଷରୁ ନିମାଇଁ ପ୍ରସାଦ ଦାଶ ପତାକା ଉତ୍ତୋଳନ କରିଥିଲେ। ଖୁଣ୍ଟାଠାରେ ସ୍ୱାଧୀନତା ସଂଗ୍ରାମୀ ଉତ୍ତରାଧିକାରୀ ସଂଯୁକ୍ତ ସଂଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଗୋପାଳ ଖିଲାର ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଶୁକ୍ଳି:** ଶୁକ୍ଳି ବ୍ଲକ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ତହସିଲଦାର ପିନାକୀ ପାର୍ଥସାରଥିଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ପ୍ରଥମେ ରାମ ଧୂନ୍ ଗାନ କରାଯାଇ ନଗର ପରିକ୍ରମା କରାଯାଇଥିଲା।



ଶୁକ୍ଳି ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ରୀଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ପରେ ଉପସ୍ଥିତ ବ୍ୟକ୍ତି ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରାଗଲା।

**ରାସଗୋବିନ୍ଦପୁର:** ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବଧିମୁହଁ ଅମରଦାରେ ଜଗଦ୍ଧାତ୍ରୀ ଯୁବକ ସଂଘ ପକ୍ଷରୁ ସମାଜସେବୀ ପ୍ରଫୁଲ୍ଲ ଭୋଇ ପତାକା ଉତ୍ତୋଳନ କରିଥିବାବେଳେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା, ବକ୍ତୃତା, କୁଇଜ, ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପରିବେଶ ସୁରକ୍ଷା ପାଇଁ



ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏ ଅବସରରେ ଚାଷୀ ଓ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ସେହିପରି ମାଣିଦାସ୍ଥ ସହିଦ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୦ତମ ସ୍ୱନକ୍ଷତ୍ର ଦିବସ ସହ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ବୃକ୍ଷରୋପଣ କରାଯାଇଥିଲା। ସେହିପରି ଚିଞ୍ଚଲଗଡିଆ ଛକ ପରିସରର ସ୍ଥାନୀୟ ଯୁବକ ସଂଘ ପକ୍ଷରୁ ସପନ ଲେଙ୍କାଙ୍କ ପ୍ରଚେଷ୍ଟାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା। ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ମଧ୍ୟ ସ୍ୱାଧୀନତା ଦିବସ ଉତ୍ସାହର ସହ ପାଳିତ ହୋଇଥିଲା। ସ୍ୱାଧୀନତା ଦିବସ ଅବସରରେ ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ନେଇ ରାସଗୋବିନ୍ଦପୁର ଓ ସାନ ମାଣିଦା ମଣ୍ଡଳ ପକ୍ଷରୁ "ହର ଘର ତ୍ରିରଙ୍ଗା' ଅଭିଯାନ ଅନ୍ତର୍ଗତ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଶୋଭାଯାତ୍ରାରେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ୮୦ତମ ସ୍ୱାଧୀନତା ଦିବସର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଶୋଭାଯାତ୍ରାରେ ରାଜ୍ୟ ଏସ୍‌ଟି ମୋର୍ଚ୍ଚା ସଭାପତି କାହ୍ନା ସୋରେନ, ସମାଜସେବୀ ପ୍ରଦୀପ ମହାନ୍ତି, ପୁରୁଷୋତ୍ତମ ଦେ, ସରୋଜିନୀ କିସ୍କୁ, ଅବିନାଶ କୁଣ୍ଡୁ, ରଣଜିତ ବାରିକ, ନରୋତ୍ତମ ମହାନ୍ତି, ଦେବାଶିଷ ମହାନ୍ତି, ସତ୍ୟଶିବ ଭାଟ, ବୁଦ୍ଧିଆ ମୁର୍ମୁ, ସୋରଜ ଭୋଇ, ଆଦିତ୍ୟ ମହଲାଙ୍କ ସମେତ ଇନ୍ଦ୍ରଜିତ ଦାସ, ବିଶ୍ୱଜିତ ବେହେରା, ଅଜିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

**କୁଳିଅଣା:** ବିଭିନ୍ନ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘ କାର୍ଯ୍ୟାଳୟ ପରିସରରେ ସମ୍ପାଦକ ସହଦେବ ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ସଭାପତି ବୀରେନ୍ଦ୍ର ଦାସ, ଉପସଭାପତି ନିରାକାର ନାଏକ, ସହସମ୍ପାଦକ ସୀତାରାମ ସାହୁ, ପୂର୍ବତନ ସଭାପତି ବନବିହାରୀ ବେହେରା, ସଭ୍ୟ ପ୍ରଦୀପ ବକ୍ସି, ଚିତ୍ତରଞ୍ଜନ ସାହୁ, ଅନାଦି ବାରିକ, ଶଶାଙ୍କ ଶେଖର ପଣ୍ଡା, କାଳୀପଦ ବିନ୍ଧାଣି, ଅଂକୁର ବେହେରା ଯୋଗ ଦେଇଥିଲେ। କୁଳିଅଣା ଲ୍ୟାମ୍ପସରେ ବରିଷ୍ଠ ସମବାୟବିତ ସୁଧାଂଶୁ ପାଣିଗ୍ରାହୀ ପତାକା ଉତ୍ତୋଳନ କରିଥିବାବେଳେ ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ନାଏକ, ସଭାପତି ଶରତ ନାଏକ, ସମସ୍ତ ନିର୍ଦ୍ଦେଶକ ଓ କର୍ମଚାରୀ ଉପସ୍ଥିତ ଥିଲେ। କୁଳିଅଣା ଥାନାରେ ଆଇଆଇସି ସୁଦୀପ ମହାପାତ୍ର ପତାକା ଉତ୍ତୋଳନ କରିଥିବାବେଳେ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥାନୀୟ



ସରପଞ୍ଚ ଅହଲ୍ୟା ନାଏକ ପତାକା ଉତ୍ତୋଳନ କରିଥିଲେ। ଅନୁରୂପ ଭାବେ କୁଳିଅଣାର ସମସ୍ତ ସରକାରୀ, ବେସରକାରୀ ସ୍କୁଲ, ବ୍ୟାଙ୍କ, ପୋଷ୍ଟ ଅଫିସ, ତହସିଲ, ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ, ସଙ୍ଘରେ ସ୍ୱାଧୀନତା ଦିବସ ପାଳିତ ହୋଇଛି।



**ବୈଶିଙ୍ଗା:** ମହାତ୍ମା ଗାନ୍ଧୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରାଧ୍ୟାପକ ବୀରେନ୍ଦ୍ର ବେହେରା ଜାତୀୟ ପତାକା ଉତ୍ତୋଳନ କରି ଛାତ୍ରଛାତ୍ରୀଙ୍କୁ ଦେଶର ସୁନାଗରିକ ଭାବେ ଗଢ଼ିଉଠିବା ସହ ରାଷ୍ଟ୍ର ପ୍ରତି ତ୍ୟାଗ, କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ସମ୍ପର୍କରେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ଏଥିସହିତ ୧୫୦ତମ ବନ୍ଦେ ମାତରମ୍ ବର୍ଷ ପାଳନ ଅବସରରେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ରଚିତ "ବନ୍ଦେ ମାତରମ୍' ସମୂହ ଗାନ କରାଯାଇଥିଲା। ପତାକା ଉତ୍ତୋଳନ ପରେ ଭାରତ ସରକାରଙ୍କ "ହର ଘର ତ୍ରିରଙ୍ଗା' ଅଭିଯାନକୁ ଆଧାର କରି ବିଦ୍ୟାଳୟ ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବାହାର କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ, ଛାତ୍ରଛାତ୍ରୀଙ୍କ ସମେତ ଅଞ୍ଚଳର ବହୁ ଗ୍ରାମବାସୀ ଉତ୍ସାହର ସହ ଯୋଗଦେଇଥିଲେ। ଶେଷରେ ମିଷ୍ଟାନ୍ନ ବଣ୍ଟନ ପରେ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରାଯାଇଥିଲା।

## ନାଳରେ ଭାସିଯାଇ ବୃଦ୍ଧଙ୍କ ମୃତ୍ୟୁ

**ବାରିପଦା/ଶୁଳିଆପଦା, ୧୬।୮ (ସମିସ):** ଆମ୍ବଯୋଡ଼ି ନାଳରେ ଭାସି ଆସୁଥିବା ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ଶୁଳିଆପଦା ଥାନା ଅଞ୍ଚଳର ଢେଙ୍କିନେଞ୍ଜିଆ ଗାଁ ନିକଟସ୍ଥ ଆମ୍ବଯୋଡି ନାଳରୁ ମୃତଦେହକୁ କିଛି ସ୍ଥାନୀୟ ଲୋକେ ଦେଖିଥିଲେ। ମୃତଦେହକୁ ସ୍ଥାନୀୟ ଲୋକ ଉଦ୍ଧାର କରି ଶୁଳିଆପଦା ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଶୁଳିଆପଦା ପୁଲିସ ଓ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକ ଜଣକ ବାରିପଦା ସଦର ଥାନା ମାଧପୁର ଗ୍ରାମର ସାବନ ହେମ୍ବ୍ରମ (୭୦)। ନାଳ ପାରି ସମୟରେ ଭାସିଯାଇ ମୃତ୍ୟୁ ଘଟିଥିବା କୁହାଯାଇଛି।

## କାଳ ନଦୀରେ ଭାସିଗଲେ ଯୁବକ



**କପ୍ତିପଦା,୧୬।୮ (ସମିସ):** କପ୍ତିପଦା ଥାନା ଅଧୀନ ଗୌଡ଼ଗାଁ ଗ୍ରାମରେ ଅଘଟଣ ଘଟିଛି। କାଳ ନଦୀରେ ଗାଧୋଉଥିବା ସମୟରେ ପ୍ରଖର ସୁଅ ଆସିବାରୁ ଭାସିଯାଇ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ଗୌଡ଼ଗାଁ ଗ୍ରାମର ସିପୁନ ମଢେଇ (୧୯)। ସିପୁନ ସାଙ୍ଗଙ୍କ ସହ କାଳ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ଉଭୟେ ଗାଧୋଉଥିବା ସମୟରେ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ କାଳବନ୍ଧରୁ ପାଣି ଛଡ଼ା ହୋଇଥିଲା। ପାଣିର ପ୍ରଖର ସ୍ରୋତ ମାଡ଼ିଆସିଥିଲା। ସିପୁନ ନଦୀରୁ ବାହାରି ପାରି ନ ଥିଲେ ଓ ପ୍ରଖର ସୁଅରେ ବୁଡ଼ିଯାଇ ଭାସି ଯାଇଥିଲେ। ସ୍ଥାନୀୟ ଲୋକ ଓ ପ୍ରଶାସନ ପକ୍ଷରୁ ନିଖୋଜ ଯୁବକଙ୍କ ତଲାସୀ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ରାଇଶୋଳ ଜଙ୍ଗଲରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ରାସଗୋବିନ୍ଦପୁର,୧୬।୮ (ସମିସ):** ନାକିଚୁଆ ପଞ୍ଚାୟତ ଅନ୍ତର୍ଗତ ରାଇଶୋଳ ଗ୍ରାମ ନିକଟ ଜଙ୍ଗଲରୁ ଜଣେ ୧୮ ବର୍ଷୀୟା ଯୁବତୀଙ୍କ ଝୁଲନ୍ତା ମୃତଦେହ ମିଳିବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତ ଯୁବତୀ ମାଇନ ହାଁସଦା ବୋଲି ଜଣାପଡ଼ିଛି। ତେଲକୁଣ୍ଡି ଗ୍ରାମର ମାଇନ ହାଁସଦା କାର୍ତ୍ତିକ ମୁର୍ମୁଙ୍କୁ ପ୍ରେମ ବିବାହ କରି ରାଇଶୋଳ ଗ୍ରାମରେ ରହୁଥିଲେ। ରବିବାର ସକାଳେ କିଛି ଲୋକ ଛତୁ ଖୋଜିବା ପାଇଁ ରାଇଶୋଳ ଜଙ୍ଗଲକୁ ଯାଇଥିବାବେଳେ ଜଙ୍ଗଲ ମଧ୍ୟରେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ପରେ ଘଟଣାଟି ପ୍ରଘଟ ହୋଇଥିଲା। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଝିଅର ମୃତଦେହ ଦେଖି ବାପା ବାଇଧର ହାଁସଦା ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଶ୍ୱାଇଁଘର ଲୋକେ ତାଙ୍କ ଝିଅକୁ ମାରି ଜଙ୍ଗଲରେ ଝୁଲାଇ ଦେଇଥିବା ବାଇଧର ଅଭିଯୋଗ କରିଛନ୍ତି।

## ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଉଦଘାଟିତ

**ବିଶୋଇ,୧୬।୮ (ସମିସ):** ସ୍ୱାଧୀନତା ଦିବସ ପାଳନ ଅବସରରେ ବିଶୋଇ ବ୍ଲକରେ ବିଭିନ୍ନ ପ୍ରକଳ୍ପ ଉଦଘାଟନ ହୋଇଛି। ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ୩୦ ଲକ୍ଷ ଟଙ୍କାର ବ୍ୟୟରେ ନିର୍ମିତ ସହିଦ ବିର୍ସାମୁଣ୍ଡା ଭବନର ଉଦଘାଟନ ହୋଇଛି। ସାରସକଣା ବିଧାୟକ ଭାଦବ ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଭବନର ଉଦଘାଟନ କରିଥିଲେ। ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମସ୍ତ ପ୍ରକାର



ସରକାରୀ ସ୍ତରୀୟ ବୈଠକ ନିମନ୍ତେ ଦୁଇଟି ସଭାଗୃହ ବିଶିଷ୍ଟ ଏହି ନୂତନ ବିଲ୍ଡିଂ ନିର୍ମାଣ କରାଯାଇଛି। ସେହିପରି ବିଧାୟକଙ୍କ ଦ୍ୱାରା ଯୋଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଜାମିରଡ଼ିହା ଛକଠାରେ ଏକ ନୂତନ ମାର୍କେଟ କମ୍ପ୍ଲେକ୍ସର ଉଦଘାଟନ ହୋଇଛି। ଏ ସମୟରେ ଯୋଡ଼ିଆ ପଞ୍ଚାୟତର ସରପଞ୍ଚ ସାବିତ୍ରୀ ସୋରେନ, ସମିତିସଭ୍ୟ ଚାନ୍ଦ୍ରାୟ ସୋରେନ, ବ୍ଲକ ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ବିଡିଓ ସୁମନରାଜା ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ଆଇନଜୀବୀ ସଞ୍ଜୀବ ମହାନ୍ତି, ତହସିଲଦାର ସତ୍ୟବାନ ନାୟକ, ବିଧାୟକ ପ୍ରତିନିଧି ଜୁରିଲାଲ ମହାନ୍ତ, ସମାଜସେବୀ ବନମାଳୀ ଗିରି, ସାଂସଦ ପ୍ରତିନିଧି ଉମାକାନ୍ତ ନନ୍ଦ, ଖଡ଼ମବେଡା ସରପଞ୍ଚ ସୋମବାରୀ ସିଂ, ସମିତିସଭ୍ୟା ବାସନ୍ତୀ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।













**ଶୁଳିଆପଦା:** ଶୁଳିଆପଦା ବ୍ଲକ୍ ପରିସରରେ ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଅଧ୍ୟକ୍ଷା ପାନମଣୀ ମାରାଣ୍ଡି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁଳିଆପଦା ବିଡିଓ ଲକ୍ଷ୍ମୀସାଗର ମାଝୀ, ବ୍ଲକ୍ ଉପାଧ୍ୟକ୍ଷ ଜ୍ୟୋତିଲାଲ ବାରିକ, ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁ ପ୍ରମୁଖ ଉପସ୍ଥିତ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ। ବ୍ଲକ୍ ଅଧୀନ କାଣିମହୁଲୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଆରତୀ ଟୁଡୁ ବନ୍ଦେ ମାତରମ୍ ଗାନ କରିଥିବାବେଳେ ସ୍ଥାନୀୟ ଶୁଳିଆପଦା ସରକାରୀ ଉଚ୍ଚବିଦ୍ୟାଳୟର ଜୁନିୟର ରେଡକ୍ରସ୍ ଟିମ୍ ଅତିଥିଙ୍କୁ ଗାର୍ଡ ଓଫ୍ ଅନର୍ ପ୍ରଦାନ କରିଥିଲେ। ସେହିପରି ତହସିଲ, ଥାନା, ବିଭିନ୍ନ ଶିକ୍ଷାନୁଷ୍ଠାନ ସ୍କୁଲ ଓ କଲେଜ, ବ୍ୟବସାୟ ପ୍ରତିଷ୍ଠାନ ଆଦି ସମସ୍ତେ ଆନନ୍ଦ ଉଲ୍ଲାସରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା।

**ବଡ଼ସାହି:** ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ବଡ଼ସାହି ବ୍ଲକ୍‌ସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବ୍ଲକ ଅଧ୍ୟକ୍ଷା ମିନତୀ ସିଂ ସଭାପତିତ୍ୱ କରିଥିବାବେଳେ ବଡସାହି ବିଧାୟକ ସନାତନ ବିଜୁଳି ମୁଖ୍ୟଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଉଦ୍‌ବୋଧନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବଡ଼ସାହି ପଞ୍ଚାୟତ ସମିତି ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ବିଡିଓ ବନଜା ଦାସ, ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ଏବିଇଓ ଅଭିରାମ ନାଏକ, ବଡ଼ସାହି ଥାନା ଆଇଆଇସି ସୁଦାମ ଚରଣ ନନ୍ଦୀ, ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁବର୍ଣ୍ଣ ଜେନା, ଓଏଭିର ପ୍ରଧାନ ଶିକ୍ଷୟିତ୍ରୀ ଦେବୀପ୍ରତିମା ଜେନା, ଜାତୀୟ ଦିବସ ପାଳନ କମିଟି କାର୍ଯ୍ୟକାରୀ ସଭାପତି ରଣଜିତ ଦାସ, ସାଂସଦ ପ୍ରତିନିଧି ଶଶୀଶେଖର ପଣ୍ଡା, ସବଇନ୍ସପେକ୍ଟର ନିରଞ୍ଜନ ସେଠୀ ଯୋଗ ଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ପ୍ୟାରେଡରେ ଅଂଶଗ୍ରହଣ କରିଥିଲେ। ପ୍ୟାରେଡରେ ପିସି ହାଇସ୍କୁଲ, ତାଳପଦା, ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ବଡ଼ସାହି ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବଡ଼ସାହି ମନ୍ଦିରସାହି ଯଥାକ୍ରମେ ସିନିଅର, ଜୁନିଅର୍ ଓ ସବ୍‌ଜୁନିଅର୍ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶୈକ୍ଷିକ ବିଷୟରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଗତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ବ୍ଲକ୍ ସ୍ତରରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରିୟଙ୍କା ବେହେରା, ସଙ୍କେତ ପାତ୍ର, ସୁଭଦ୍ରା ଦଣ୍ଡପାଟଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ତୋଫାନ୍ ବିଶ୍ୱାଳ, ଶୁଭ୍ରଜିତ ଦଣ୍ଡପାଟ ଓ ଲଳିତ ମହାନ୍ତି ପରିଚାଳନା କରିଥିବାବେଳେ ରଣଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଛକ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ତହସିଲଦାର ବିଶ୍ୱନାଥ ବିଶ୍ୱାଳ ପତାକା ଉତ୍ତୋଳନ କରିଥିଲେ।

**ଖୁଣ୍ଟି:** ଶୁକ୍ଳି ବ୍ଲକ ଅନ୍ତର୍ଗତ ଖୁଣ୍ଟିରେ ଅବସ୍ଥିତ ଶିକ୍ଷାନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ମା' କିଚକେଶ୍ୱରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ମୁକେଶ ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ମୁଖ୍ୟଅତିଥି ଭାବେ ସମାଜସେବୀ ଜୟଶଙ୍କର ନାଏକ ଯୋଗ ଦେଇଥିଲେ। ସ୍ଥାନୀୟ ମା' କିଚକେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସୁଧାକାନ୍ତ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ବିଶୋଇ:** ବିଶୋଇ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ସ୍ଥାନୀୟ ବିଶୋଇ ସରକାରୀ ଉଚ୍ଚବିଦ୍ୟାଳୟ ପଡିଆରେ ପାଳିତ ହୋଇଛି। ସାରସକଣା ବିଧାୟକ ଭାଦବ ହାଁସଦା ମୁଖ୍ୟଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରି ସ୍ୱାଧୀନତା ଦିବସ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ସୁମନ ରାଜା ମହାନ୍ତି, ତହସିଲଦାର ସତ୍ୟବାନ ନାୟକ, ବ୍ଲକ ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ବିଇଓ କପିଳେନ୍ଦ୍ର ଦାସ, ବରିଷ୍ଠ ଆଇନଜୀବୀ ସଞ୍ଜୀବ ମହାନ୍ତି, ବିଧାୟକ ପ୍ରତିନିଧି ଜୁରିଲାଲ ମହାନ୍ତ, ବିଶୋଇ ଥାନା ଅଧିକାରୀ ସୁବର୍ଣ୍ଣ ବେହେରା, ବିଶୋଇ ସରପଞ୍ଚ କରୁଣା ସାଗର ମାରାଣ୍ଡି, ସମିତି ସଭ୍ୟ କାଶୁ ମାଝୀ, ଖଡ଼ମବେଡା ସରପଞ୍ଚ ସୋମବାରୀ ସିଂ ପ୍ରମୁଖ ଯୋଗ ଦେଇଥିଲେ। ବିଶୋଇ ସରକାରୀ ଏସ୍‌ଏସ୍‌ଡି ଉଚ୍ଚବିଦ୍ୟାଳୟ ଏନସିସି ଶିକ୍ଷକ ରାହୁଲ ନାଏକଙ୍କ ତତ୍ତ୍ୱାବଧାନରେ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ଜୁନିୟର, ସବଜୁନିୟର, ସିନିୟର, ଏନସିସି, ଗାଇଡ଼ ଓ ରେଡ଼କ୍ରସ ବିଭାଗର ୨୨ଟି ପ୍ଲାଟୁନ ପ୍ୟାରେଡ଼ ପରିବେଷଣ କରିଥିଲେ। ଶିକ୍ଷକ ଚୈତନ୍ୟ ଗିରି ମଞ୍ଚ ପରିଚାଳନା କରିଥିବାବେଳେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ତପନ ପଲେଇ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ର, ଜିପିଡ଼ିଇଓ ହରେଶ ନାଏକ, ଆରଏଚ ଅଧିକାରୀ ଜଗନ୍ନାଥ ମହାନ୍ତି, ବ୍ଲକ ପେସା ସଂଯୋଜକ କ୍ରିଷ୍ଣା କଛପ ସହଯୋଗ କରିଥିଲେ।

**ଠାକୁରମୁଣ୍ଡା/ମହୁଲଡିହା:** ୮୦ତମ ସ୍ୱାଧୀନତା ଦିବସ ଉତ୍ସାହ ଠାକୁରମୁଣ୍ଡା ବ୍ଲକରେ ପାଳନ କରାଯାଇଛି। ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପଡ଼ିଆରେ ଆୟୋଜିତ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେ ଦେଶର ସ୍ୱାଧୀନତା ପାଇଁ ତ୍ୟାଗ ଓ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରିବା ସହ ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ଦାସ, ଠାକୁରମୁଣ୍ଡା ଫରେଷ୍ଟର ବିଦ୍ୟାଧର ମହାନ୍ତ, ଠାକୁରମୁଣ୍ଡା ଥାନା ଆଇଆଇସି ଶରତ ମହାଳିକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କାର୍ମିଲା ଲାକରାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ସରକାରୀ କର୍ମଚାରୀ, ଛାତ୍ରଛାତ୍ରୀ ଓ ବହୁ ସଂଖ୍ୟକ ସାଧାରଣ ଲୋକ ଉପସ୍ଥିତ ଥିଲେ। ସ୍ୱାଧୀନତା ଦିବସ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଆକର୍ଷଣୀୟ ପ୍ୟାରେଡ୍ ପ୍ରଦର୍ଶନ କରାଯାଇଥିଲା। ପ୍ୟାରେଡ ପ୍ରତିଯୋଗିତାର ସିନିୟର ଓ ସବଜୁନିୟର ବିଭାଗରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଏସଏସଡ଼ି ସ୍କୁଲର ଏନସିସି ୟୁନିଟ, ଜୁନିୟର ବିଭାଗରେ ହେରିଟେଜ ଇଂଲିଶ ମିଡିୟମ ସ୍କୁଲ ଟ୍ରଫି ସହ କୃତକାର୍ଯ୍ୟ ହୋଇଥିଲେ। ଏଥିସହ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଦେଶଭକ୍ତିମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ଶେଷରେ ପ୍ୟାରେଡ୍ ଓ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଆନନ୍ଦପୁର ରିଂରୋଡରେ ଘାଇହେବା ଘଟଣା

# ଜଳସମ୍ପଦ ବିଭାଗ ନାମରେ ଏତଲା

ଆନନ୍ଦପୁର,୧୬।୮ (ସମିସ)




ବୈତରଣୀ ନଦୀର ଉପରେ ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ନଦୀର ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରି ଜୁଲାଇ ୨୮ ତାରିଖ ବିଳମ୍ବିତ ରାତିରେ ଆନନ୍ଦପୁର ରିଂରୋଡରେ ୫୦ ଫୁଟରୁ ଅଧିକ ଲମ୍ବର ଘାଇ ସୃଷ୍ଟି ହୋଇଥିଲା। ଏଥିରେ ପୌରାଞ୍ଚଳର ୩ଟି ୱାର୍ଡ ବହୁମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଘାଇରେ ଗାଡ଼ି ଭାସିଯାଇ ପୁଅର ମୃତ୍ୟୁ ହୋଇଥିବା ବେଳେ ବାପ ଗୁରୁତର ହୋଇଥିଲେ। ଏହି ଘଟଣା ରାଜ୍ୟରେ ଏକ ଚର୍ଚ୍ଚାର ବିଷୟ ହେବାସହ ଚଳିତ ବୈତରଣୀ ବନ୍ୟା ପ୍ରଥମ ମୃତ୍ୟୁ ନେଇଥିଲା। ବନ୍ଧ ଭାଙ୍ଗିବା ପରେ ଏକପ୍ରକାର ସ୍ପଷ୍ଟ ହୋଇଛି ଯେ, କେବଳ କାଗଜପତ୍ରରେ ନଦୀ ବନ୍ଧ ମରାମତି ହେଉଥିଲା ବୋଲି ଦୁର୍ନୀତି ବିରୋଧୀ ପ୍ରତିଶ୍ରୀଳ ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ସାହୁ କହିଛନ୍ତି। ଏନେଇ ଆନନ୍ଦପୁର ଥାନାରେ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଏତଲା ଦେଇ ଶ୍ରୀ ସାହୁ ନିଜ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ଜୁଲାଇ ୨୮ ତାରିଖ ବନ୍ଧ ଭାଙ୍ଗିବା ପରେ ବିଭାଗ ଏହାର ମରାମତି ପାଇଁ ଆଦୌ ତତ୍ପର ନ ଥିଲା। ଅଗଷ୍ଟ ୩ ତାରିଖରେ ବିଭାଗୀୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରିବା ସହ ୭ ଦିନ ମଧ୍ୟରେ ଏହାର ମରାମତି ଶେଷ ହେବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେହିପରି କେନ୍ଦୁଝର ସାଂସଦ ଅନନ୍ତ ନାୟକ ଘାଇସ୍ଥଳ ପରିଦର୍ଶନ କରି ତୁରନ୍ତ ମରାମତି ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ଗତ ୫ ତାରିଖରେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ତୁରନ୍ତ ଘାଇ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଘଟଣା ଘଟିବାର ୧୫ ଦିନ ପରେ ଘାଇ ମରାମତି ହୋଇ ନଥିବା କାରଣରୁ ଗତ ୧୩ ତାରିଖ ରାତି ୭ଟା ପରେ ପୁଣି ଆନନ୍ଦପୁର ସହରକୁ ବନ୍ୟା ପାଣି ପଶିଥିଲା। ଏଥିରେ ଦ୍ୱିତୀୟ ଥର ଧନ, ସମ୍ପତ୍ତି ନଷ୍ଟ ହୋଇଥିଲା। ଶାସକ ଗୋଷ୍ଠି ନେତାଙ୍କ ପ୍ରରୋଚନାରେ ଦଳୀୟ କର୍ମୀଙ୍କ ଦ୍ୱାରା ଘାଇ ମରାମତି ମହଙ୍ଗା ପଡ଼ିଲା ଏବଂ ଏହି ଘାଇ ବିଭାଗୀୟ ଅଧିକାରୀ କୃତ ବୋଲି ଶ୍ରୀ ସାହୁ କଟାକ୍ଷ କରି କହିଛନ୍ତି। ପୌରାଞ୍ଚଳର ଯେଉଁ ୩ଟି ୱାର୍ଡ ଏହି ଘାଇ ଯୋଗୁଁ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି ସେମାନଙ୍କୁ ଏପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳିନାହିଁ। ବିଭାଗୀୟ ଅଧିକାରୀଙ୍କୁ ମୌସୁମୀ ଆସିବା ଓ ବନ୍ୟା ସମ୍ପର୍କରେ ଢେର୍ ପୂର୍ବରୁ ସୂଚନା ଥିଲା। ତେବେ କାର୍ଯ୍ୟରେ ଅବହେଳା ଓ ସୂଚନାକୁ ଅଣଦେଖା କରିବା ଯୋଗୁ ଏଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ଧର ସୁରକ୍ଷା କଥା ଚିନ୍ତା ନକରି କାର୍ଯ୍ୟରେ ଅବହେଳା କରିଥିବାରୁ ଅଭିଯୁକ୍ତ ଅଧିକାରୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ସାହୁ ଦାବି କରିଛନ୍ତି। ନିଜେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ୭ ଦିନର ମହଲତ ନେଇଥିବା ବେଳେ କାର୍ଯ୍ୟ ଆଶାନୁରୂପକ ଭାବେ ଆରମ୍ଭ ହୋଇ ନ ଥିଲା। ଯେଉଁଥିପାଇଁ ପୁନର୍ବାର ଏଭଳି ଅବସ୍ଥା ଆନନ୍ଦପୁର ସହରବାସୀଙ୍କୁ ଭୋଗିବାକୁ ପଡ଼ିଲା। ଅପରପକ୍ଷରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଓ ମନ୍ତ୍ରୀ ଶ୍ରୀ ରବି ନାୟକଙ୍କ ନିର୍ଦ୍ଦେଶକୁ ଅଧିକାରୀମାନେ ଅମାନ୍ୟ କରିବା ସେମାନଙ୍କ ପାରିବାପଣିଆକୁ ଉଦାରେ ପକାଉଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିଲେ ପୂର୍ବତନ ବିଧାୟକ



ମୋରଡା,୧୬।୮(ସମିସ): ଲଗାଣ ବର୍ଷାରେ ମୋରଡା, ରାସଗୋବିନ୍ଦପୁର ଓ ଶୁଳିଆପଦା ବ୍ଲକର ବହୁ ଲୋକଙ୍କ ଘରେ ପାଣି ପଶି ଥିବାବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ମୋରଡା ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର ପୂର୍ବତନ ବିଧାୟକ ରାଜକିଶୋର ଦାସ ମୋରଡା ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ହଳଦୀପାଳ ପଞ୍ଚାୟତର ସମାଗଡ଼ିଡ଼ିରେ ବହୁ ପରିବାର କେନାଲ ପାଣି ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ରାସ୍ତାରେ ପାଲ ଟାଙ୍ଗି ରହିଥିଲେ। ଶ୍ରୀ ଦାସ ସମାଗଡ଼ିଡ଼ି ଗାଁକୁ ଯାଇ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିବାବେଳେ ବିଡିଓଙ୍କୁ କହି ରନ୍ଧା ଖାଦ୍ୟ ଯୋଗାଇଛନ୍ତି। ଶ୍ରୀ ଦାସଙ୍କ ସହିତ କ୍ଷିତୀଶ ମହାନ୍ତ, ରାମାଇ ମରାଣ୍ଡି, ଅମୁଲ୍ୟ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## କର୍କଟ ରୋଗୀଙ୍କ ପାଇଁ ପ୍ଲେଟଲେଟ ଦାନ

ବାରିପଦା, ୧୬।୮(ସମିସ): ସ୍ୱାଧୀନତା ଦିବସ ଅବସରରେ ବାରିପଦାର ନିୟମିତ ରକ୍ତଦାତା ଡଃ ନିରୋଜ କୁମାର ପୋଥାଲ କଟକସ୍ଥ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସସିବି) ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ କର୍କଟ ରୋଗୀଙ୍କ ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ସେ ନିଜର ପ୍ଲେଟଲେଟ ଦାନ କରିଛନ୍ତି। ଡଃ ନିର୍ମଳା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବେଧାନରେ ସୌଭାଗ୍ୟ ମଞ୍ଜରୀ ଦ୍ୱିବେଦୀଙ୍କ ଦ୍ୱାରା ଏହି ପ୍ଲେଟଲେଟ ସଂଗ୍ରହ ପ୍ରକ୍ରିୟା ସମ୍ପାଦିତ ହୋଇଥିଲା। ଏ ସମୟରେ କଟକର ବିଶିଷ୍ଟ ସମାଜସେବୀ ଲଳିତ ରାୟ, ଦେବୀ ପ୍ରସନ୍ନ ଜେନା ଓ ରବୀନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ଡଃ ପୋଥାଲଙ୍କୁ ଉତ୍ସାହିତ କରିବା ସହ ସହଯୋଗ କରିଥିଲେ। ଡଃ ପୋଥାଲ ପୂର୍ବରୁ ବହୁବାର ବାରିପଦାରୁ କଟକ ଓ ଭୁବନେଶ୍ୱର ଆସି ଡେଙ୍ଗୁ, କ୍ୟାନ୍ସର ଓ ବୋନ୍-ମେରୋ ରୋଗରେ ଆକ୍ରାନ୍ତ ଗୁରୁତର ରୋଗୀଙ୍କ ପାଇଁ ନିୟମିତ ଭାବେ ପ୍ଲେଟଲେଟ ଓ ରକ୍ତ ଦାନ କରିଆସୁଛନ୍ତି।




## ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ମନ୍ତ୍ରୀ



ରାସଗୋବିନ୍ଦପୁର, ୧୬।୮ (ସମିସ): ଲଗାଣ ବର୍ଷା ଓ ବନ୍ୟାରେ ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ ଅଞ୍ଚଳ ପ୍ରଭାବିତ ହୋଇଥିବା ବେଳେ ରବିବାର ଅପରାହ୍ନରେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି ଗ୍ରାମ୍ୟ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ମନ୍ତ୍ରୀ ପ୍ରଥମେ ମୋରଡ଼ା ନିର୍ବାଚନମଣ୍ଡଳୀର ମୋରଡ଼ା ବ୍ଲକର ବନ୍ୟା ପ୍ରଭାବିତ ଗ୍ରାମ ପରିଦର୍ଶନ କରିବା ପରେ ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ ବନ୍ୟାଞ୍ଚଳରେ ପହଞ୍ଚିଥିଲେ। ସାନନଦୀର ବନ୍ୟାରେ ପ୍ରଭାବିତ ସାରୁମୂଳ, ପାରୁଳିଆ, ପୁରୁଣାପାଣି, ରାଇଡିହା, ଚିଙ୍ଗଡ଼ାବନ୍ଧ ଗୋବରା ଓ ପରମା ଖାଳ ଅଞ୍ଚଳର ସମେତ ବିଭିନ୍ନ ସ୍ଥାନରେ ସ୍ଥିତି ଅନୁଧ୍ୟାନ କରିଥିଲେ।"ସେହିପରି ଜାମ୍ବୀରା ନଦୀର ବନ୍ୟା ଯୋଗୁଁ ପ୍ରଭାବିତ ରାଘବପୁର ପଞ୍ଚାୟତର ଏକତାଳି, ଭଇରଙ୍ଗୀ, ତୁଟାପଡ଼ା ପଞ୍ଚାୟତର ହାଣ୍ଡିଧୁଆ, ସାନମାଣିଦା ପଞ୍ଚାୟତର ପିଙ୍ଗୁଡ଼ି ଓ ଖୁଣ୍ଟାପାଳ ପଞ୍ଚାୟତର ଗମ୍ଭାରିଆ ଆଦି ଅଞ୍ଚଳକୁ ମନ୍ତ୍ରୀ ପରିଦର୍ଶନ କରିଥିବା ଜଣାପଡ଼ିଛି। ଏହି ଅବସରରେ ବନ୍ୟାରେ କ୍ଷତିଗ୍ରସ୍ତ ପରିବାର ଓ ସ୍ଥାନୀୟ ଲୋକଙ୍କ ସହ ମନ୍ତ୍ରୀ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯିବା ସହ ବନ୍ୟାରେ ଭାଙ୍ଗିଯାଇଥିବା ଘାଇ ଓ ରାସ୍ତାଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବ ବୋଲି ସେ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରିଦର୍ଶନ ସମୟରେ ରାସଗୋବିନ୍ଦପୁର ବିଡିଓ ଅନନ୍ତ କୁମାର ହାଁସଦା, ତହସିଲଦାର ଉପେନ୍ଦ୍ର କୁମାର ଦାସଙ୍କ ସମେତ ମୟୂରଭଞ୍ଜ ଜଳସେଚନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର ଓ ରାସ୍ତାଘାଟ ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ମନ୍ତ୍ରୀ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

### ଉଦଳା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

## ବାଲିଆପାଳଠାରୁ ବିଜୟୱାଡ଼ା ପର୍ଯ୍ୟନ୍ତ ନୂତନ ରେଳପଥ ନିର୍ମାଣ ଦାବି




ଉଦଳା,୧୬।୮(ସମିସ): ବାଲିଆପାଳଠାରୁ ବିଜୟୱାଡ଼ା ୧୦୫୦ କିମି ନୂତନ ରେଳପଥ ନିର୍ମାଣ ନିମନ୍ତେ ଆଜି ଉଦଳା ବିଜୁ ଜନତା ଦଳ ପକ୍ଷରୁ ଉଦଳା ବିଜୁ ଜନତା କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଉକ୍ତ ସମ୍ମିଳନୀ ପୂର୍ବତନ ଉଦଳା ବିଧାୟକ ଶ୍ରୀନାଥ ସରେନଙ୍କ ନେତୃତ୍ୱରେ ହୋଇଥିବାବେଳେ କେନ୍ଦ୍ରୀୟ ଓଡ଼ିଶା ରେଳପଥ କ୍ରିୟାନୁଷ୍ଠାନ କମିଟିର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଉକ୍ତ ରେଳପଥ ଓଡ଼ିଶାର ବାଲିଆପାଳଠାରୁ ଭାୟା ବସ୍ତା, ହରିପୁର, ମେରଦା, ବେତନଟୀ, ବଡ଼ସାହି, ଉଦଳା, କପ୍ତିପଦା, ଶରତ, ଦୈତାରୀ, ଘଟଗାଁ, ବୌଦ୍ଧ, ସୁବର୍ଣ୍ଣପୁର (ସୋନପୁର), ଭବାନୀପାଟଣା, ନବରଙ୍ଗପୁର, ବାଲିମେଳା, ମାଲକାନାଗିରି, ଭେଲାରପଡ୍ଡୁ, ଟି. ନରସାପୁରମ ଓ ଓନଜଭିଡ଼ ହୋଇ ଆନ୍ଧ୍ରର ବିଜୟୱାଡ଼ା ପର୍ଯ୍ୟନ୍ତ ନୂତନ ରେଳ ଲାଇନ ନିର୍ମାଣ ନେଇ ସରକାରଙ୍କ ଦୃଷ୍ଟି ଗୋଚର କରିବା ସହିତ କେମିତି ସମ୍ଭବପର ହେଇପାରିବ ଆଲୋଚନା କରାଯାଇଥିଲା। ଉକ୍ତ ରେଳପଥ ଦ୍ୱାରା ଆମ ରାଜ୍ୟ ଓଡ଼ିଶାର ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ସମେତ ବଙ୍ଗୋପସାଗର ସୀମା ପାଖକୁ ଲାଗି ଏକାଧିକ ରେଳ ଲାଇନ ଥିବାବେଳେ କେନ୍ଦ୍ରୀୟ ଓଡ଼ିଶାର ଦୂରଦୂର ପର୍ଯ୍ୟନ୍ତ ରେଳ ଲାଇନ୍ ନ ଥିବା ଦୁର୍ଭାଗ୍ୟଜନକ। କେନ୍ଦ୍ରୀୟ ଓଡ଼ିଶା ମଧ୍ୟଦେଇ ବାଲିଆପାଳ (ବଙ୍ଗୋପସାଗର ସମୁଦ୍ର କୂଳ)ଠାରୁ ଆନ୍ଧ୍ରର ବିଜୟୱାଡ଼ା ପର୍ଯ୍ୟନ୍ତ ନୂତନ ରେଳ ଲାଇନ କରାଗଲେ ଓଡ଼ିଶାର ମେଡ଼ିକାଲ କଲେଜ, ଆଇଆଇଟି, ଏଆଇଆଇଏମଏସ, ଇଂଜିନିୟରିଂ କଲେଜ, ସରକାରୀ ଓ ବେସରକାରୀ +୨, +୩ କଲେଜ, ବିଶ୍ୱବିଦ୍ୟାଳୟ, ଡିପ୍ଲୋମା, ନର୍ସି କଲେଜ, ଜଙ୍ଗଲଜାତ ଦ୍ରବ୍ୟର ବଜାର, ପାହାଡ଼ ପର୍ବତମାଳା, ଝରଣା, ଖଣି, ପାଣି, ଜଙ୍ଗଲ, ବନ୍ଦର, ବିମାନ ବନ୍ଦରର ସଂଯୋଗ, ଛୋଟ ବଡ଼ ସହର ଗଢି ଉଠିବା, ଅଭୟାରଣ୍ୟ, ଜୀବ ସଂରକ୍ଷଣ ବ୍ୟବସ୍ଥା, ଜଳ ପ୍ରପାତ, ଜଳ ଭଣ୍ଡାର, ଗମନାଗମନର ସୁବିଧା ଓ ସୁଯୋଗ ସୃଷ୍ଟି ହେବ। ଓଡ଼ିଶାର ପ୍ରତ୍ୟେକଟି କୋଣ ଅନୁକୋଣର ବ୍ୟକ୍ତିଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ ହେବ। ତେଣୁ ବାଲିଆପାଳରୁ ବିଜୟୱାଡା ରେଳ ଲାଇନ ନିର୍ମାଣ କରାଯିବା ଉଚିତ ବୋଲି ମତ ପ୍ରକାଶ ପାଇଛି।

### ବିପଦ ସଙ୍କେତ ଉପରେ ଜମ୍ବୀରା ନଦୀ

## ପୁଣି ବନ୍ୟା ଆଶଙ୍କା, ଆତଙ୍କିତ ତଳି ଅଞ୍ଚଳବାସୀ



ରାସଗୋବିନ୍ଦପୁର,୧୬।୮ (ସମିସ): ଲଗାଣ ବର୍ଷା ଯୋଗୁଁ ରାସଗୋବିନ୍ଦପୁର ବ୍ଲକ ମଧ୍ୟବର୍ତ୍ତୀ ଅଞ୍ଚଳ ଦେଇ ପ୍ରବାହିତ ଜମ୍ବୀରା ନଦୀର ଜଳସ୍ତର ପୁଣି ବିପଦ ସଂକେତ ଉପରରେ ପ୍ରଭାବିତ ହେଉଛି। ମାଥାନୀଠାରେ ନଦୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ଖବର ମିଳିବା ପରେ ନଦୀକୂଳ ଓ ତଳି ଅଞ୍ଚଳରେ ରହୁଥିବା ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ବଢ଼ିଛି। ଗତ ୧୩ ତାରିଖରେ ଜମ୍ବୀରା ନଦୀରେ ଆସିଥିବା ବନ୍ୟା ପରିସ୍ଥିତିରୁ ଲୋକେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମୁକୁଳି ପାରିନଥିବା ବେଳେ ପୁଣି ଲଗାଣ ବର୍ଷା ଆରମ୍ଭ ହୋଇଛି। ଫଳରେ ତଳି ଅଞ୍ଚଳବାସୀ ପୁଣି ଏକ ବଡ଼ ବନ୍ୟାର ଆଶଙ୍କାରେ ପ୍ରମାଦ ଗଣୁଛନ୍ତି। ପାଣିପାଗ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ପୂର୍ବ ସୂଚନା ଜାରି ହୋଇଥିବା ବେଳେ ରାସଗୋବିନ୍ଦପୁର ଅଞ୍ଚଳରେ ମଧ୍ୟ ତୁହାକୁ ତୁହା ବର୍ଷା ଲାଗିରହିଛି। ଏହି ବର୍ଷା ଜାରି ରହିଲେ ଜମ୍ବୀରା ନଦୀର ଜଳସ୍ତର ଆହୁରି ବଢ଼ି ଆଉ ଏକ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ, ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ପ୍ରଶାସନ ସଜାଗ ରହିଥିବା ବିଡିଓ ଅନନ୍ତ ହାଁସଦା ସୂଚନା ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ତଳି ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଓ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ପ୍ରଶାସନ ପ୍ରସ୍ତୁତ ଥିବା କୁହାଯାଇଛି। ଜମ୍ବୀରା ନଦୀର ଜଳସ୍ତର ଉପରେ ପ୍ରଶାସନ ପକ୍ଷରୁ ନିରନ୍ତର ନଜର ରଖାଯାଇଥିବା ବେଳେ ନଦୀକୂଳିଆ ଅଞ୍ଚଳର ଲୋକଙ୍କୁ ସତର୍କ ରହିବାକୁ ଅନୁରୋଧ କରାଯାଇଛି।

## ବନ୍ୟାଞ୍ଚଳରେ ଇନରହୁଇଲ କ୍ଲବ ପକ୍ଷରୁ ଖାଦ୍ୟ ବଣ୍ଟନ



ବାରିପଦା, ୧୬।୮(ସମିସ): ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ବାରିପଦା ସହରାଞ୍ଚଳର ତଳି ଅଞ୍ଚଳରେ ବାରିପଦା ଇନରହୁଇଲ କ୍ଲବ ସଦସ୍ୟା ପ୍ରଶାସନ ସହଯୋଗର ରନ୍ଧା ଖାଦ୍ୟ ସହ ପାଉଁରୁଟି, ବିସ୍କୁଟ ଭଳି ଶୁଖିଲା ଖାଦ୍ୟ ଓ ପାଣି ବଣ୍ଟନ କରିଥିଲେ। ସଭାପତି ସୁପ୍ରୀତି ଦଳବେହେରାଙ୍କ ନେତୃତ୍ୱରେ ସଂପାଦିକା ସଂଯୁକ୍ତା ଚାନ୍ଦ, କୋଷାଧ୍ୟକ୍ଷା ଶ୍ରାବଣୀ ଦାସ, ଉପସଭାପତି ନର୍ମଦା ନାୟକ, ଦୁର୍ଗାବତୀ ମହାପାତ୍ର, ପ୍ରାକ୍ତନ ସଭାପତି ପ୍ରଭାତି ମହାପାତ୍ର, ସଂଯୁକ୍ତା ଦାଶ, ସୁମନ ଅଗ୍ରୱାଲ, କବିତା ଦାସ ପ୍ରମୁଖ ଦେଉଳସାହି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେଇଥିବା ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ବଣ୍ଟନ କରିଥିଲେ।

## ବନ ବିଭାଗ ପକ୍ଷରୁ ଟର୍ଚ୍ଚ ଲାଇଟ ବଣ୍ଟନ



ତୁରୁମୁଙ୍ଗା,୧୬।୮(ସମିସ): ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳର ମଙ୍ଗଳପୁର, ଏରେଣ୍ଡେଇ ଓ କୁଆପଶି ଗ୍ରାମରେ ବନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇଛି। ଅନୁକମ୍ପା ଆପ୍ ମାଧ୍ୟମରେ ହାତୀପଲଙ୍କ ଦ୍ୱାରା ହୋଇଥିବା ଘର ଓ ଅନ୍ୟାନ୍ୟ କ୍ଷୟକ୍ଷତିର ତଥ୍ୟ ସଂଗ୍ରହ କରାଯାଇଛି। ହାତୀ ଉପଦ୍ରବ ଅଞ୍ଚଳରେ ରାତି ସମୟରେ ଲୋକଙ୍କ ସୁରକ୍ଷା ପାଇଁ ଟର୍ଚ୍ଚ ଲାଇଟ୍ ଯୋଗାଇଦେବା ଦାବିରେ ଗତ ଶୁକ୍ରବାର ଉତ୍ୟକ୍ତ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ସେତେବେଳେ ବନ ବିଭାଗ ପକ୍ଷରୁ ଦାବି ପୂରଣର ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରତିଶ୍ରୁତି ଅନୁଯାୟୀ ରବିବାର କ୍ଷତିଗ୍ରସ୍ତ ଅଞ୍ଚଳର ଲୋକଙ୍କୁ ବନ ବିଭାଗ ପକ୍ଷରୁ ଟର୍ଚ୍ଚ ଲାଇଟ୍ ପ୍ରଦାନ କରାଯାଇଛି। ସେହିପରି ହାତୀ ଆକ୍ରମଣରେ ରଜନୀ ମହାରଣାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାରୁ ତାଙ୍କୁ ଆଶ୍ରୟ ପାଇଁ ବନ ବିଭାଗ ପକ୍ଷରୁ ପଲିଥିନ୍ ପ୍ରଦାନ କରାଯାଇଛି। ସାଂସଦ ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ସହାୟତା ପ୍ରଦାନ କରାଯାଇଥିଲା। ପାଟଣା ବନପାଳ ନିରଞ୍ଜନ ସେଠୀ, ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଓ ଗୋରାଣ୍ଡିଯୋଡି ବନରକ୍ଷୀ ସାଗରିକା ବେଜ୍ କ୍ଷତିଗ୍ରସ୍ତ ଗ୍ରାମଗୁଡ଼ିକରେ ପହଞ୍ଚି ଲୋକଙ୍କୁ ଟର୍ଚ୍ଚ ଲାଇଟ୍ ପ୍ରଦାନ କରିଥିଲେ। ହାତୀ ଉପଦ୍ରବ ଯୋଗୁଁ ଭୟଭୀତ ହୋଇ ରହୁଥିବା ଗ୍ରାମବାସୀଙ୍କ ସୁରକ୍ଷା ଓ ରାତ୍ରିକାଳୀନ ଯାତାୟାତରେ ଏହି ଟର୍ଚ୍ଚ ଲାଇଟ୍ ସହାୟକ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥିରେ ସ୍ମୃତିସଭା



ତୁରୁମୁଙ୍ଗା,୧୬।୮(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ଅବସରରେ ରବିବାର ତୁରୁମୁଙ୍ଗାସ୍ଥିତ ବିଜେପି କାର୍ଯ୍ୟାଳୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଆୟୋଜିତ ଏହି ସ୍ମୃତିସଭାରେ ଉପସ୍ଥିତ ନେତା ଓ କର୍ମୀମାନେ ସ୍ୱର୍ଗତ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ, ବିଧାୟକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ସମାଜସେବୀ ଅନିଲ ଚାୱାଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ବିଜେପି କର୍ମୀ ଯୋଗଦେଇଥିଲେ।

## ଲଗାଣ ବର୍ଷାରେ ବ୍ୟାପକ କ୍ଷୟକ୍ଷତି

ତୁରୁମୁଙ୍ଗା,୧୬।୮(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅବିଶ୍ରାନ୍ତ ବର୍ଷା ଫଳରେ ବିଭିନ୍ନ ସ୍ଥାନରେ ମାଟି ଓ ଟାଇଲି ଘର ଭାଙ୍ଗିବା ସହବ୍ୟାପକ କ୍ଷୟକ୍ଷତି ଘଟିଛି। ବଡ଼ପାଟଣା ପଞ୍ଚାୟତ ସାଧୁପଡ଼ା ଗ୍ରାମର ନୀର ମହାନ୍ତଙ୍କ ଟାଇଲ ଘରଟି ପ୍ରବଳ ବର୍ଷାରେ ସମ୍ପୂର୍ଣ୍ଣ ଭାଙ୍ଗି ମାଟିରେ ମିଶିଯାଇଛି। ମୁରୁସୁଆଁ ପଞ୍ଚାୟତ ଅନ୍ତର୍ଗତ ଡେଣୁଆଁ ଗ୍ରାମର ସୁରେଶ ମାଟିଆଙ୍କ ଗୁହାଳ ଘରଟି ମଧ୍ୟ ଲଗାଣ ବର୍ଷାରେ ଭୁଶୁଡ଼ି ପଡ଼ିଛି। ପାଟଣା ତହସିଲ ଅଞ୍ଚଳରେ ସମୁଦାୟ ୧୮ ଟି ଘର ଭାଙ୍ଗିଥିବା ରାଜସ୍ୱ ବିଭାଗ ପକ୍ଷରୁ ସୂଚନା ମିଳିଛି। ବର୍ଷା ଜାରି ରହିଥିବା ସହ ଆସନ୍ତା କାଲି କେନ୍ଦୁଝର ଜିଲ୍ଲାକୁ ପ୍ରବଳ ବର୍ଷା ହେବାନେଇ ପାଣି ପାଗ ବିଭାଗ ପକ୍ଷରୁ ରେଡ଼ ୱାର୍ଣ୍ଣି ଜାରି କରାଯାଇଥିବାରୁ ଅଞ୍ଚଳର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଘରବାଡ଼ି ଓ ସମ୍ପତ୍ତି କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ସମସ୍ତ ପ୍ରକାର ସ୍ଥିତି ପାଇଁ ପ୍ରଶାସନ ସଜାଗ ହେବା ସହ ଲୋକଙ୍କୁ ସଚେତନ ରହିବା ପାଇଁ ପରାମର୍ଶ ଦେଇଛି।



## ବିଶୋଇ ବଜାରରେ ଆଲୋକୀକରଣ ବ୍ୟବସ୍ଥାର ଲୋକାର୍ପଣ

ବିଶୋଇ,୧୬।୮(ସମିସ): ବିଶୋଇ ପଞ୍ଚାୟତ କାର୍ଯ୍ୟାଳୟ ଆନୁକୂଲ୍ୟରେ ବିଶୋଇ ଓ କାଦୁଆଣି ଗ୍ରାମରେ ଆଲୋକୀକରଣ ବ୍ୟବସ୍ଥାର ଲୋକାର୍ପଣ ସହିତ ଏହାର ଶୁଭ ଉଦଘାଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱାଧୀନତା ଦିବସ ଅବସରରେ ବିଶୋଇ ବଜାରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶୋଇ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟଙ୍କ ଉପସ୍ଥିତରେ ବିଶୋଇ ସରପଞ୍ଚ କରୁଣା ସାଗର ମାରାଣ୍ଡି ଏହି ପ୍ରକଳ୍ପର ଲୋକାର୍ପଣ କରିବା ସହିତ ସୁଇଚ ଟିପି ଏହାର ଶୁଭ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁ ସ୍ମିତା ଦେଓ, ବରିଷ୍ଠ ଆଇନଜୀବୀ ସଞ୍ଜୀବ ମାହାନ୍ତି, ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ ସମେତ ବିଶୋଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ଜନ ସାଧାରଣ ଉପସ୍ଥିତ ଥିଲେ। ବିଶୋଇ ବଜାରକୁ ସମ୍ପୂର୍ଣ୍ଣ ଆଲୋକୀକରଣ କରିବା ପାଇଁ ଜନସାଧାରଣଙ୍କ ବହୁତ ଦିନର ଦାବି ରହି ଆସୁଥିବାବେଳେ ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡିଙ୍କ ଉଦ୍ୟମକ୍ରମେ ପଞ୍ଚାୟତ ପାଣ୍ଠି ବିନିଯୋଗରେ ଏହି ଆଲୋକୀକରଣ ବ୍ୟବସ୍ଥା ସମ୍ଭବ ହୋଇପାରିଛି। ଏହି ପ୍ରକଳ୍ପରର ବିଶୋଇ ବଜାର, ବିଶୋଇ ବଜାର ଠାରୁ ବିଶୋଇ ଗାଁ ମିନି ଷ୍ଟାଡିୟମ ଏବଂ ଆଦର୍ଶ ଗ୍ରାମ ମାନ୍ୟତା ପାଇଥିବା କାଦୁଆଣି ଗ୍ରାମରେ ଷ୍ଟ୍ରିଟ ଲାଇଟ ଦ୍?ାରା ଆଲୋକୀକରଣର ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ପଞ୍ଚାୟତର ଅନ୍ୟ ଗ୍ରାମ ରେ ଏହି ବ୍ୟବସ୍ଥାର ଶୁଭାରମ୍ଭ କରାଯିବ ବୋଲି ସରପଞ୍ଚ କହିଛନ୍ତି।



# ବଉଳା ନାଳ ଉପରେ ବାଉଁଶ ପୋଲ ନିର୍ମାଣ କଲେ ଗାଁ ଯୁବକ

ହାଟଡ଼ିହୀ,୧୬।୮ (ସମିସ)

ଦୀର୍ଘମାସ ବିତିଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ବଉଳା ନାଳ ଉପରେ ପୋଲଟିଏ ନିର୍ମାଣ ହୋଇ ନ ପାରିବାରୁ ମଲ୍ଲିପଶି ଓ ବଉଳା ଗାଁର ଉଭୟ ଯୁବଗୋଷ୍ଠୀ ମିଶି ଏକ ଅସ୍ଥାୟୀ ବାଉଁଶ ପୋଲ ନିର୍ମାଣ କରି ପ୍ରଶାସନର ଅବହେଳାକୁ ନିନ୍ଦା କରିଛନ୍ତି। ପ୍ରତିବର୍ଷ ଏହି ବର୍ଷାଋତୁରେ ବଉଳା ନାଳ

### ପୋଲ ନିର୍ମାଣ କରିବାରେ ଫେଲ୍ ମାରିଲା ପ୍ରଶାସନ



ଜଳପୂର୍ଣ୍ଣ ହୋଇଯାଏ। ବଢ଼ିଲା ନାଳରେ ପଶି ଯା'ଆସ କରିବାରେ ଗାଁ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗିଥା'ନ୍ତି। ନାଳ ଉପରେ ପୋଲ ନିର୍ମାଣ ପାଇଁ ଗତ ଦୁଇବର୍ଷ ପୂର୍ବରୁ ଟେଣ୍ଡର ସରିଥିଲେ ସୁଦ୍ଧା ବନବିଭାଗର ଅନୁମତି ଅଭାବରୁ ତାହା ନିର୍ମାଣ ହୋଇପାରୁନି। ଯାହାକି, କେନ୍ଦୁଝର ଜିଲ୍ଲାର ମଲ୍ଲିପଶି ଓ ମୟୁରଭଞ୍ଜ ଜିଲ୍ଲାର ବଉଳା ଗାଁ ଲୋକେ ବିଶେଷ ଭାବେ ହଇରାଣ ହେଉଛନ୍ତି। ହାଟଡ଼ିହୀ ବ୍ଲକର ଶେଷସୀମାରେ ରହିଥିବା କେ.ବାଲିପାଳ ପଞ୍ଚାୟତର ଅପହଞ୍ଚ ଇଲାକାରେ ଏହି ମଲ୍ଲିପଶି ଗାଁ ଅବସ୍ଥିତ। ସେଠାକୁ ଯିବା ହେଲେ ଭଲ ରାସ୍ତାଟିଏ ନ ଥିବାବେଳେ ବିନା ପୋଲର ବଉଳା ନାଳ ଗାଁ ଲୋକଙ୍କ ପାଇଁ ଅସୁବିଧାର ମୁଖ୍ୟ କାରଣ ସାଜିଛି। ଏହି ମଲ୍ଲିପଶି ଗାଁରେ ୫ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ସେମାନେ କୌଣସି କାର୍ଯ୍ୟନେଇ ନିଜ ପଞ୍ଚାୟତ କିମ୍ବା ଅନ୍ୟ କୌଣସି ସ୍ଥାନକୁ ଯିବା ପାଇଁ ଚାହିଁଲେ ବାମପାଶ୍ୱର୍ରେ ରହିଥିବା ବଉଳା ନାଳ ଏବଂ ଦକ୍ଷିଣ ପାଶ୍ୱର୍ରେ ମାଟିଆଟୁଆ ନାଳ ସେମାନଙ୍କ ଦୁଃଖର କାରଣ ସାଜିଛନ୍ତି। ଜରୁରୀକାଳୀନ ସ୍ଥିତିରେ ରୋଗୀକୁ ମେଡିକାଲ ନେବା ପାଇଁ ନାଳ ପାର କରି ଖଟିଆ ସାହାଯ୍ୟରେ ବୁହା ହୋଇ ଭଲ ରାସ୍ତାଯାଏଁ ନିଆ ହୋଇଥାଏ କ୍ଷ ଜଙ୍ଗଲିଆ ରାସ୍ତାରେ ଜୀବଜନ୍ତୁଙ୍କ ଭୟ ଲାଗି ରହୁଥିବା ବେଳେ ଏଭଳି ଦୁଃଖ ସେମାନଙ୍କ ପାଇଁ ଅଭିଶପ୍ତ ପାଲଟିଛି। ଏଭଳି ଅସୁବିଧାକୁ ଲକ୍ଷ୍ୟକରି ଉଭୟ ଜିଲ୍ଲାର ଗାଁ ଯୁବଗୋଷ୍ଠୀଙ୍କ ମଧ୍ୟରେ କାହ୍ନା କଣିମାଳ, ପଦ୍ମଲୋଚନ ବିନିଶିଆ, ବାପି ନାଏକ, ଦେବ ବିନିଶିଆ, ଆଦିତ୍ୟ ବିନିଶିଆ, ବନ୍ଧୁଆ ନାଏକ, ସତ୍ୟବାନ ବିନିଶିଆଙ୍କ ସମେତ ଗାଁର ଅନ୍ୟ ଯୁବକମାନେ ଏହି ବଉଳା ନାଳ ଉପରେ ବାଉଁଶ ଦ୍ୱାରା ଏକ ଅସ୍ଥାୟୀ ପୋଲ ନିର୍ମାଣ କରିଛନ୍ତି। ସେମାନଙ୍କ ପ୍ରତି ପ୍ରଶାସନର ଅବହେଳାକୁ ଯୁବଗୋଷ୍ଠୀ ଏବଂ ଗ୍ରାମବାସୀ ଘୋର ନିନ୍ଦା କରିଛନ୍ତି। ଆଗାମୀ ନିର୍ବାଚନ ପୂର୍ବରୁ ଏହି ନାଳ ଉପରେ ପୋଲଟିଏ ନିର୍ମାଣ ନହେଲେ ଭୋଟ୍ ବର୍ଜନ ଭଳି ନିଷ୍ପତ୍ତି ଗ୍ରହଣ କରିବାକୁ ସେମାନେ ବାଧ୍ୟ ହେବେ ବୋଲି କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖାଦେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଐତିହ୍ୟ

- ୧୮୫୮ - ହାୱାଇରେ ପ୍ରଥମ ବ୍ୟାଙ୍କ ଖୋଲାଗଲା।
- ୧୯୧୭ - ଇଟାଲୀ ତୁର୍କୀ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୯୭୮ - ତିନିଜଣ ଆମେରିକୀୟ ହଟ୍ ଏୟାର୍ ବେଲୁନ୍‌ରେ ଆଟ୍‌ଲାଣ୍ଟିକ୍ ସାଗର ପାର୍ ହେଲେ।
- ୧୯୮୨ - ସର୍ବପ୍ରଥମେ ଜର୍ମାନୀରେ ସିଡି କମ୍ପାକ୍ଟ ଡିସ୍କ ଉପଲବ୍ଧ ହେଲା।
- ୧୯୯୩ - ପ୍ରଥମ ଥର ସାଧାରଣ ଲୋକଙ୍କୁ ବକିଂହାମ୍ ପ୍ୟାଲେସ୍ ଭିତରକୁ ଯିବା ପାଇଁ ଅନୁମତି ଦିଆଗଲା।

## ପୋଖରୀରେ ପାଞ୍ଚବର୍ଷ



ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲ୍ଲାର ୧୬ ବର୍ଷ ବୟସ୍କ ଇକବାଲ ଶେଖ୍ ଏକ ବିରଳ ରୋଗରେ ପୀଡ଼ିତ, ଯେଉଁଥିପାଇଁ ତାଙ୍କୁ ବିଗତ ପାଞ୍ଚ ବର୍ଷ ହେଲାଣି ପୋଖରୀରେ ରହିବାକୁ ପଡୁଛି। ପାଣିରୁ ବାହାରକୁ ଆସିବା କ୍ଷଣି ତାଙ୍କ ଶରୀରରେ ପ୍ରବଳ ଜଳାପୋଡ଼ା ଅନୁଭୂତ ହୁଏ। ଅପରପକ୍ଷରେ ଦୀର୍ଘ ସମୟ ଧରି ସେ ପାଣିରେ ରହୁଥିବାରୁ ତାଙ୍କ ଆଙ୍ଗୁଠିଗୁଡ଼ିକ ପଚିବାକୁ ଲାଗିଲାଣି ଏବଂ ଚର୍ମ ଧଳା ପଡ଼ିଯାଇଛି। ତାଙ୍କ ପରିବାରର ଆର୍ଥିକ ସ୍ତରରେ ସ୍ୱଚ୍ଛଳ ନ ଥିବାରୁ ଇକବାଲଙ୍କର ଚିକିତ୍ସା ମଧ୍ୟ ହୋଇପାରୁନାହିଁ। ଇକବାଲ ଏକ ରୋଗ ଯୋଗୁଁ ପୋଖରୀରେ ରହିବାକୁ ବାଧ୍ୟ ହେଉଛନ୍ତି। ପାଣିରୁ ବାହାରକୁ ଆସିବା କ୍ଷଣି ତାଙ୍କ ଶରୀରରେ ଅସହ୍ୟ ଜଳାପୋଡ଼ା ହୁଏ, ଯେଉଁଥିପାଇଁ ସେ ନିଜ ଘରଦ୍ୱାର ଛାଡ଼ି ପୋଖରୀ ଭିତରେ ଜୀବନ ବିତାଉଛନ୍ତି। ପାଣିରୁ ବାହାରିଲେ ତାଙ୍କର ମୃତ୍ୟୁ ହୋଇଯିବ ବୋଲି ସେ କହୁଛନ୍ତି। ଯେଉଁ ବୟସରେ ପିଲାମାନେ ସ୍କୁଲ୍ ଯାଆନ୍ତି ଏବଂ ଖେଳକୁଦ କରନ୍ତି, ସେହି ବୟସରେ ଇକବାଲ୍ ଘଣ୍ଟା ଘଣ୍ଟା ଧରି ପୋଖରୀରେ ପହଁରୁଥାନ୍ତି। ତାଙ୍କ ପରିବାର ଲୋକେ କୁହନ୍ତି ଯେ, ଯଦି ସେ ପାଣିରୁ ସାମାନ୍ୟ ମଧ୍ୟ ବାହାରକୁ ଆସେ, ତେବେ ତାଙ୍କ ଶରୀରରେ ଜଳାପୋଡ଼ା ଆରମ୍ଭ ହୋଇଯାଏ। ସେ କେବଳ ୪-୫ ଘଣ୍ଟା ନୁହେଁ, ବରଂ ସପ୍ତାହ ସାରା ପାଣି ଭିତରେ ହିଁ ରହିଥାଏ। କେହି ଗୁଣି ଗାରେଡ଼ି କରି ତାଙ୍କର ଏପରି ପରିସ୍ଥିତି କରିଥିବା ଇକବାଲ କୁହନ୍ତି। ଅନ୍ୟ ପକ୍ଷରେ ଡାକ୍ତରଙ୍କ କହିବା କଥା, ଏହା ଏକ ଗୁରୁତର ଏବଂ ବିରଳ ଚର୍ମ ରୋଗ। ୨୪ ଘଣ୍ଟା ପାଣିରେ ରହିବା ହେତୁ ଇକବାଲ୍‌ଙ୍କ ହାତ-ଗୋଡ଼ ଏବଂ ସମଗ୍ର ଶରୀରର ଚର୍ମ ପଚି ଯାଇ ଧଳା ପଡ଼ିଯାଇଛି। ଦିନରାତି ପାଣିରେ ରହିବା ଯୋଗୁଁ ତାଙ୍କର ସର୍ଦ୍ଦିକାଶ ସମସ୍ୟା ମଧ୍ୟ ଦେଖିବାକୁ ମିଳିଛି। ଯେଉଁ ପାଣିରୁ ଗୋଟିଏ ପଟେ ତାଙ୍କୁ ଆଶ୍ୱାସନା ମିଳୁଛି, ଅନ୍ୟପଟେ ସେହି ପାଣି ହିଁ ତାଙ୍କ ପାଇଁ ସମସ୍ୟା ପାଲଟିଛି। ଏହାସତ୍ତ୍ୱେ ମଧ୍ୟ ସେ ପାଣିରୁ ସାମାନ୍ୟ ସମୟ ପାଇଁ ବି ବାହାରେ ରହିପାରୁନାହାଁନ୍ତି। ଇକବାଲ୍‌ଙ୍କ ଏହି ଖବର ଧୀରେ ଧୀରେ ଆଖପାଖ ଅଞ୍ଚଳରେ ବ୍ୟାପିବାରେ ଲାଗିଛି। ଲୋକେ ତାଙ୍କୁ ଦେଖିବା ପାଇଁ ଆସୁଛନ୍ତି ଏବଂ ପୋଖରୀ ନିକଟରେ ଭିଡ଼ ଜମୁଛି। ଅନେକ ଲୋକ ତାଙ୍କୁ ଖାଇବା ପାଇଁ ଚୁଡ଼ା କିମ୍ବା ବିସ୍କୁଟ୍ ଦେଇଦିଅନ୍ତି, ଯାହାକୁ ସେ ପୋଖରୀ ଭିତରେ ଥାଇ ଖାଇଥାନ୍ତି। ସ୍ଥାନୀୟ ଲୋକଙ୍କ ପରାମର୍ଶ କ୍ରମେ ସେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଧ୍ୟ ଯାଇଥିଲେ, ହେଲେ ସେଠାରେ ତାଙ୍କୁ କୌଣସି ସମାଧାନ ମିଳିଲା ନାହିଁ। ଇକବାଲ୍ କୁହନ୍ତି ଯେ, ତାଙ୍କ ଘରର ଆର୍ଥିକ ସ୍ଥିତି ଏତେ ସ୍ୱଚ୍ଛଳ ନୁହେଁ ଯେ, ସେ କୌଣସି ଘରୋଇ ହସ୍ପିଟାଲକୁ ଯାଇ ଚିକିତ୍ସା କରାଇପାରିବେ। ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ମଧ୍ୟ ତାଙ୍କୁ କୌଣସି ବିଶେଷ ଆଶ୍ୱାସନା ମିଳିଲା ନାହିଁ। ଏବେ କିଛି ସ୍ଥାନୀୟ ଲୋକ ତାଙ୍କୁ ସାହାଯ୍ୟ କରିବା ପାଇଁ ପାଣ୍ଠି ସଂଗ୍ରହ କରୁଛନ୍ତି, ଏଥିସହିତ ପ୍ରଶାସନ ନିକଟରେ ମଧ୍ୟ ତାଙ୍କ ଚିକିତ୍ସା ପାଇଁ ଗୁହାରି କରୁଛନ୍ତି।

## ପିଲାଙ୍କ ଫୋନ୍ ନିଶା ଦୂର ପାଇଁ...



ଆଜିକାଲି କୁନି କୁନି ପିଲାମାନେ ବି ଘଣ୍ଟା ଘଣ୍ଟା ଧରି ସ୍ମାର୍ଟଫୋନ୍ ବ୍ୟବହାର କରୁଥିବାର ଦେଖାଯାଉଛି। ପିଲାମାନଙ୍କର ଏଭଳି ଅଭ୍ୟାସ ଯୋଗୁ ଅଭିଭାବକମାନେ ବେଶ୍ ଚିନ୍ତାରେ ରୁହନ୍ତି। ସୋସିଆଲ ମିଡିଆରେ 'ଅଙ୍କଲ ଏ ଜୁନ୍' ନାମରେ ଜଣାଶୁଣା ୟାନ୍ ଝେଙ୍ଗଜୁନ୍ ଏବେ ଚୀନ୍‌ର ଅଭିଭାବକମାନଙ୍କର ପ୍ରିୟ ମଣିଷ ପାଲଟି ଯାଇଛନ୍ତି। ୟାନ୍ ନିଜର ଏକ ନିଆରା ଭିଡିଓ ସିରିଜ୍ ଯୋଗୁଁ ଇଣ୍ଟରନେଟ୍‌ରେ ଖୁବ୍ ଭାଇରାଲ୍ ହୋଇଛନ୍ତି। ସେ ପୁରୁଣା ଓଭରକୋଟ୍ ପିନ୍ଧି, ହାତରେ ଲାଉଡସ୍ପିକର୍ ଏବଂ ଏକ ଠେଲାଗାଡ଼ି ଧରି ଗଳିଗଳି ବୁଲନ୍ତି। ସେ ଲାଉଡ୍‌ସ୍ପିକର୍‌ରେ ଯେଉଁ ପିଲାମାନେ ଜିଦ୍ କରୁଛନ୍ତି, କାନ୍ଦୁଛନ୍ତି କିମ୍ବା ଘଣ୍ଟା ଘଣ୍ଟା ଧରି ମୋବାଇଲ ବ୍ୟବହାର କରୁଛନ୍ତି, ସେମାନଙ୍କୁ ସେ 'ରିସାଇକଲ୍' ପାଇଁ ନେଇଯିବେ ବୋଲି ଘୋଷଣା କରନ୍ତି। ୟାନ୍ ଯେତେବେଳେ ଏହି ଅଭିନୟର ଭିଡିଓ ସୋସିଆଲ ମିଡିଆରେ ଅପଲୋଡ୍ କଲେ, ତାହା ଚୀନ୍‌ର ଅଭିଭାବକମାନଙ୍କୁ ଖୁବ୍ ପସନ୍ଦ ଆସିଲା। କାରଣ ପ୍ରତ୍ୟେକ ବାପାମାଆ ନିଜ ପିଲାଙ୍କ ମୋବାଇଲ୍ ଅଭ୍ୟାସକୁ ନେଇ ଚିନ୍ତିତ ଥିଲେ। ଦେଖୁଦେଖୁ ସାରା ଦେଶରେ ବାପାମାଆମାନେ ନିଜ ପିଲାଙ୍କୁ ସୁଧାରିବା ପାଇଁ ତାଙ୍କ ଭିଡିଓ ଦେଖାଇ ଡରାଇବା ଆରମ୍ଭ କଲେ। ସମୟକ୍ରମେ ସେ ଇଣ୍ଟରନେଟ୍‌ରେ ଏକ ବଡ଼ ପ୍ୟାରେଣ୍ଟିଂ ଟ୍ରେଣ୍ଡ ପାଲଟିଗଲେ। ତାଙ୍କର ଫଲୋଅର୍ସ ସଂଖ୍ୟା ମଧ୍ୟ ବଢ଼ି ପ୍ରାୟ ୧୬ ଲକ୍ଷ ହୋଇଗଲା। ପିଲାମାନେ ତାଙ୍କୁ ନିଜର ଶତ୍ରୁ ବୋଲି ଭାବନ୍ତି। ଏହି ଉପାୟ ବାପାମାଆଙ୍କୁ ତୁରନ୍ତ ଆଶ୍ୱସ୍ତି ଦେଉଥିଲେ ମଧ୍ୟ ଶିଶୁ ମନସ୍ତତ୍ତ୍ୱବିତ୍ ଏବଂ ଶିକ୍ଷକମାନେ ଏହାକୁ ବିରୋଧ କରୁଛନ୍ତି। ସେମାନଙ୍କ ମତରେ, ପିଲାଙ୍କୁ ଏଭଳି ଭୟଭୀତ କରିବା ଦ୍ୱାରା ଏହା ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ।

## ବନ୍ଦ ହୋଇନି ଭି. ଶାନ୍ତାରାମଙ୍କ ବାୟୋପିକ୍





ଗତ ବର୍ଷ ଡିସେମ୍ବରରେ ହିନ୍ଦୀ ସିନେମା ଜଗତର ଦିବଂଗତ ଫିଲ୍ମ ନିର୍ମାତା ଭି. ଶାନ୍ତାରାମଙ୍କ ଉପରେ ଏକ ବାୟୋପିକ୍ ନିର୍ମାଣ ପାଇଁ ଘୋଷଣା କରାଯାଇଥିଲା। ଫିଲ୍ମର ଟାଇଟଲ୍ ରହିଥିଲା 'ଭି. ଶାନ୍ତାରାମ: ଦି ରିବେଲ୍ ଅଫ୍ ଇଣ୍ଡିଆନ୍ ସିନେମା'। ସିଦ୍ଧାନ୍ତ ଚତୁର୍ବେଦୀଙ୍କୁ ଏଥିରେ ମୁଖ୍ୟ ଭୂମିକା ପାଇଁ ଚୟନ କରାଯାଇଥିଲା। ଏପ୍ରିଲ୍ ୨୦୨୬ ମସିହାରେ ଏହି ସିନେମାର ସୁଟିଂ ଆରମ୍ଭ ହେବାର ଥିଲା, ହେଲେ ତାହା ଏଯାବତ୍ ହୋଇ ପାରିନାହିଁ। ଏଭଳି ପରିସ୍ଥିତିରେ ଫିଲ୍ମଟିକୁ ଆଉ ନିର୍ମାଣ କରାଯିବ ନାହିଁ ବୋଲି ଚର୍ଚ୍ଚା ହେବାକୁ ଲାଗିଲା। ଏବେ ଖୋଦ୍ ନିର୍ଦ୍ଦେଶକ ଅଭିଜିତ୍ ଶିରୀଶ ଏହି ଚଳଚ୍ଚିତ୍ର ବନ୍ଦ ହୋଇଯିବା ଖବରକୁ ଖଣ୍ଡନ କରିଛନ୍ତି। ଏନେଇ ଅଭିଜିତଙ୍କ କହିବା କଥା, "ଫିଲ୍ମ ନିର୍ମାଣ ସାମାନ୍ୟ ବିଳମ୍ବ ହୋଇଛି। ଆସନ୍ତା ବର୍ଷ ଏହାର ସୁଟିଂ ଆରମ୍ଭ ହେବ। ଆମେ ପ୍ରଥମେ ଏପ୍ରିଲରେ ସୁଟିଂ ଆରମ୍ଭ କରିବାକୁ ଯୋଜନା କରିଥିଲୁ। ଆମର ଯୋଜନା ଥିଲା ଯେ ଯଦି ବର୍ଷା ହୁଏ, ତେବେ ଇନଡୋର ସୁଟିଂ କରିବୁ। ଆମର ଦୁଇ ମାସ ବିଳମ୍ବ ହୋଇଗଲା ଏବଂ ସମ୍ପୂର୍ଣ୍ଣ ସେଡ୍ୟୁଲ୍ ବିଗିଡ଼ିଗଲା। ଆମେ ଏକ ନୂଆ ତାରିଖରେ ଆସନ୍ତା ବର୍ଷ ସୁଟିଂ ଆରମ୍ଭ କରିବାକୁ ଯୋଜନା କରୁଛୁ।" ଏବେ ନିର୍ମାତାମାନେ ସୁଟିଂ ଆରମ୍ଭ ହେବା ମାତ୍ରେ ପ୍ରଥମେ ଆଉଟଡୋର ସୁଟିଂ କରିବା ପାଇଁ ଯୋଜନା କରିଛନ୍ତି। ସେହିପରି ବର୍ଷା ଦିନ ଆସିଲେ, ସେହି ସମୟରେ ଇନଡୋର ସୁଟିଂ ହେବ। ସିଦ୍ଧାନ୍ତଙ୍କ ବିପକ୍ଷରେ ଏଥିରେ ତମନ୍ନା ଭାଟିଆ ନଜର ଆସିବେ। ନିର୍ଦ୍ଦେଶକ ଏହା ମଧ୍ୟ କହିଛନ୍ତି ଯେ, ଫିଲ୍ମରେ ସିଦ୍ଧାନ୍ତ ଏବଂ ତମନ୍ନା ଭାଟିଆଙ୍କ ବ୍ୟତୀତ ଆଉ କିଛି ବଡ଼ କଳାକାର ମଧ୍ୟ ସାମିଲ ହେବେ। ତେବେ ସେ ଅନ୍ୟ କଳାକାରଙ୍କ ନାଁ ପ୍ରକାଶ କରି ନାହାନ୍ତି। ସିଦ୍ଧାନ୍ତଙ୍କ କାମ କଥା କହିବାକୁ ଗଲେ ଚଳିତ ବର୍ଷ ଫେବୃଆରୀ ମାସରେ ତାଙ୍କ ଫିଲ୍ମ 'ଦୋ ଦିୱାନେ ସହର ମେଁ' ମୁକ୍ତିଲାଭ କରିଥିଲା। ଏହି ଫିଲ୍ମରେ ତାଙ୍କ ବିପକ୍ଷରେ ମୃଣାଳ ଠାକୁର ନଜର ଆସିଥିଲେ।

## ସ୍ମୃତି

## ସକାଳର ୭ କାମ



**ସନାତନ ଧର୍ମ ଓ ଜ୍ୟୋତିଷ ଶାସ୍ତ୍ରରେ ସକାଳ ସମୟ ଅର୍ଥାତ୍ ବ୍ରାହ୍ମ ମୁହୂର୍ତ୍ତକୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି। ଦିନର ଆରମ୍ଭ ଯେମିତି ହୁଏ, ଏହାର ପ୍ରଭାବ ପୂରା ଦିନର ଶକ୍ତି, ଚିନ୍ତାଧାରା ଓ କାର୍ଯ୍ୟ ଉପରେ ପଡ଼ିଥାଏ। ବାସ୍ତୁ ଅନୁସାରେ, ସକାଳୁ ଉଠି କିଛି ବିଶେଷ କାମ ନିୟମିତ କରିବା ଦ୍ୱାରା ସକାରାତ୍ମକ ଶକ୍ତି ବଢ଼େ ଓ ଉନ୍ନତିର ମାର୍ଗ ଖୋଲିଥାଏ।**

- ସକାଳୁ ଆଖି ଖୋଲିବା ମାତ୍ରେ ପ୍ରଥମେ ନିଜ ହାତକୁ ଦର୍ଶନ କରନ୍ତୁ। ମାନ୍ୟତା ଅଛି କର ଦର୍ଶନରେ ମା' ଲକ୍ଷ୍ମୀ, ମା' ସରସ୍ୱତୀ, ଭଗବାନ ବିଷ୍ଣୁଙ୍କ ଆଶୀର୍ବାଦ ପ୍ରାପ୍ତ ହୁଏ। ଏହି ଛୋଟ ପ୍ରାରମ୍ଭ ଦିନର ଆରମ୍ଭକୁ ପବିତ୍ର କରିଥାଏ। ନିୟମିତ ଏହାକୁ କଲେ ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ଶଯ୍ୟାରୁ ଓହ୍ଲାଇ ଭୂମିରେ ପାଦ ରଖିବା ପୂର୍ବରୁ ଧରିତ୍ରୀ ମାତାଙ୍କୁ କ୍ଷମା ମାଗି ପ୍ରଣାମ କରନ୍ତୁ। ଏହା ପ୍ରକୃତି ପ୍ରତି ସମ୍ମାନର ପ୍ରତୀକ। ଏହା ଦ୍ୱାରା ଅହଂକାର କମେ ଏବଂ ଦିନ ବିନମ୍ର ଭାବ ସହିତ ଆରମ୍ଭ ହୋଇଥାଏ।
- ସ୍ନାନ ପରେ ସୂର୍ଯ୍ୟ ଦେବଙ୍କୁ ତମ୍ବା ପାତ୍ରରେ ଜଳ ଅର୍ଘ୍ୟ ଅର୍ପଣ କରନ୍ତୁ। ଧାର୍ମିକ ମାନ୍ୟତା ଅଛି ଯେ, ଏହା ଦ୍ୱାରା ଆତ୍ମବିଶ୍ୱାସ, ଊର୍ଜା ଓ ମାନସମ୍ମାନ ବୃଦ୍ଧି ପାଏ। ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ସ୍ୱାସ୍ଥ୍ୟ ଲାଗି ଉତ୍ତମ।
- ଦିନର ଆରମ୍ଭ ଇଷ୍ଟ ଦେବଙ୍କ ନାଁରୁ କରିବା ଉଚିତ। କିଛି ମିନିଟ୍ ଧ୍ୟାନ ଓ ମନ୍ତ୍ର ଜପ କରିବା ଦ୍ୱାରା ମନ ଶାନ୍ତ ରହେ ଏବଂ ସକାରାତ୍ମକ ଚିନ୍ତାଧାରା ବିକଶିତ ହୁଏ। ଏହାଦ୍ୱାରା ଅନାବଶ୍ୟକ ଚିନ୍ତା ମଧ୍ୟ କମ୍ ହୁଏ। କାମ ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହଜ ହୋଇଯାଏ।
- ତୁଳସୀ ଗଛକୁ ଶୁଦ୍ଧ ଓ ପବିତ୍ର ବୋଲି ବିବେଚନା କରାଯାଏ। ଘରେ ତୁଳସୀ ଗଛ ଥିଲେ ସକାଳେ ତୁଳସୀ ମାତାଙ୍କୁ ସ୍ମରଣ ପୂର୍ବକ ଜଳ ଅର୍ପଣ କରନ୍ତୁ। ଏହା ଦ୍ୱାରା ଘରେ ସୁଖ-ଶାନ୍ତି ଓ ସକାରାତ୍ମକ ପରିବେଶ ବଜାୟ ରହେ।
- ମାତା-ପିତା ଓ ଗୁରୁଙ୍କ ଆଶୀର୍ବାଦ ଜୀବନରେ ଉନ୍ନତିର ମାର୍ଗକୁ ପ୍ରଶସ୍ତ କରିଥାଏ। ସକାଳୁ ଏମାନଙ୍କ ଆଶୀର୍ବାଦ ନେବା ଶୁଭ ବୋଲି କୁହାଯାଏ। ଏହା ଦ୍ୱାରା ଆତ୍ମବିଶ୍ୱାସ ଓ କାର୍ଯ୍ୟ କ୍ଷମତା ବୃଦ୍ଧି ପାଏ।
- ସକାଳୁ କେବେ ବି ନକାରାତ୍ମକ ଚିନ୍ତାଧାରା ମନରେ ଆଣନ୍ତୁ ନାହିଁ। କ୍ରୋଧ ତଥା ବିବାଦରୁ ଦିନର ଆରମ୍ଭ କରନ୍ତୁ ନାହିଁ। ସ୍ନାନ ବିନା ପୂଜା କରନ୍ତୁ ନାହିଁ।

## କେଉଁମାନଙ୍କୁ ସୁନା ମନା



**ଜ୍ୟୋତିଷ ଶାସ୍ତ୍ରରେ ସୁନା ଧାରଣକୁ ନେଇ କିଛି ନିୟମ ଅଛି। ମାନ୍ୟତା ଅଛି ଯେ, ଏହି ନିୟମକୁ ପାଳନ କରିବା ଦ୍ୱାରା ଶୁଭ ପରିଣାମ ମିଳେ। ଜ୍ୟୋତିର୍ବିଦଙ୍କ ମତରେ, ସୁନାକୁ ଆବଶ୍ୟକତା ଓ ଲାଭ ଅନୁସାରେ ପିନ୍ଧିବା ଉଚିତ। କାରଣ ସୁନା ଶରୀର, ଚିନ୍ତାଧାରା ଓ ସ୍ୱାସ୍ଥ୍ୟକୁ ସିଧାଳସଳଖ ପ୍ରଭାବିତ କରେ।**

ଯେଉଁମାନଙ୍କ ଜାତକରେ ଗୁରୁ ଗ୍ରହ ସ୍ଥିତି ଅଶୁଭ ଓ ଖରାପ ହୋଇଥାଏ, ସେମାନଙ୍କୁ ସୁନା ଧାରଣ କରିବାକୁ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବାରଣ କରାଯାଇଛି। ଜାତକରେ ଗୁରୁ ସ୍ଥିତି ଖରାପ ଥିଲେ ଓ ସୁନା ଧାରଣ କଲେ ଗମ୍ଭୀର ପରିଣାମ ପ୍ରାପ୍ତ ହେବା କୁହାଯାଏ। ସେହିପରି ଯେଉଁମାନେ ଲୁହା, କୋଇଲା, ଶନି ସମ୍ବନ୍ଧିତ ଜିନିଷ କାରବାର କରନ୍ତି, ସେମାନଙ୍କୁ ସୁନା ସୁଟ୍ କରି ନ ଥାଏ। ଏଭଳି ଲୋକ ସୁନା ଧାରଣରୁ ଦୂରତ୍ୱ ରକ୍ଷା କରିବା ଉଚିତ। ଏହାବାଦ୍ ସୁନାକୁ ଅଣ୍ଟାରେ ଧାରଣ କରିବା ଅନୁଚିତ। ନାଲି ସୂତାରେ ପିଲାଙ୍କୁ ସୁନା ଘୁଙ୍ଗୁର ପିନ୍ଧାଇ ହେବ। ସୁନା ଧାରଣ କରୁଥିବା ଲୋକେ ସ୍ୱଚ୍ଛତା ଓ ପବିତ୍ରତା ଉପରେ ବିଶେଷ ଧ୍ୟାନ ରଖିବା ଉଚିତ। ସୁନା ଧାରଣ କରୁଥିବା ବ୍ୟକ୍ତି ତାମସିକ ଜିନିଷରୁ ଦୂରେଇ ରହିବା ଉଚିତ। ସୁନା ଧାରଣ କରି ମାଂସ ତଥା ନିଶା ସେବନ କଲେ ଦେବଗୁରୁ ବୃହସ୍ପତି ଅଶୁଭ ଫଳ ପ୍ରଦାନ କରନ୍ତି। ମେଷ, କର୍କଟ, ସିଂହ ଓ ଧନୁ ରାଶି ପାଇଁ ସୁନା ଧାରଣ ଶୁଭ। ବିଛା ଓ ମୀନ ରାଶି ବ୍ୟକ୍ତି ବିଶେଷ ସୁନା ଧାରଣ କଲେ ମଧ୍ୟମ ଫଳ ମିଳେ। ସେହିପରି ବୃଷ, ମିଥୁନ, କନ୍ୟା, କୁମ୍ଭ ରାଶିକୁ ସୁନା ସୁଟ୍ କରି ନ ଥାଏ। ତୁଳା ଓ ମକର ରାଶି ପାଇଁ ସୁନା ଧାରଣ ଭଲ ନୁହେଁ ବୋଲି କୁହାଯାଏ। ତେବେ ଯେଉଁମାନଙ୍କ ଜାତକରେ ବୃହସ୍ପତି ଅନୁକୂଳ ଥାନ୍ତି, ସେମାନଙ୍କ ପାଇଁ ସୁନା ଧାରଣ ଲାଭକାରୀ।

## ମନିପ୍ଲାଣ୍ଟ ଶୁଖି ଯାଉଥିଲେ...



**ବାସ୍ତୁ ଶାସ୍ତ୍ରରେ କିଛି ଗଛକୁ ଶୁଭ ବୋଲି କୁହାଯାଇଛି। ସେଥିରୁ ଅନ୍ୟତମ ମନିପ୍ଲାଣ୍ଟ। ତେବେ ମନିପ୍ଲାଣ୍ଟ ଶୁଖିଗଲେ ଏହାକୁ ଅଣଦେଖା କରିବା ଅନୁଚିତ। ମନପ୍ଲାଣ୍ଟ ଶୁଖିଯିବାକୁ ଶୁଭ ସଙ୍କେତ ବୋଲି କୁହାଯାଏ ନାହିଁ।**

ବାସ୍ତୁ ମାନ୍ୟତାନୁସାରେ, ଶୁଖିଲା ମନିପ୍ଲାଣ୍ଟ ଆଗାମୀ ଦିନରେ ଆର୍ଥିକ ସମସ୍ୟା ଦେଖା ଦେବାକୁ ଇଙ୍ଗିତ କରେ। ଏହାଦ୍ୱାରା ଅଯଥା ଖର୍ଚ୍ଚ ବଢ଼ିବା ଆଶଙ୍କା ଥାଏ। ବାସ୍ତୁ ଅନୁସାରେ ଶୁଖିଲା ତଥା ଝାଉଁଳି ପଡ଼ିଥିବା ମନିପ୍ଲାଣ୍ଟ ରହିବା ଭଲ ନୁହେଁ। ଏହା ଉନ୍ନତିକୁ ରୋକିଥାଏ। ଏହାସହ ବ୍ୟବସାୟ ଓ ଚାକିରିକୁ ନେଇ କିଛି ସମସ୍ୟା ଦେଖା ଦେବା ଦିଗକୁ ବି ଏହା ଇଙ୍ଗିତ କରେ। ବାସ୍ତୁ ଶାସ୍ତ୍ର ଅନୁସାରେ, ଶୁଖିଲା ମନିପ୍ଲାଣ୍ଟର ଅର୍ଥ ଆଗାମୀ ଦିନରେ ଘରେ କଳି ଝଗଡ଼ା ପରିବେଶ ବି ସୃଷ୍ଟି କରିପାରେ। ଫଳରେ ଘରେ ଚାପ ଓ ଅଶାନ୍ତିର ପରିବେଶ ସୃଷ୍ଟି ହୁଏ। ସେହିପରି ମନିପ୍ଲାଣ୍ଟର ପତ୍ର ଶୁଖିଗଲେ ଘରର ଉନ୍ନତି ଉପରେ ଏହା ବାଧା ପକାଏ ବୋଲି ଜଣାପଡ଼େ। ତେଣୁ ମନିପ୍ଲାଣ୍ଟ ଶୁଖିବାକୁ ଅଣଦେଖା କରିବା ଅନୁଚିତ।

## ବ୍ୟବସାୟରେ ବାଧା ଦୂରର ଉପାୟ



**ପ୍ରତ୍ୟେକ ବ୍ୟବସାୟୀ ନିଜ ବ୍ୟବସାୟରେ ଉନ୍ନତି ଚାହାନ୍ତି। ଏନେଇ ଅନେକ କିଛି ଉପାୟ ମଧ୍ୟ ଗ୍ରହଣ କରିଥାନ୍ତି। ସେହିପରି ବେଳେ ବେଳେ ବ୍ୟବସାୟରେ ବାଧା ମଧ୍ୟ ଦେଖା ଦିଏ। ଏହାକୁ କିଭଳି ଦୂର କରି ହେବ, ସେ ସମ୍ପର୍କରେ ଜାଣିବା।**

- ପ୍ରତି ବୁଧବାର ଗଣେଶଙ୍କ ପୂଜା କରନ୍ତୁ। ଦୋକାନ ଖୋଲିବା ପୂର୍ବରୁ ଗଣେଶ ମନ୍ତ୍ର ଜପ କରନ୍ତୁ। ୧୦୮ ଥର ମନ୍ତ୍ର ଜପକୁ ଶୁଭ ବୋଲି କୁହାଯାଏ। ଏହାସହ ବ୍ୟବସାୟରେ ବାଧା ଦୂର କରିବାର ପ୍ରାର୍ଥନା କରନ୍ତୁ।
- ପ୍ରତି ମାସ ୧ ତାରିଖରେ ମୁଖ୍ୟ ପ୍ରବେଶ ଦ୍ୱାରରେ ହଳଦୀ ତଥା ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରନ୍ତୁ। ଏହାପରେ ଦୀପକୁ ମା' ଲକ୍ଷ୍ମୀ ଏବଂ ଭଗବାନ ଗଣେଶଙ୍କ ନାମ ସ୍ମରଣ କରନ୍ତୁ। ଏହାସହ ବ୍ୟବସାୟରେ ନିରନ୍ତର ଉନ୍ନତି ହେବା ପ୍ରାର୍ଥନା କରନ୍ତୁ।
- ସକାଳୁ ଦୋକାନ ଖୋଲିବା ପରେ କର୍ପୂର ଓ ଧୂପକୁ ପୂରା ଦୋକାନ ପରିସରରେ ବୁଲାନ୍ତୁ। ଏହାଦ୍ୱାରା ସକାରାତ୍ମକ ଶକ୍ତି ସଂଚାର ହୁଏ।
- ଶନିବାର କଳା ରାଶି, ସୋରିଷ ତେଲ ଶନିଦେବଙ୍କୁ ଅର୍ପଣ କରନ୍ତୁ। ଏହାସହ ଶନିଦେବଙ୍କୁ ସ୍ମରଣ କରନ୍ତୁ।
- ପ୍ରତିଦିନ ଦୋକାନରେ ମହାଲକ୍ଷ୍ମୀଙ୍କ ମନ୍ତ୍ରର ଏକ ମାଳା ଜପ କରନ୍ତୁ। ସଚ୍ଚୋଟତା ଓ ସକାରାତ୍ମକ ଚିନ୍ତାଧାରା ସହିତ କାର୍ଯ୍ୟ କରନ୍ତୁ।

## ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍

# ଶୀର୍ଷସ୍ଥାନ ଲାଗି ଭାରତ-ଇଂଲଣ୍ଡ ମୁକାବିଲା




ଆମଷ୍ଟଲଭିନ୍,୧୬।୮ (ଏଜେନ୍ସି)

ଦୁର୍ବଳ ୱେଲ୍ସକୁ ୩-୧ ଗୋଲରେ ପରାସ୍ତ କରି ଭାରତ ଏଠାରେ ଶନିବାର ଆରମ୍ଭ ହୋଇଥିବା ହକି ବିଶ୍ୱକପ୍‌ର ପୁରୁଷ ବିଭାଗରେ ଅଭିଯାନ ଆରମ୍ଭ କରିଛି। ବିଜୟୀ ଦଳ ପକ୍ଷରୁ ଅଧିନାୟକ ହରମନପ୍ରୀତ୍ ସିଂ ଡବଲ ଗୋଲ ସ୍କୋର କରିଥିଲାବେଳେ ସଞ୍ଜୟ ରାଣା ଗୋଟିଏ ଗୋଲ ଦେଇଥିଲେ। କିନ୍ତୁ ଏହି ମ୍ୟାଚ୍‌ରେ ଭାରତର ପ୍ରଦର୍ଶନ ଆଦୌ ସନ୍ତୋଷଜନକ ହୋଇନାହିଁ। ଆସନ୍ତାକାଲି ପୁଲ୍-ଡି'ରେ ଖେଳାଯିବାକୁ ଥିବା ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଭାରତ ଓ ଇଂଲଣ୍ଡ ପରସ୍ପର ସହ ମୁକାବିଲା କରିବେ। ଏହି ମୁକାବିଲାରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ପୁଲ୍‌ରେ ଶୀର୍ଷସ୍ଥାନ ହାସଲ କରିବ। କିନ୍ତୁ ନୂଆ ଫର୍ମାଟ ଅନୁଯାୟୀ ଉଭୟ ଦଳ ଯଦି ପୁଲ୍‌ରୁ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହେବେ, ତେବେ ବିଜୟୀ ଦଳର ସେମିଫାଇନାଲ ଖେଳିବା ସୁଯୋଗ ରହିବ। ନୂଆ ନିୟମ ଅନୁଯାୟୀ ବିଜୟୀ ଦଳ କ୍ରସ୍ ଓଭରରେ ଗୋଟିଏ ବିଜୟରୁ ଖେଳ ଆରମ୍ଭ କରିବ। ଅର୍ଥାତ ଦଳ କୌଣସି ମ୍ୟାଚ୍ ନ ଖେଳି ଗୋଟିଏ ବିଜୟର ପୂରା ପଏଂଟ ସହ ଖେଳିବ।

ଏଥର ପ୍ରତ୍ୟେକ ପୁଲ୍‌ରୁ ୨ଟି ଲେଖାଏଁ ଦଳ କ୍ରସ୍ ଓଭରରୁ ଯିବେ। କ୍ରସ୍ ଓଭରରୁ ଉନ୍ନୀତ ହୋଇଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗକରାଯିବ। ଗୋଟିଏ ପୁଲରୁ ଯୋଗ୍ୟତା ଅର୍ଜନ କରିଥିବା ଦଳ ମଧ୍ୟରୁ ବିଜୟୀ ଦଳକୁ କ୍ରସ୍ ଓଭରରେ ଗୋଟିଏ ବିଜୟର ପୂରା ପଏଂଟରୁ ଖେଳ ଆରମ୍ଭ କରିବେ। ଏହାର ଅର୍ଥ ଭାରତ ଓ ଇଂଲଣ୍ଡ ଗୋଟିଏ ପୁଲ୍‌ରୁ ଯୋଗ୍ୟତା ଅର୍ଜନ କରିବେ। ଏମାନଙ୍କ ମଧ୍ୟରେ ହୋଇଥିବା ପୁଲ୍ ମୁକାବିଲାରେ ବିଜୟୀ ଦଳ କ୍ରସ୍ ଓଭର ଗ୍ରୁପରେ ପୂରା ପଏଣ୍ଟରୁ ଖେଳ ଆରମ୍ଭ କରିବ। ଏହି କାରଣ ଯୋଗୁଁ ଇଂଲଣ୍ଡ ବିପକ୍ଷ ମୁକାବିଲା ଭାରତ ଲାଗି ଗୁରୁତ୍ୱପୂର୍ଣ୍ଣ। ଅନ୍ୟ ପକ୍ଷରେ ଦୀର୍ଘ ୩୨ ବର୍ଷ ହେଲା ବିଶ୍ୱକପ୍‌ରେ ଇଂଲଣ୍ଡକୁ ହରାଇ ନାହିଁ ଭାରତ। ଇଂଲଣ୍ଡ ମଧ୍ୟ ପ୍ରଥମ ରାଉଣ୍ଡରେ ପାକିସ୍ତାନକୁ ୪-୧ ଗୋଲରେ ହରାଇ ଚଳିତବର୍ଷ ୧୮ଟି ମ୍ୟାଚ୍‌ରେ ଅପରାଜେୟ ରହିଛି। ଏଣୁ ଇଂଲଣ୍ଡକୁ ହରାଇବାକୁ ହେଲେ ଭାରତକୁ ତାହାର ଖେଳରେ ଉନ୍ନତି ଆଣିବାକୁ ହେବ। ୱେଲ୍ସ ବିପକ୍ଷରେ ଭାରତ ଗୋଲ ଦେବାକୁ ବିଶେଷ ସୁଯୋଗ ସୃଷ୍ଟି କରିପାରି ନାହିଁ। ଯଦିବି ସୁଯୋଗ ଅଭିଷେକ ଓ ସୁଖଜିତ ସୁଯୋଗ ସୃଷ୍ଟି କରିଥିଲେ ତାହାକୁ ଗୋଲରେ ପରିଣତ କରିବା ଭାରତୀୟଙ୍କ ପକ୍ଷେ ସମ୍ଭବ ହୋଇ ନାହିଁ। ଏଭଳି ସ୍ଥଳେ ଇଂଲଣ୍ଡକୁ ହରାଇବାକୁ ହେଲେ ଭାରତକୁ ନିଶ୍ଚିତ ଭାବେ ଉନ୍ନତ ଖେଳିବାକୁ ହେବ।

## ମହିଳା ଦଳର ଚୀନ୍ ସହ ଡ୍ର




ଆଜି ଖେଳାଯାଇଥିବା ମହିଳା ବିଶ୍ୱକପ୍‌ର ପୁଲ-ଡି'ର ଏକ ମୁକାବିଲାରେ ଚୀନ୍ ସହ ଭାରତ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଛି। ଏହା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଭାରତ ପକ୍ଷରୁ ନବନୀତ କୌର ଓ ପେନାଲ୍ଟି କର୍ଣ୍ଣରରୁ ଦୀପିକା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଦଳ ଆଗୁଆ ଗୋଲ କରିଥିଲେ ମଧ୍ୟ ଏହି ମୁକାବିଲାକୁ ଜିତି ପାରି ନ ଥିଲା। ଚୀନ୍ ପକ୍ଷରୁ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଝାଙ୍ଗ ୟିଙ୍ଗ୍ ଓ ପେନାଲ୍ଟି କର୍ଣ୍ଣରରୁ ମା ନିଙ୍ଗ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଆସନ୍ତା ୧୮ ତାରିଖରେ ଭାରତ ତାହାର ଦ୍ୱିତୀୟ ମୁକାବିଲା ଦକ୍ଷିଣ ଆଫ୍ରିକା ସହ ଖେଳିବ। ପୁଲ୍‌ରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳ କ୍ରସ୍ ଓଭରକୁ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିବେ।

## ଇଂଲଣ୍ଡ ନିକଟରୁ ପାକିସ୍ତାନ ପରାସ୍ତ

ଆମଷ୍ଟଲଭିନ୍,୧୬।୮ (ଏଜେନ୍ସି): ପୁରୁଷ ହକି ବିଶ୍ୱକପ୍‌ର ପ୍ରଥମ ଦିନରେ ୪ଥରର ବିଶ୍ୱ ଚାମ୍ପିଅନ ପାକିସ୍ତାନ ୧-୪ ଗୋଲରେ ଇଂଲଣ୍ଡ ନିକଟରୁ ପରାଜିତ ହୋଇଛି। ଏହି ଦିନ ବେଲଜିୟମର ୱାଭରେଠାରେ ପୁଲ-ବି'ରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ୫-୧ ଗୋଲରେ ମାଲେସିଆକୁ ଏବଂ ଆୟୋଜକ ତଥା ଟାଇଟଲ ହଟ ଫେଭରାଇଟ ବେଲଜିୟମ ୩-୨ ଗୋଲରେ ଫ୍ରାନ୍ସକୁ ପରାସ୍ତ କରିଛନ୍ତି। ଆଜି ଦ୍ୱିତୀୟ ଦିନରେ ଖେଳାଯାଇଥିବା ପୁଲ୍-ସି'ର ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୩-୨ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି।



■ ମହିଳା ବିଶ୍ୱକପ୍ ହକି

## ଅଷ୍ଟ୍ରେଲିଆ, ନେଦରଲ୍ୟାଣ୍ଡସର ବିଜୟ

ଆମଷ୍ଟଲଭିନ୍,୧୬।୮ (ଏଜେନ୍ସି): ମହିଳା ବିଶ୍ୱକପ୍ ହକିର ପ୍ରଥମ ଦିନ ଖେଳରେ ଅଷ୍ଟ୍ରେଲିଆ ଓ ନେଦରଲ୍ୟାଣ୍ଡସ ପରି ଶକ୍ତିଶାଳୀ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଆମଷ୍ଟଲଭିନ୍‌ଠାରେ ଶନିବାର ଖେଳାଯାଇଥିବା ପୁଲ୍-ବି'ରେ ଅଷ୍ଟ୍ରେଲିଆ ୨-୦ ଗୋଲରେ ଜାପାନକୁ ଓ ନେଦରଲ୍ୟାଣ୍ଡସ ୨-୦ ଗୋଲରେ ଚିଲିକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଛି। ପୁଲ୍-ବି'ର ପ୍ରଥମ ମ୍ୟାଚ୍‌ରେ ଜର୍ମାନୀ ୩-୦ ଗୋଲରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ଏହି ପୁଲ୍‌ରେ ଆର୍ଜେଣ୍ଟିନା ଓ ଆମେରିକା ମଧ୍ୟରେ ଖେଳ ୧-୧ ଗୋଲରେ ଡ୍ର ରହିଛି। ଆଜି ପୁଲ-ସି ଓ ଡି'ରେ ୨ଟି ଲେଖାଏଁ ମ୍ୟାଚ୍ ଖେଳାଯାଉଛି। ପୁଲ୍-ଡି'ର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ୪-୦ ଗୋଲର ବଡ଼ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହି ପୁଲ୍‌ରେ ଭାରତ ସହ ଚୀନ୍ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୋଇଛି। ବେଲଜିୟମ୍‌ର ୱାଭରେଠାରେ ପୁଲ୍-ସି'ରେ ବେଲ୍‌ଜିୟମ ସହ ନ୍ୟୁଜିଲାଣ୍ଡ ଓ ସ୍ପେନ୍ ସହ ଆୟର୍ଲାଣ୍ଡର ମୁକାବିଲା ଜୋରଦାର ହୋଇଛି।

## ଅଷ୍ଟ୍ରେଲିଆର ବିଶ୍ୱରେକର୍ଡ ଭାଙ୍ଗିଲା ସ୍ପେନ୍

ମାଦ୍ରିଦ୍,୧୬।୮ (ଏଜେନ୍ସି): ପୁରୁଷ ଅନ୍ତର୍ଜାତୀୟ କ୍ରିକେଟରେ କ୍ରମାଗତ ସର୍ବାଧିକ ମ୍ୟାଚ୍ ଜିତିବାରେ ସ୍ପେନ୍ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛି। ଟି-୨୦ ବିଶ୍ୱକପ୍ ୟୁରୋପ୍ ସବ୍ ରିଜିଓନାଲ କ୍ୱାଲିଫାୟରରେ ଫିନ୍‌ଲାଣ୍ଡକୁ ୮ ୱିକେଟରେ ପରାସ୍ତ କରି ସ୍ପେନ୍ କ୍ରମାଗତ ୨୧ତମ ବିଜୟ ହାସଲ କରିଛି। ଏହା ଫଳରେ ଅଷ୍ଟ୍ରେଲିଆ ନାମରେ ଥିବା କ୍ରମାଗତ ୨୦ତମ ବିଜୟର ରେକର୍ଡକୁ ଅତିକ୍ରମ କରିଯାଇଥିଲା। ୨୦୨୩ରେ ଅଷ୍ଟ୍ରେଲିଆ ଏହି ରେକର୍ଡ ଅତିକ୍ରମ କରିଥିଲାବେଳେ ଏହିବର୍ଷଠାରୁ ସ୍ପେନ୍‌ର ଜୟଯାତ୍ରାର ରେକର୍ଡ ଆରମ୍ଭ ହୋଇଥିଲା।

## ପୁଣି ହାରିଲେ ଭେନସ ୱିଲିୟମ୍ସ

ମାସନ,୧୬।୮ (ଏଜେନ୍ସି): ୭ଥରର ଗ୍ରାଣ୍ଡ ସ୍ଲାମ୍ ଚାମ୍ପିଅନ ଆମେରିକାର ଭେନସ ୱିଲିୟମ୍‌ସ ଏଠାରେ ଚାଲିଥିବା ସିନ୍‌ସିନାଟି ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରେ ପରାଜିତ ହୋଇଛନ୍ତି। ଏହା ଫଳରେ ପ୍ରତିଯୋଗିତାମୂଳକ ଟେନିସକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା ଚଳାଇଥିବା ଭେନସଙ୍କର ଏହା କ୍ରମାଗତ ୧୩ତମ ପରାଜୟ। କଲମ୍ବିଆର ଏମିଲିଆନା ଆରାଙ୍ଗୋ ୬-୨, ୬-୨ ସିଧାସଳଖ ସେଟ୍‌ରେ ୪୬ ବର୍ଷୀୟା ଭେନସଙ୍କୁ ପରାସ୍ତ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିଅନ ଇଗା ସ୍ୱିଆଟେକଙ୍କ ସହ ଆରାଙ୍ଗୋଙ୍କର ମୁକାବିଲା ହେବ।

# ଗଲ୍ ଲଢ଼େଇ: ପାଡିକଲଙ୍କ ପ୍ରଥମ ଟେଷ୍ଟ ଶତକ




ଗଲ୍, ୧୬।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟ ମୁକାବିଲାର କ୍ରମାଗତ ୨ୟ ଦିନରେ ବର୍ଷା ବାଧକ ସାଜିଛି। ବର୍ଷା, ଅସହ୍ୟ ଗରମ ଓ ଶ୍ରୀଲଙ୍କା ସ୍ପିନରଙ୍କ ପ୍ରତିବନ୍ଧକ ସତ୍ତ୍ୱେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ଭାରତ ୯ ୱିକେଟ୍ ହରାଇ ୪୬୦ ରନ୍‌ର ବିଶାଳ ସ୍କୋର୍ କରିଛି। ଦଳ ପକ୍ଷରୁ ନଂ-୩ରେ ବ୍ୟାଟିଂ କରିଥିବା ଦେବଦତ୍ତ ପାଡିକଲ ଟେଷ୍ଟ ଜୀବନରେ ପ୍ରଥମ ଶତକ ହାସଲ କରିବା ସହ ସର୍ବାଧିକ ୧୬୭ ରନ୍ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲୋକେଶ ରାହୁଲ ୮୨ ଓ ଧ୍ରୁବ ଜୁରେଲ ୫୧ ରନ୍‌ର ସହାୟତା ଦେଇଛନ୍ତି।

ଅଧିନାୟକ ଶୁଭମନ ଗିଲ୍ ୨ଟି ଚୌକା ସହ ୧୬ ,ବାମହାତି ପନ୍ତ ୩୯, ଯଶସ୍ୱୀ ଜୟସ୍ୱାଲ ୩୨ ଓ ମାନବ ସୂତାର ୨୪ ରନ୍‌ର ଉପଯୋଗୀ ସହାୟତା ଦେଇଥିଲେ। ଦେବଦତ୍ତ ପାଡିକଲ ୨୩୦ ବଲ୍‌ରୁ ଗୋଟିଏ ଛକା ଓ ୧୫ଟି ଚୌକା ସହ ୧୬୭ ରନ୍‌କରି ଆଉଟ୍ ହୋଇଥିଲେ।। କେ.ଏଲ୍. ରାହୁଲ ଗୋଟିଏ ଛକା ଓ ୧୦ଟି ଚୌକା ସହ ୮୨ ରନ୍‌କରି ବିଦାୟ ନେଇଥିଲେ। ଧ୍ରୁବ ଜୁରେଲ ଗୋଟିଏ ଛକା ଓ ୪ଟି ଚୌକା ସହ ୫୧ ରନ୍ କରିଥିଲେ। ଶ୍ରୀଲଙ୍କାର ତାରକା ବାମହାତି ସ୍ପିନର ପ୍ରବାଥ ଜୟସୂରିୟା ୪ଟି ଓ ଡେବ୍ୟୁଟାଣ୍ଟ ଅଫ୍‌ସ୍ପିନର କେଶର ନୁୱାନ୍ତା ୩ଟି ୱିକେଟ୍ ନେଇଛନ୍ତି। ବର୍ଷା ଯୋଗୁଁ ପ୍ରଥମ ଦିନରେ ୭୩ ଓଭର ଖେଳ ହୋଇଥିବା ବେଳେ ୨ୟ ଦିନରେ ମାତ୍ର ୪୩ ଓଭର ଖେଳ ସମ୍ଭବ ହୋଇଛି। ପ୍ରଥମ ଦୁଇ ଦିନ ଖେଳ ଭାରତର ନିୟନ୍ତ୍ରଣରେ ରହିଛି।

## ୧୯ ଟେଷ୍ଟରେ ୧୦ ପରାଜୟ; ତଥାପି ଗମ୍ଭୀରଙ୍କୁ ଆବଶ୍ୟକ ଅଧିକ ସମୟ

ନୂଆଦିଲ୍ଲୀ,୧୬।୮ (ଏଜେନ୍ସି): ଗୌତମ ଗମ୍ଭୀର ଭାରତୀୟ କ୍ରିକେଟ ଦଳର ହେଡ୍ କୋଚ୍ ଦାୟିତ୍ୱ ନେବା ପରେ ଭାରତ ସୀମିତ ଓଭର କ୍ରିକେଟରେ ଯେଉଁ ସଫଳତା ପାଇଛି ତାହା ଟେଷ୍ଟ କ୍ରିକେଟରେ ମିଳିନାହିଁ। ଗମ୍ଭୀରଙ୍କ ତତ୍ତ୍ୱାବଧାନରେ ଭାରତ ଖେଳିଥିବା ୬ଟି ଟେଷ୍ଟ ସିରିଜ୍‌ର ୧୯ଟି ଟେଷ୍ଟ ମଧ୍ୟରୁ ୧୦ଟି ଟେଷ୍ଟରେ ପରାଜୟ ବରଣ କରିଛି, ୭ଟିରେ ଜିତିଛି ଓ ୨ଟି ଟେଷ୍ଟ ଡ୍ର ରଖିଛି। ତାଙ୍କ ପ୍ରଶିକ୍ଷଣରେ ଭାରତ ବର୍ଡର ଗାଭାସ୍କର ଟ୍ରଫିରେ ଅଷ୍ଟ୍ରେଲିଆ ନିକଟରୁ ୩-୧ରେ ହାରିଥିଲାବେଳେ ଇଂଲଣ୍ଡ ସହ ୨-୨ରେ ସିରିଜ୍ ଡ୍ର ରଖିଥିଲା। କିନ୍ତୁ ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ନିକଟରୁ ୩-୦ ଓ ଦକ୍ଷିଣ ଆଫ୍ରିକା ନିକଟରୁ ୨-୦ରେ ଟେଷ୍ଟ ସିରିଜ୍‌ରେ କ୍ଲିନ୍ ସୁଇପ୍ ହେବା ପରେ ଭାରତର ଦମ୍ଭ ଆଉ ନାହିଁ। ଏବେ ଦଳ ଶ୍ରୀଲଙ୍କା ବିପକ୍ଷରେ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ ଲେଗ୍ ସ୍ପିନର ଅମିତ ମିଶ୍ର କହନ୍ତି ଟେଷ୍ଟରେ ସଫଳତା ପାଇବାକୁ ହେଲେ ଗମ୍ଭୀରଙ୍କୁ ଅଧିକ ସମୟ ଆବଶ୍ୟକ। ୧୯ଟି ଟେଷ୍ଟରେ ୧୦ଟି ପରାଜୟ ପରେ ଏଭଳି ମନ୍ତବ୍ୟ ଦେବା ହାସ୍ୟାସ୍ପଦ ମନେ ହେଉଛି। ସୀମିତ ଓଭର ଖେଳରେ ଭାରତ ଅପରାଜେୟ ମନେ ହେଉଥିଲା। କିନ୍ତୁ ଏବେ ଆୟର୍ଲାଣ୍ଡଠାରୁ ୨-୦ ଓ ଇଂଲଣ୍ଡଠାରୁ ୪-୦ରେ ଦିନିକିଆ ସିରିଜ୍ ହାରିବା ପରେ ଦଳର ଆଉ ସେ ସମ୍ମାନ ନାହିଁ। ତଥାପି ଗମ୍ଭୀରଙ୍କୁ ଅଧିକ ସମୟ ଆବଶ୍ୟକ ବୋଲି କହିବା କେତେ ଯୁକ୍ତିଯୁକ୍ତ ତାହା ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରୁ କିଛିଟା ଉତର ମିଳିବ।

# ୟୁନମ୍‌ରେ ତ୍ରିରଙ୍ଗା ଉଡ଼ାଇଲେ ଓଡ଼ିଶାର ମହିଳା ପର୍ବତାରୋହୀ




ଭୁବନେଶ୍ୱର,୧୬।୮ (ସମିସ): ଓଡ଼ିଶାର ଏକ ମହିଳା ପର୍ବତରୋହୀ ଦଳ ହିମାଚଳ ପ୍ରଦେଶର ୟୁନମ ପର୍ବତ ଆରୋହଣ କରିବା ସହ ସ୍ୱାଧୀନତା ଦିବସରେ ୮୦ ଫୁଟ୍‌ର ତ୍ରିରଙ୍ଗା ଉତ୍ତୋଳନ କରି ଇତିହାସ ସୃଷ୍ଟି କରିଛନ୍ତି। ୨୦,୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ପର୍ବତକୁ ଓଡ଼ିଶାର ୫ଜଣ ପର୍ବତାରୋହୀ ଅନିତା ସ୍ୱାଇଁଙ୍କ ନେତୃତ୍ୱରେ ଏହି ସଫଳତା ଅର୍ଜନ କରିଛନ୍ତି। ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନାଙ୍କ ତତ୍ତ୍ୱାବଧାନରେ ଏହି ଦଳ ଗତ ୭ ତାରିଖରେ ଓଡ଼ିଶାରୁ ଯାତ୍ରା ଆରମ୍ଭ କରିଥିଲା। ଦଳରେ ୮ଜଣ ସଦସ୍ୟ ରହିଥିଲେ ମଧ୍ୟ ୫ଜଣ ୟୁନମ ଆରୋହଣ କରିବାରେ ସଫଳ ହୋଇଥିଲେ। ଅସୁସ୍ଥତା କାରଣରୁ ଅନ୍ୟ ୩ଜଣ ଶିଖରର ନିକଟରେ ପହଞ୍ଚିଥିଲେ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିପାରି ନ ଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ସଙ୍କେତ କମ୍ୟୁନିକେସନର ସହଯୋଗରେ ଏହି ପର୍ବତାରୋହଣ ସମ୍ଭବ ହୋଇଛି। ଭୁବନେଶ୍ୱରର ଅନିତା ସ୍ୱାଇଁ ଓ ଶ୍ରୀୟାଶ୍ରୁତି ପାତ୍ରଙ୍କ ସହ ସୁବର୍ଣ୍ଣପୁରର ସୋନାଲି ଭୋଇ, ସମ୍ବଲପୁରର ପ୍ରୀତି ପୋଡ଼, କଳାହାଣ୍ଡିର ଲିଲି ସାହୁ ପାତ୍ର ୟୁନମ ପର୍ବତ ଆରୋହଣ କରିଥିଲେ।

## ରାଜ୍ୟଗୋଷ୍ଠୀ ପାରା ଫେନ୍ସିଂ
## ଓଡ଼ିଶା ପ୍ରତିଯୋଗୀଙ୍କୁ ସଫଳତା

ଭୁବନେଶ୍ୱର,୧୬।୮ (ସମିସ): ନାଇଜେରିଆର ଲାଓସଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ପାରା ଫେନ୍ସିଂ ଚାମ୍ପିଅନସିପ୍‌ରେ ଭାଗ ନେଇଥିବା ଓଡ଼ିଆ ପ୍ରତିଯୋଗୀଙ୍କୁ ବିରାଟ ସଫଳତା ମିଳିଛି। ଓଡ଼ିଶାରୁ ୫ଜଣ ଫେନ୍‌ସର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବ୍ୟକ୍ତିଗତ ଭାବେ ୬ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେହିପରି ଦଳଗତ ବିଭାଗରେ ୪ ସ୍ୱର୍ଣ୍ଣ, ୨ ରୌପ୍ୟ ପଦକ ହାସଲ କରିଥିଲେ। ଓଡ଼ିଶାରୁ ଜଣେମାତ୍ର ମହିଳା ପ୍ରତିଯୋଗୀ ମାଳତୀ ପାନୱରେ, ପୁରୁଷ ବିଭାଗରେ ଭି ରମେଶ ରାଓ ଓ ଓମ୍‌ପ୍ରକାଶ ବେହେରା ୨ଟି ଲେଖାଏଁ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁଦ୍ରନାରାୟଣ ବେହେରା, ରାଖାଲ ସେଠୀ ଓ ପବିତ୍ର ସାହୁ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାର ପାରା ଫେନ୍ସିଂରେ ଭାରତ ୧୨ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୪ କାଂସ୍ୟ ପଦକ ବିଜୟୀ ହୋଇଛି। ମୋଟରେ ଭାରତକୁ ୨୫ ସ୍ୱର୍ଣ୍ଣ ସହ ୬୩ଟି ପଦକ ମିଳିଛି।

## ଉପେନ୍ଦ୍ର ନାୟକ ସ୍ମାରକୀ ଚେସ୍
## ଧୃତିମାନ ଦେ' ଚାମ୍ପିଅନ



ଭୁବନେଶ୍ୱର,୧୬।୮ (ସମିସ): ଫ୍ୟୁଚର ଭୁବେନଶ୍ୱର ସ୍କୁଲର ଧୃତିମାନ ଦେ' ୬ଷ୍ଠ ଉପେନ୍ଦ୍ର ନାୟକ ସ୍ମାରକୀ ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ କେଶୁରାସ୍ଥିତ ପବ୍ଲିକ୍ ସ୍କୁଲ୍‌ରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଓଡ଼ିଶା ଆଇଆଇଏଫ୍‌ଏଲ୍ ଫାଇନାନ୍ସର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ ଉଦ୍‌ଘାଟନ କରିଥିଲାବେଳେ ଦ୍ୱାରକାମୟୀ ଆସୋସିଏଟସର ଏମ୍‌ଡି ରମାକାନ୍ତ ଆଚାର୍ଯ୍ୟ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଧୃତିମାନ ୫ ରାଉଣ୍ଡରୁ ସର୍ବାଧିକ ୪ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଖୋର୍ଦ୍ଧା କେଟି ଗ୍ଲୋବାଲ ସ୍କୁଲ୍‌ର ଚନ୍ଦ୍ରକାନ୍ତ ପୁହାଣ ଦ୍ୱିତୀୟ, ବିଜେଇଏମ୍ ସ୍କୁଲ-୧'ର ସାଇକ୍ରିଷ୍ଣା ସାମଲ ତୃତୀୟ, ୟୁନିଟ-୮ ଡିଏଭି ସ୍କୁଲ୍‌ର ଶୁଭମ ଷଡଙ୍ଗୀ ଚତୁର୍ଥ ଓ ଖଣ୍ଡଗିରି ସେଣ୍ଟ ଜାଭିୟର ହାଇସ୍କୁଲ୍‌ର ଓମ୍ ଶତପଥୀ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଏମାନେ ସମସ୍ତେ ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

## ମିରାଜ୍‌ଙ୍କୁ ୫ ୱିକେଟ୍; ଗ୍ରୀନ୍‌ଙ୍କ ଶତକ ବ୍ୟର୍ଥ

# ଅଷ୍ଟ୍ରେଲିଆରେ ବାଂଲାଦେଶର ଐତିହାସିକ ବିଜୟ

ଡାର୍‌ୱିନ, ୧୬।୮ (ଏଜେନ୍ସି)



ବିଶ୍ୱର ୧ନଂ ଟେଷ୍ଟ ଦଳ ଅଷ୍ଟ୍ରେଲିଆକୁ ଅଷ୍ଟ୍ରେଲିଆ ମାଟିରେ ୯ ୱିକେଟ୍‌ରେ ପରାସ୍ତ କରି ଐତିହାସିକ ବିଜୟ ହାସଲ କରିଛି ବାଂଲାଦେଶ । ୨୩ ବର୍ଷ ପରେ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ମାତ୍ର ତୃତୀୟ ମୁକାବିଲାରେ ବାଂଲାଦେଶ ଏହି ଟେଷ୍ଟ ବିଜୟ ହାସଲ କରିବାରେ ସଫଳ ହୋଇଛି। ବିଶେଷ କରି ଟେଷ୍ଟ ମାନ୍ୟତାରେ ୯ମ ସ୍ଥାନରେ ଥିବା ଦଳଠାରୁ ପରାଜିତ ହେବା ଅଷ୍ଟ୍ରେଲିଆ ଲାଗି ଅସମ୍ମାନଜନକ ବୋଲି କୁହାଯାଇଛି। ସେହିପରି ଭାରତ, ପାକିସ୍ତାନ ପରେ ବାଂଲାଦେଶ ତୃତୀୟ ଏସୀୟ ରାଷ୍ଟ୍ର ଭାବେ ବାଂଲାଦେଶ ଅଷ୍ଟ୍ରେଲିଆକୁ ଅଷ୍ଟ୍ରେଲିଆରେ ହରାଇବାରେ ସଫଳ ହୋଇଛି।

ଏଠାରେ ଖେଳାଯାଇଥିବା ଏହି ଟେଷ୍ଟର ପ୍ରଥମ ଇନିଂସରେ ବାଂଲାଦେଶ ୪୬୧ ରନ୍ କରି ୨୨୮ ରନ୍‌ରେ ଆଗୁଆ ରହିଥିଲା। ଦ୍ୱିତୀୟ ଇନିଂସରେ କାମେରନ ଗ୍ରୀନ୍‌ଙ୍କ ୧୦୪ ରନ୍ ସତ୍ତ୍ୱେ ଦଳ ୨୮୪ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଫଳରେ ବାଂଲାଦେଶ ଆରେ ୫୭ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା ଓ ଭ୍ରମଣକାରୀ ଦଳ ତାହାକୁ ମାତ୍ର ୧ ୱିକେଟ ହରାଇ ହାସଲ କରି ନେଇଥିଲା। ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସରେ ମେହଦୀ ହାସନ ମିରାଜ ୫ଟି ୱିକେଟ ନେଇଥି ଲେ। କିନ୍ତୁ ପ୍ରଥମ ଇନିଂସରେ ୬ଟି ଓ ଦ୍ୱିତୀୟ ଇନିଂସରେ ୩ଟି ୱିକେଟ ନେଇଥିବା ହାସନ ମାମୁଦଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । ଅଷ୍ଟ୍ରେଲିଆ ମାଟିରେ ବାଂଲାଦେଶ ଖେଳିଥିବା ଯେ କୌଣସି ଫର୍ମାଟରେ ବାଂଲାଦେଶର ଏହା ପ୍ରଥମ ବିଜୟ। ସେହିପରି ଅଷ୍ଟ୍ରେଲିଆ ବିପକ୍ଷରେ ଦ୍ୱିତୀୟ ଟେଷ୍ଟ ବିଜୟ। ଯେକୌଣସି ଫର୍ମାଟରେ ଏହା ଦଳର ସର୍ବଶ୍ରେଷ୍ଠ ବିଜୟ ବୋଲି ମ୍ୟାଚ୍ ପରେ ବାଂଲାଦେଶ ଅଧିନାୟକ ନଜମୁଲ ହୋସେନ୍ ଶାନ୍ତ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS